78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ■ ସଂଖ୍ୟା-୨୯୦● କଟକ● ଗୁରୁବାର ●୨୯ ମଇ-୨୦୨୫ ●ବୃଷ- ୧୭● ସାଲ୍ ୧୪୩୧

CUTTACK● THURSDAY ● 29 MAY-2025 ● RNI Regd.No.4001/57

ମୂଲ୍ୟ: ₹ ୫ ଟଙ୍କା


## ମନ୍ତ୍ରୀ ଓ ଅଧିକାରୀଙ୍କ ଗାଡ଼ି ଖର୍ଚ୍ଚ ବୃଦ୍ଧି କଲେ ସରକାର

ଭୁବନେଶ୍ୱର: ବଢ଼ିଲା ମନ୍ତ୍ରୀ ଓ ଅଧିକାରୀଙ୍କ ଗାଡ଼ି ଖର୍ଚ୍ଚ। ପୂର୍ବ ନିର୍ଦ୍ଧାରିତ ଖର୍ଚ୍ଚ ସୀମାରେ ସଂଶୋଧନ କରି ମାସିକ ଗାଡ଼ି ଖର୍ଚ୍ଚ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ବୃଦ୍ଧି ପରେ ମନ୍ତ୍ରୀଙ୍କ ଗାଡ଼ି ଖର୍ଚ୍ଚ ୫୦,୪୦୦ ଟଙ୍କା ହୋଇଛି। ସେହିପରି ଜିଲାପାଳ, ଏସ୍ପିଙ୍କ ଗାଡ଼ି ଖର୍ଚ୍ଚ ୪୪, ୪୦୦ ଟଙ୍କାକୁ ବୃଦ୍ଧି ପାଇଛି।

**ସମ୍ପାଦକୀୟ**

**ପାଣିପାଗର ମତିଗତି**

**ବାଟେଘାଟେ**



ମହାକାଳ ପଡ଼ା ଅନାସ୍ଥା ପ୍ରସ୍ତାବ
ଚାଲି ଅଛି ଠିଆ ପାଲା
ଭୋଟ ଆଗରୁ ଅଧକ୍ଷାଙ୍କ ଦେହ
ହଠାତ ବିଗିଡି ଗଲା
ଶୁଭି ଲାଣି ହୋ ହଲ୍ଲା
ଆଗରୁ ବି ନଅ ଜଣ ସଭ୍ୟଙ୍କର
ଏମିତି ବି ହୋଇ ଥିଲା
ଅସୁସ୍ଥ ସଦସ୍ୟ ଅଂଚଳର କାମ
କେମିତି କରିବେ ଭଲା
ବିଜେଡି ବାଲାଙ୍କ ଫଟା କପାଳରେ
ବିଜେପି ଠୁଙ୍କଇ ତାଲା

-ରାହୀ

# ଓଡ଼ିଶା ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ



ଭୁବନେଶ୍ୱର: ବୁଧବାର ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳକୁ ମୌସୁମୀ ବାୟୁ ସ୍ପର୍ଶ କରିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ଏଥର ଓଡ଼ିଶା ଛୁଇଁଛି ମୌସୁମୀ ବାୟୁ। ପାଗ ଅନୁକୂଳ ଥିବାରୁ ବୁଧବାର ଓଡ଼ିଶା ଛୁଇଁଛି ମୌସୁମୀ। ମେ' ୨୪ ତାରିଖରେ କେରଳ ଛୁଇଁଥିଲା ମୌସୁମୀ ବାୟୁ। ସୂଚନାଯୋଗ୍ୟ, ଗତ ବର୍ଷ ଜୁନ୍ ୮ ତାରିଖରେ ଓଡ଼ିଶା ଛୁଇଁଥିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଏହା ପୂର୍ବରୁ ୧୯୯୯ରେ ମେ' ୨୮ ରେ, ଏବଂ ୨୦୦୯ରେ ମେ' ୨୫ରେ ଓଡ଼ିଶା ଛୁଇଁଥିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ସେପଟେ ଏଥର ମୌସୁମୀ ଋତୁରେ ୧୦୬ ପ୍ରତିଶତ ଅର୍ଥାତ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ଆକଳନ କରାଯାଇଥିବାରୁ, ଚାଷ କାମ ପାଇଁ ଏହା ବେଶ୍ ଉପାଦେୟ ହେବ। ଚଳିତ ଥର ଓଡ଼ିଶାକୁ ମଧ ମୌସୁମୀ ସଅଳ ସ୍ପର୍ଶ କରିବ। ଗୁରୁବାର ସୁଦ୍ଧା ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ କହିଥିଲେ। ଉତ୍ତରପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ପ୍ରଭାବରେ ଓଡ଼ିଶା ଉପକୂଳସ୍ଥ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ସାରା ଓଡ଼ିଶାରେ ମେଘୁଆ ପାଗ ଜାରି ରହିବା ସହ ଅଳ୍ପବହୁତ ବର୍ଷା ହୋଇଥିଲା। ଲଘୁଚାପ କ୍ଷେତ୍ରଟି ଧୀରେଧୀରେ ଉତ୍ତର ଦିଗକୁ ଗତି କରିବ ଓ ଆସନ୍ତା ୪୮ ଘଣ୍ଟାରେ ଅଧିକ ସ୍ପଷ୍ଟ ରୂପ ନେବ। ଫଳରେ ୩୧ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ବର୍ଷା, ଝଡ଼ତୋଫାନ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ଓଡ଼ିଶାରେ ମୌସୁମୀ ସକ୍ରିୟ ହେବାକୁ

## ୩୧ ତାରିଖ ଯାଏଁ ଛେଚିବ ବର୍ଷା

ଭୁବନେଶ୍ୱର : ଆସନ୍ତା ୩୧ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆସନ୍ତାକାଲି ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ଓ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ କେନ୍ଦୁଝର, ଯାଜପୁର, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।


**ପ୍ରଜାତନ୍ତ୍ର ପ୍ରଚାର ସମିତି**
ଆନୁକୂଲ୍ୟରେ
**ପ୍ରଜାତନ୍ତ୍ର ପାଠଚକ୍ର**

**ସମୟ : ୩୧।୦୪।୨୦୨୫ ଶନିବାର ସନ୍ଧ୍ୟା ୬ଟା**
**ସ୍ଥାନ : ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷ, ବିହାରୀବାଗ, କଟକ**
**ବିଷୟ : ପହଲଗାମ ଓ ଅପରେସନ ସିନ୍ଦୂର**

ସଭାପତି : କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ
ନିର୍ଦ୍ଦେଶକ, ଏନ୍.ସି.ସି.

ସମ୍ମାନିତ ବକ୍ତା : ଗ୍ରୁପ୍ କ୍ୟାପ୍ଟେନ୍ ସଞ୍ଜୀବ ମହାପାତ୍ର
ଏୟାରଫୋର୍ସ (ଅବସରପ୍ରାପ୍ତ)

: କର୍ଣ୍ଣେଲ ଶରତ ମହାପାତ୍ର
ଆର୍ମି (ଅବସରପ୍ରାପ୍ତ)

*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*

ଆବାହକ :
ଡାକ୍ତର ରବିରଞ୍ଜନ ସାହୁ
ମୋ:୯୪୩୭୩-୧୦୧୭୧
ଶ୍ରୀ ସନ୍ତୋଷ କୁମାର ପତି

// ନିବେଦକ //
ଶ୍ରୀ ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ


## ଧାନ ଏମଏସ୍‌ପି ୬୯ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ : ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ଚାଷୀମାନଙ୍କ ଲାଭ ସରକାର ଅନେକ ଫସଲର ଏମଏସପି ବୃଦ୍ଧି କରିଛନ୍ତି । ୨୦୨୫-୨୬ ଖରିଫ ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କୁ ୬୯ ଟଙ୍କା ବୃଦ୍ଧି କରି ୨,୩୬୯ ଟଙ୍କା କରିବାକୁ ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ସରକାର ୨ ଲକ୍ଷ ୭ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଛଡ଼ା ଜଓ୍ୱାର, ବାଜରା, ମକା, ମାଣ୍ଡିଆ ଆଦିର ଏମଏସପି ବୃଦ୍ଧି କରାଯାଇଛି। ସେହିପରି ହରଡ଼, ମୁଗ, ବିରି ଆଦି ଡାଲିଜାତୀୟ ଫସଲ, ସୂର୍ଯ୍ୟମୁଖୀ, ବାଦାମ, ରାଶି ଓ ସୋୟାବିନ ଆଦି ତୈଳବୀଜ ଓ କପାର ଏମଏସପି ବୃଦ୍ଧି କରାଯାଇଛି । କ୍ୟାବିନେଟ ନିଷ୍ପତ୍ତି ସଂମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'କୃଷକମାନଙ୍କ ପାଇଁ କେତେକ ବଡ଼ ନିଷ୍ପତ୍ତି ନିଆଯାଇଛି। ଗତ ୧୦-୧୧ ବର୍ଷ ମଧ୍ୟରେ ଖରିଫ ଫସଲ ପାଇଁ ଏମଏସପି ରେ ଏକ ବଡ଼ ବୃଦ୍ଧି କରାଯାଇଛି। ଏଥର ୨୦୨୫-୨୬ ଖରିଫ ଋତୁ ପାଇଁ ଏମଏସପିକୁ କ୍ୟାବିନେଟ୍ ଅନୁମୋଦନ କରିଛି। ମୋଟ ବ୍ୟୟ ପରିମାଣ ପ୍ରାୟ ୨,୦୭,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପ୍ରତ୍ୟେକ ଫସଲ ପାଇଁ ଖର୍ଚ୍ଚ ସହିତ ୫୦ ପ୍ରତିଶତ ହିସାବରେ ନିଆଯାଇଛି।' କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଚାଷୀଙ୍କ ପାଇଁ ସୁଧ ଛାଡ ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଅତିରିକ୍ତ ୧୫ ହଜାର ୬୪୨ କୋଟି ଟଙ୍କା ବ୍ୟୟ ହେବ। ସେ କହିଛନ୍ତି, କିଷାନ କ୍ରେଡିଟ୍ କାର୍ଡ (କେସିସି) ଉପରେ ୪ ପ୍ରତିଶତ ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି।

## ଓଡ଼ିଶାରୁ ଆଉ ୫ କୋଭିଡ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର: ପୁଣି ଡରାଇଲାଣି କରୋନା । ରାଜ୍ୟରେ ମେଲାଇଲାଣି କାୟା। ୫ ଜଣଙ୍କୁ କଲାଣି ଆକ୍ରାନ୍ତ। ଭୁବନେଶ୍ୱର ପାଲଟିଛି କୋଭିଡ୍ ହଟ୍ସ୍ପଟ୍ । ସପ୍ତାହକ ତଳେ ମେ' ୨୧ରେ ରାଜ୍ୟରେ ଚିହ୍ନଟ ହୋଇଥିଲା ଚଳିତ ବର୍ଷର ପ୍ରଥମ କୋଭିଡ୍ ପଜିଟିଭ । କରୋନାରେ ଆକ୍ରାନ୍ତ ହୋଇଥିଲେ ଭୁବନେଶ୍ୱରର ଜଣେ ୭୬ ବର୍ଷୀୟ ବୟସ୍କ। ସପ୍ତାହେ ନ ଛୁଉଁଣୁ ରାଜ୍ୟରେ ପୁଣି ଚିହ୍ନଟ ହେଲେଣି ଆଉ ୪ କରୋନା ଆକ୍ରାନ୍ତ। ଏମାନଙ୍କ ମଧ୍ୟରୁ ୩ ଜଣ ଭୁବନେଶ୍ୱରରୁ ହୋଇଥିବା ବେଳେ ଜଣେ ଖୋର୍ଦ୍ଧା ଜଟଣୀ ଅଞ୍ଚଳର। ନୂଆ କୋଭିଡ୍ ପଜିଟିଭ୍‌ଙ୍କ ମଧ୍ୟରୁ ୩ ଜଣ ପୁରୁଷ ଓ ଜଣେ ମହିଳା । ଏ ସମସ୍ତ କରୋନା ଆକ୍ରାନ୍ତ ୨୦ରୁ ୩୫ ବର୍ଷ ବୟସ ମଧ୍ୟରେ, ଅର୍ଥାତ୍ ଯୁବଗୋଷ୍ଠୀ। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ରାଜ୍ୟରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। କୌଣସି ସ୍ଥାନରେ ଅସ୍ୱାଭାବିକ ବୃଦ୍ଧି ଦେଖାଯାଇନି। ଏବେ ରାଜ୍ୟରେ ଦେଖାଦେଉଥିବା କୋଭିଡ୍ ଭାରିଆଣ୍ଟ ଘାତକ ନୁହେଁ । ତେଣୁ ବ୍ୟସ୍ତ କିମ୍ବା ଭୟଭୀତ ହେବାର କାରଣ ନାହିଁ। ଏମିତିକି କୋଭିଡକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ନୂଆ ଗାଇଡ୍ ଲାଇନ୍ ଆସିନି। ୨୦୨୨ ମସିହାରେ ଜାରି ହୋଇଥିବା କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ନିଆଯାଉଛି ଆବଶ୍ୟକ ପଦକ୍ଷେପ ।







# ଅନ୍ତର୍ଜାତୀୟ ଏଭରେଷ୍ଟ ଡେ



ପ୍ରତିବର୍ଷ ମେ’ ୨୯କୁ ଅନ୍ତର୍ଜାତୀୟ ଏଭରେଷ୍ଟ ଡେ’ ଭାବେ ପାଳନ କରାଯାଉଛି। ୧୯୫୩ର ଏହି ଦିନରେ ସୁଉଚ୍ଚ ଏଭରେଷ୍ଟ ଆରୋହଣ କରିବାରେ ସକ୍ଷମ ହୋଇଥିଲେ ନେପାଳର ତେନଜିଙ୍ଗ ନରଗେ ଏବଂ ନ୍ୟୁଜିଲ୍ୟାଣ୍ଡର ଏଡମଣ୍ଡ ହିଲାରୀ। ଏହି ସ୍ମୃତିକୁ ନେଇ ଉକ୍ତ ଦିବସ ପାଳନ କରାଯାଏ। ନେପାଳ କ୍ରମାଗତ ଭାବରେ ଅନ୍ତର୍ଜାତୀୟ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରିବାକୁ ମନୋନୀତ ହୋଇଛି। ଉକ୍ତ ଦିନ ନେପାଳର ରାଜଧାନୀ କାଠମାଣ୍ଡୁରେ ପର୍ବତ ଆରୋହଣକାରୀଙ୍କୁ ପ୍ରଶଂସା କରିବା ପାଇଁ ପରେଡ କରାଯାଏ। ସମଗ୍ର ବିଶ୍ୱରେ ଉଚ୍ଚତମ ପର୍ବତ ଭାବେ ପରିଚିତ ମାଉଣ୍ଟ ଏଭରେଷ୍ଟ। ବହୁ ବ୍ୟକ୍ତି ଦିନଟିଏ ପାଇଁ ବି ଏହି ପର୍ବତର ବିରାଟ ଉଚ୍ଚତାକୁ ନିଜ ଆଖିରେ ଦେଖିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। ଆପଣ ଜଣେ ସଫଳ ପର୍ବତାରୋହୀ ହୁଅନ୍ତୁ କିମ୍ବା ପ୍ରକୃତିର ଅପରୂପକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ହୁଅନ୍ତୁ, ମାଉଣ୍ଟ ଏଭରେଷ୍ଟ ଡେ’ ଏଭଳି ଏକ ଅନୁଭୂତି ଆଣିଥାଏ। ଏଥିସହିତ ଉକ୍ତ ଦିନ ପାର୍ବତ୍ୟାଞ୍ଚଳବାସୀଙ୍କ ସମସ୍ୟା, ପରିବେଶ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ପ୍ରଭାବ, ପର୍ବତାରୋହୀଙ୍କୁ ଉତ୍ସାହିତ କରିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥାଏ।



# ରାତିରେ ଛୁଆଙ୍କୁ ଅନ୍ଧାରରେ ନା ଆଲୁଅରେ ଶୁଆଉଛନ୍ତି ?

**ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ, ସେମାନଙ୍କ ସହିତ ଜଡିତ ପ୍ରତ୍ୟେକ ଛୋଟ ଛୋଟ କଥା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । କାରଣ ଯୁବାବସ୍ଥାରେ ସାମାନ୍ୟ ଅବହେଳା ମଧ୍ୟ ଭବିଷ୍ୟତରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ବଡ଼ ପ୍ରଭାବ ପକାଇପାରେ ।**

ଲୋକମାନେ ପ୍ରାୟତଃ ପିଲାକୁ ଶୋଇବା ସମୟରେ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଏପରି ଅବହେଳା କରନ୍ତି । ପ୍ରକୃତରେ, ପିଲାମାନଙ୍କର ରାତିରେ ଶୋଇବା ସେମାନଙ୍କ ମାନସିକ ଏବଂ ଶାରୀରିକ ବିକାଶ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଲୋକମାନେ ପ୍ରାୟତଃ ସେମାନଙ୍କୁ ଶୋଇବା ସମୟରେ ଏକ ଭୁଲ କରନ୍ତି, ଯାହା ପାଇଁ ସେମାନଙ୍କୁ ପରେ ପଶ୍ଚାତାପ କରିବାକୁ ପଡ଼ିପାରେ ।

**ଏକ୍ସପର୍ଟଙ୍କ ମତ କଣ-** ପ୍ରକୃତରେ, ରାତିରେ ଏକାକୀତା କିମ୍ବା ଭୟରୁ ରକ୍ଷା କରିବା ପାଇଁ ପିତାମାତାମାନେ ପ୍ରାୟତଃ ସେମାନଙ୍କ ପିଲାମାନଙ୍କୁ କୋଠରୀରେ ଏକ ଡିମ୍ ଆଲୋକ ଜଳାଇ ଶୋଇବାକୁ ଦିଅନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ ଯଦି ପିଲାଟି କୌଣସି କାରଣରୁ ରାତିରେ ଉଠିଯାଏ, ତେବେ ସେ ଅନ୍ଧାରରେ ଭୟଭୀତ ହେବା ଉଚିତ୍ ନୁହେଁ ।
ଏଥିପାଇଁ, ସେମାନେ ସେମାନଙ୍କ କୋଠରୀରେ ଏକ ଆଲୋକ ଜଳାଇ ଦିଅନ୍ତି । ତଥାପି, ବିଶେଷଜ୍ଞମାନେ କୁହନ୍ତି ଯେ ଏହି ଅଭ୍ୟାସ ପିଲାମାନଙ୍କ ପାଇଁ କ୍ଷତିକାରକ ।

ଶୋଇବା ସମୟରେ କୋଠରୀରେ ଆଲୋକ ରହିବା, ଯଦିଓ ଏହା ବହୁତ ମନ୍ଥର, ପିଲାର ଆଖି ଉପରେ ଖରାପ ପ୍ରଭାବ ପକାଇପାରେ । ଅନେକ ଅଧ୍ୟୟନର ଫଳାଫଳ ଦର୍ଶାଉଛି ଯେ ରାତିରେ ଆଲୋକ ଜଳାଇ ଶୋଇବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ମାୟୋପିଆ ହେବାର ଆଶଙ୍କା ବଢ଼ିପାରେ । କାରଣ ପିଲାମାନଙ୍କର ଆଖିପତା, ଅର୍ଥାତ୍ ଆଖି ଉପର ଚର୍ମ ବହୁତ ପତଳା, ଯାହା ଯୋଗୁଁ ନୀଳ ଆଲୋକ ସହଜରେ ଆଖି ଭିତରକୁ ପ୍ରବେଶ କରିପାରେ ଏବଂ ମାୟୋପିଆ ହେବାର ଆଶଙ୍କା ବଢ଼ାଇପାରେ । ଏହାର ଅର୍ଥ ହେଉଛି ଏହି ଛୋଟ ଭୁଲ ଯୋଗୁଁ ପିଲାମାନେ ବଡ଼ ହେବା ସହିତ ସେମାନଙ୍କର ଦୃଷ୍ଟିଶକ୍ତି ଦୁର୍ବଳ ହୋଇପାରେ ।

# ଅଧିକ ଫୋନ୍ ବ୍ୟବହାରକୁ ମନା

**ଆଜିକା ଦୁନିଆରେ ମୋବାଇଲ୍ ଆମ ଜୀବନରେ ଅଭିନ୍ନ ଅଙ୍ଗ ହୋଇପଡିଲାଣି। ଏହି ଉପକରଣ ଆମ ଜୀବନର ଅଧାରୁ ଅଧିକ କାମକୁ ସହଜ କରିପାରିଛି। ଘରେ ବସି ଟିକେଟ୍ ବୁକିଂ କରିବାଠାରୁ ଆରମ୍ଭ କରି ଅନଲାଇନ୍ ସପିଂ କିମ୍ବା ଟଙ୍କା ହସ୍ତାନ୍ତର ସବୁକିଛି ମୋବାଇଲରେ କରିବା ସମ୍ଭବ ହେଉଛି। ତେଣୁ ଏହାର ଆବଶ୍ୟକତା କ୍ରମଶଃ ବଢିଚାଲିଛି। ପିଲାଙ୍କଠାରୁ ଆରମ୍ଭ କରି ବୁଢା ଯାଏ ସମସ୍ତେ ଲଗାତାର ମୋବାଇଲ୍ ବ୍ୟବହାର କରିବାରେ ବ୍ୟସ୍ତ। ପ୍ରାୟ ଲୋକ ସୋସିଆଲ୍ ମିଡିଆରେ ଅଧିକରୁ ଅଧିକ ସମୟ ବିତାଇବାରେ ଲାଗିଛନ୍ତି। ଯାହା ଲୋକମାନଙ୍କ ପାଇଁ ସମସ୍ୟାର ବାଟ ଖୋଲି ଚାଲିଛି। ମୁଣ୍ଡବିନ୍ଧା, ନିଦ ନ ହେବା, ଚାପଗ୍ରସ୍ତ ଆଖିରୁ ଆରମ୍ଭ କରି ବେକ ଓ ପିଠି ଯନ୍ତ୍ରଣା ପରି ସମସ୍ୟାମାନ ଦେଖାଦେଇଥାଏ। ଏହା ସତ୍ତ୍ୱେ ମଧ୍ୟ ଲୋକମାନେ ଏହାର ବ୍ୟବହାରକୁ କମାଇବାକୁ ରାଜି ନୁହଁନ୍ତି। ଏବେ ଏହି ସମସ୍ୟାରେ ଯୋଡି ହୋଇଯାଇଛି ଟେକ୍ସଟ୍ ନେକ୍ ସିଣ୍ଡ୍ରୋମ୍।**

**ବେକ ନଇଁ ଯାଏ :**
ଲଗାତାର ମୋବାଇଲ୍ ବ୍ୟବହାର ପାଇଁ ନଇଁବା ଦ୍ୱାରା ଲୋକମାନଙ୍କର ବେକ ଆଗକୁ ନଇଁ ପଡିଥାଏ। ଏହାକୁ ଟେକ୍ସଟ୍ ନେକ୍ ସିଣ୍ଡ୍ରୋମ୍ କୁହାଯାଏ। ଏହାଦ୍ୱାରା ମେରୁଦଣ୍ଡ ହାଡ ଉପରେ ଅଧିକ ଚାପ ପଡିଥାଏ। ଫଳରେ ବେକ ଯନ୍ତ୍ରଣା ଓ ବେକର ମାଂସପେଶୀ ଟାଣ ହୋଇଯାଇଥାଏ। ଏହା ସହିତ ସର୍ଭାଇକାଲ୍ ସ୍ପାଇନକୁ ମଧ୍ୟ କ୍ଷତି ପହଞ୍ଚିଥାଏ। ଟେକ୍ସଟ୍ ନେକ୍ର ଲକ୍ଷଣ ମୁଣ୍ଡ ଓ ବେକ ଯନ୍ତ୍ରଣା ହୋଇଥାଏ। ବେକ ଆଗକୁ ନଇଁ ପଡିଥାଏ। ଫଳରେ ମେରୁଦଣ୍ଡ ହାଡର ଆକାର ମଧ୍ୟ ବଦଳିଯାଇଥାଏ। ଏପରିକି ଶେଷରେ ବେକର ସର୍ଜରୀ କରିବାକୁ ପଡିପାରେ।

**ଲକ୍ଷଣ :**
ବେକ ଯନ୍ତ୍ରଣା, କାନ୍ଧ ଓ ବେକରେ ଷ୍ଟିଫନେସ୍, ପିଠିର ଉପରି ଭାଗରେ ଯନ୍ତ୍ରଣା, ମୁଣ୍ଡବିନ୍ଧା, ମାଂସପେଶୀ ଟାଣ ଲାଗିବା, ହାତ ଆଙ୍ଗୁଳି ଝିମ୍ ଝିମ୍ ହେବା ଓ ବସିବା ଶୈଳୀରେ ପରିବର୍ତ୍ତନ ଆଦି ହୋଇଥାଏ। ଯଦି ଏପରି ଲକ୍ଷଣ ଦେଖାଦେଉଥାଏ, ତେବେ ସମସ୍ୟା ଗଭୀର ହୋଇଥାଇପାରେ। ଏହି ସ୍ଥିତିରେ ବେକ ହାଡ ତୀକ୍ଷ୍ଣ ହୋଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ ମୋବାଇଲର ବ୍ୟବହାରକୁ କମ୍ କରିବାକୁ ପଡିଥାଏ। ପିଲାମାନଙ୍କୁ ମୋବାଇଲ୍ ଦେବା ଆଦୌ ଉଚିତ୍ ନୁହେଁ।



# ଆଜିର ରାଶିଫଳ

**ମେଷ**
ଆଜି ଅଶ୍ୱିନୀ ନକ୍ଷତ୍ର ପ୍ରତ୍ୟେକ ପ୍ରତିବନ୍ଧକକୁ ପ୍ରତିହତ କରି କାର୍ଯ୍ୟ କରିବେ। ବନ୍ଧୁ ଗହଣରେ ସତ୍ୟଭାଷଣରୁ ପ୍ରତ୍ୟେକ ସ୍ତରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ଆପଣଙ୍କ ଦକ୍ଷତାର ମୂଲ୍ୟାୟନ ହେବା ସାଙ୍ଗକୁ ପୁରସ୍କୃତ ମଧ୍ୟ ହେବେ। ପରିବାରରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହିନପାରେ।

**ବୃଷ**
ଆଜି କୃତ୍ତିକା ନକ୍ଷତ୍ର ଉଚ୍ଚ ସମ୍ମାନ, ସାମାଜିକ ପ୍ରତିଷ୍ଠା ସହ କର୍ମକ୍ଷେତ୍ର ଓ ରାଜନୈତିକ ସ୍ଥିତିକୁ ମଜଭୁତ କରିବେ। ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ସାହସିକତାର ପରିଚୟ ଦେଇ ନିଜର ପ୍ରାଧାନ୍ୟ ବୃଦ୍ଧି କରିପାରନ୍ତି। ପୁନର୍ବସୁ ନକ୍ଷତ୍ରର ଭ୍ରାତୃ ସମ୍ପର୍କରେ ତିକ୍ତତା ସମାଧାନରେ ପଡ଼ୋଶୀ ସାହାଯ୍ୟ କରିବେ। ଆମତ୍ରୀୟମାନେ ନିଜ ଫାଇଦା ପାଇଁ ଫନ୍ଦିଫିକର କରିପାରନ୍ତି। କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି।

**କର୍କଟ**
ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିପାରନ୍ତି। ଅଶ୍ଳେଷାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଗଚ୍ଛିତ ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ। ପାରିବାରିକ କ୍ଷେତ୍ରରେ ବନ୍ଧୁସମ୍ପର୍କ ଏବଂ ଆଜିର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବାର ସମ୍ଭାବନା ରହିଛି।

**ସିଂହ**
ପରିବାରରେ ଅର୍ଥସଙ୍କଟ ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜିର କାମ ଯଥାରୀତି ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ନୂତନ ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ। ମଘା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ମାନସିକ ଅବସାଦ ଲାଗି ରହିବ।

**କନ୍ୟା**
ବିଭିନ୍ନ ସମସ୍ୟାଜନିତ ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବ। ନିର୍ଦ୍ଦିଷ୍ଟ ଜାଗାରେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ଆନୁଷ୍ଠାନିକ କାମରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ସମ୍ଭାବନା ରହିଛି। ସାଧାରଣ ତର୍କବିତର୍କିତ କଥାରେ ପ୍ରିୟ ବ୍ୟକ୍ତିଟି ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା**
ଆପଣଙ୍କ ପ୍ରତ୍ୟେକ ଉଦ୍ୟମ ବିଶୃଙ୍ଖଳିତ ରହିବ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କେତେକାଂଶରେ ସମସ୍ୟାର ସ୍ଥିତି ବଦଳି ଯାଇପାରେ। ମାନସିକ ଚାପ ବୃଦ୍ଧିଜନିତ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ। ଚିତ୍ରା ନକ୍ଷତ୍ରର ସହକର୍ମୀମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି।

**ବିଛା**
ଅନୁରାଧା ନକ୍ଷତ୍ରର ଆର୍ଥିକ ସ୍ଥିତିର ଦୁରବସ୍ଥା ଗୁରୁତ୍ୱପୂର୍ଣ୍ଣ କାମ ସମୂହକୁ ଅଟକାଇ ଦେବ। ବିଜାତୀୟ ବନ୍ଧୁଙ୍କ ସହ ମିତ୍ରତା, ନୂଆ ସ୍ଥାନ ଭ୍ରମଣର ସୁଯୋଗ ମିଳିବ। ପ୍ରତ୍ୟେକ କାର୍ଯ୍ୟ ମନ୍ଥର ହେବାରୁ ସାମୟିକ ଅନୁଚିନ୍ତା କରିପାରନ୍ତି। ପ୍ରିୟ ବ୍ୟକ୍ତିଟିର ଛଳନା ଓ ପ୍ରତାରଣା ପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇ ଯାଇପାରେ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପାରିବାରିକ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ କିଛିଟା ଲାଘବ ହେବାର ଅନୁଭବ କରିବେ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର, ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଯୋଗାଣ କାରବାର ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର**
ପାରିବାରିକ ବୁଝାମଣା, ଆର୍ଥିକ ଉନ୍ନତି ଓ ବନ୍ଧୁଙ୍କ ସାହାଯ୍ୟଲାଭରୁ ଖୁସି ରହିବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, କିନ୍ତୁ ପରିବହନରେ ଝଗଡ଼ାର ଆଶଙ୍କା ରହିଛି। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ସୂଚନା ପରିଲକ୍ଷିତ ହେବ। କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଆପଣଙ୍କ ଭୂମିକା ପ୍ରଶଂସନୀୟ ରହିବ।

**କୁମ୍ଭ**
ଦୈହିକ, ମାନସିକ ଓ କର୍ମକ୍ଷେତ୍ର ପାଇଁ ଦିନଟି ଅନୁକୂଳ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ କୃତିତ୍ୱ, ସାହିତ୍ୟାଦିରୁ ସମ୍ମାନିତ ହେବେ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି। କର୍ମକ୍ଷେତ୍ରରେ ସନ୍ଦେହାଚ୍ଛନ୍ନ ହୋଇ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମୀନ**
ବନ୍ଧୁ ଆର୍ଥିକ ମାନଦଣ୍ଡକୁ ମଜଭୁତ କରିବା ସହ ପାରିବାରିକ ଜୀବନକୁ ସୁଖ, ସନ୍ତୋଷର ମାର୍ଗଦର୍ଶକ ହୋଇପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେବତୀ ନକ୍ଷତ୍ର ସକାଶେ କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ବୈବାହିକ କାର୍ଯ୍ୟ ଦିଗରେ ମନୋନିବେଶ କରିପାରନ୍ତି।

# ଷ୍ଟ୍ରୋକ୍ ପାଇଁ ମହୁ ମହୌଷଧୀ



ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ। ପିଲାଠୁ ବୁଢ଼ା ସମସ୍ତଙ୍କର ଏହା ପ୍ରିୟ। ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି। ଏହାର ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ। ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଲେମ୍ବୁ ରସ ଓ ଏକ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ। ଏହାର ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଶରୀରରେ ରକ୍ତ ସଂଚାଳନକୁ ସକ୍ରିୟ ରଖିଥାଏ। ଫଳରେ ହାର୍ଟ-ଆଟାକ୍, ଷ୍ଟ୍ରୋକ୍ ଓ କ୍ୟାନ୍ସର ଭଳି ଭୟଙ୍କର ରୋଗରୁ ଏହା ଆମକୁ ରକ୍ଷା କରିଥାଏ। ଉଚ୍ଚ ରକ୍ତଚାପ ବ୍ୟତୀତ ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ସାଧାରଣତଃ ଡାଇବେଟିସ ଥିବା ଲୋକମାନଙ୍କୁ ମିଠା ଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। କିନ୍ତୁ ମହୁ ସେମାନଙ୍କ ପାଇଁ ବେଶ୍ ଉପଯୋଗୀ। ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ। ଆମ ଶରୀରର କୌଣସି ସ୍ଥାନରେ ଯଦି ଘା’ ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା। ଏହା ଆମ ମସ୍ତିଷ୍କକୁ ତୀକ୍ଷ୍ଣ କରିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ।

# ବୁଟ ଡାଲି ହାଲୱା

**ଆବଶ୍ୟକ ସାମଗ୍ରୀ:** ଅଧା କପ୍ ବୁଟ ଡାଲି,ଅଧା କପ୍ କ୍ଷୀର, ଅଳ୍ପ ଗୁଜୁରାତି,୧ ଚାମଚ ଘିଅ, ଅଧା କପ୍ ଚିନି,ଅଧା କପ୍ ଘିଅ,ଅଳ୍ପ ବାଦାମ ଓ କାଜୁ ।

**ପ୍ରସ୍ତୁତି ପ୍ରଣାଳୀ:** ପୂର୍ବରୁ ବୁଟ ଡାଲିକୁ ଭିଜାଇ ରଖନ୍ତୁ । ଏହାପରେ ବୁଟ ଡାଲିରୁ ପାଣି ବାହାର କରି ଏକ ପାତ୍ରରେ ରଖନ୍ତୁ । ଏହାପରେ ଭିଜା ବୁଟ ଡାଲିକୁ ଭଲଭାବେ ଗ୍ରାଇଣ୍ଡ କରି ଏକ ପାତ୍ରରେ ରଖନ୍ତୁ। ଏହାପରେ ଚୁଲିରେ କଡେଇ ବସେଇ ଅଳ୍ପ ଘିଅ ଗରମ କରନ୍ତୁ। ଏହାପରେ ଘିଅ ଗରମ ହୋଇଯିବା ପରେ ସେଥିରେ ବଟା ହୋଇଥିବା ବୁଟ ଡାଲିକୁ ପକାଇ ଏହାକୁ ଭାଜନ୍ତୁ । ବୁଟ ଡାଲିର ମିଶ୍ରଣକୁ ଗୋଲଡ୍ଡେନ ଏଣ୍ଡ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଏହାକୁ ଭାଜନ୍ତୁ । ଏହାପରେ ଆଉ ଏକ କଡେଇରେ ଅଧା କପ୍ କ୍ଷୀରକୁ ଫୁଟାଇ ସେଥିରେ ବୁଟ ଡାଲିର ମିଶ୍ରଣକୁ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏହାପରେ କମ୍ ଆଞ୍ଚରେ ଏହି ମିଶ୍ରଣକୁ ଫୁଟାନ୍ତୁ ଓ କ୍ଷୀର ଓ ଡାଲି ମିଶି ଶୁଖିବା ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ। ଏହାପରେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ଏହି ମିଶ୍ରଣକୁ ଭଲଭାବେ ଗୋଳାନ୍ତୁ। ଏବେ ହାଲୱା ଉପରେ କଟା କାଜୁ ଓ କଟା ବାଦାମ ଖଣ୍ଡକୁ ପକାଇ ମିଶାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ ‘ବୁଟ ଡାଲି ହାଲୱା’ ।



# ‘ସ୍ପିରିଟ୍’ର ନୂଆ ନାୟିକା ତୃପ୍ତି




ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଅପକମିଙ୍ଗ୍ ଫିଲ୍ମ ‘ସ୍ପିରିଟ୍’ରେ ପ୍ରଭାସଙ୍କ ଅପୋଜିଟରେ ନଜର ଆସିବେ ତୃପ୍ତି ଡିମରୀ। ଫିଲ୍ମରୁ ଦୀପିକା ହଟିବା ପରେ ଏବେ ନିର୍ମାତା ଔପଚାରିକ ରୂପେ ତୃପ୍ତିଙ୍କ ନାଁ ଘୋଷଣା କରିଛନ୍ତି। ତୃପ୍ତି ମଧ୍ୟ ଇନଷ୍ଟାଗ୍ରାମରେ ଏ ବିଷୟରେ ସ୍ପଷ୍ଟ କରିଛନ୍ତି। ସେ ଲେଖିଛନ୍ତି ‘ଏବେ ବି ବିଶ୍ୱାସ ହେଉନାହିଁ। ଏହି ଯାତ୍ରାରେ ମୋତେ ସାମିଲ କରିବା ପାଇଁ ମୁଁ କୃତଜ୍ଞ। ଧନ୍ୟବାଦ ସନ୍ଦୀପ ରେଡ୍ଡୀ ଭାଙ୍ଗା। ଆପଣଙ୍କ ଦୂରଦୃଷ୍ଟିର ଅଂଶ ହୋଇ ସମ୍ମାନିତ ଅନୁଭବ କରୁଛି।’ ଏହା ପୂର୍ବରୁ ‘ଆନିମଲ’ରେ ସନ୍ଦୀପଙ୍କ ସହ ତୃପ୍ତି କାମ କରିଥିଲେ। ଏହି ଫିଲ୍ମ ତାଙ୍କୁ ରାତାରାତି ଲୋକପ୍ରିୟ କରିଥିଲା। ‘ଆନିମଲ’ ପାଇଁ ତୃପ୍ତିଙ୍କୁ ନ୍ୟାସନାଲ୍ କ୍ରଶ୍ ଟ୍ୟାଗ୍ ମିଳିଥିଲା। ‘ସ୍ପିରିଟ୍’ରେ ତୃପ୍ତି ପ୍ରଥମ ଥର ପ୍ରଭାସଙ୍କ ସହ ସ୍କ୍ରିନ୍ ସେୟାର କରିବେ। ଏବେ ଫିଲ୍ମର ପ୍ରାକ୍-ପ୍ରଯୋଜନା କାମ ଚାଲିଛି। ଖୁବଶୀଘ୍ର ସୁଟିଂ ଆରମ୍ଭ ହେବ। ରିପୋର୍ଟ ଅନୁଯାୟୀ ଫିଲ୍ମରେ କାମ କରିବା ପାଇଁ ଦୀପିକାଙ୍କ ଦାବିକୁ ନେଇ ନିର୍ମାତା ଖୁସି ନଥିଲେ। ମୋଟା ଅଙ୍କର ପାରିଶ୍ରମିକ, ସପ୍ତାହରେ ୫ ଦିନ ଆଠ ଘଣ୍ଟାର ଶିଫ୍ଟ ଏବଂ ଲାଭରେ ଭାଗ ଦାବି ଯୋଗୁ ଦୀପିକାଙ୍କୁ ଫିଲ୍ମରୁ ବାହାର କରାଗଲା।



# ରାଜ୍ୟ ପ୍ରଜାତନ୍ତ୍ର



କଟକ

୨୯-୫-୨୦୨୫



## ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ

# ପୁଞ୍ଜିଲାଲକୁ ଆଜୀବନ ସଜା

ପାଟଣାଗଡ଼ : ବାପା, ମା'ଙ୍କ ନୟନ ପିତୁଳାକୁ ଶେଷ କରିଦେଇଥିଲା। ସଦ୍ୟ ବିବାହ କରିଥିବା ପତ୍ନୀ ମଥାରୁ ପୋଛି ଦେଇଥିଲା ସିନ୍ଦୂର। ହେଲେ ପ୍ରାଥମିକ ଭାବେ ତା' ବିରୋଧରେ ନା ମିଳିଥିଲା କୌଣସି ସୁରାଗ୍ ନା ଥିଲେ କୌଣସି ପ୍ରତ୍ୟକ୍ଷଦର୍ଶୀ। ପୋଲିସ ଡାକେ ଡାକେ ଗଲେ ନିଜେ ପତ୍ରେ ପତ୍ରେ ଯାଇ ଖସିଯାଉଥିଲା, ଅଧ୍ୟାପନାରୁ ପାର୍ସଲ ବୋମାର ଅପରାଧ ଭିଆଇଥିବା ସାତିର ଦିମାଗଧାରୀ ପୁଞ୍ଜିଲାଲ୍ ମେହେର। ଏଭଳି ଭାବେ ୨ ମାସର ଲୁଚକାଳି ଭିତରେ ସାମ୍ନାକୁ ଆସିଥିଲା ଇଂରାଜୀରେ ଲେଖା ପୁଞ୍ଜିଲାଲର ବେନାମୀ ଚିଠି। ଯେଉଁ ଚିଠିରୁ ଖିଅ ଖୋଜୁ ଖୋଜୁ କ୍ରାଇମବ୍ରାଞ୍ଚ ଖୋଲିଥିଲା ପୁଞ୍ଜିଲାଲର ପାପର ପେଡ଼ି। ସିନ୍ଦୂର, ବୃଦ୍ଧ ବାପା-ମା'ଙ୍କ ଅଲିଅଳ ସନ୍ତାନ ସହ ଦୁଇ ଦୁଇ ଜଣଙ୍କ ଯିଏ ପ୍ରାଣ ନେଇଥିଲା, ତାର ନା ମିଳିଥିଲା ପ୍ରମାଣ ନା ଥିଲେ କୌଣସି ପ୍ରତ୍ୟକ୍ଷଦର୍ଶୀ। ହେଲେ ଅପରାଧୀ ଯେତେ ଚତୁର ହେଉ ନା କାହିଁକି, କେଉଁଠି ନା କେଉଁଠି ଛାଡ଼ିଯାଏ ସୁରାଗ୍। ଠିକ୍ ସେହି ନ୍ୟାୟରେ ଫିଟିଲା ପୁଞ୍ଜିଲାଲ ଦ୍ୱାରା ସଂଘଟିତ ବିରଳରୁ ବିରଳତମ ଅପରାଧର ଗୁମର।

କୃତକର୍ମ ପାଇଁ ବଡ଼ ଦଣ୍ଡ । ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଦୋଷୀ ପୁଞ୍ଜିଲାଲ ମେହେରକୁ ହୋଇଛି ଆଜୀବନ ଜେଲ୍ । ୨୦୧୮ ମସିହାର ଏ ଲୋମହର୍ଷକ ମାମଲାର ଚୂଡ଼ାନ୍ତ ରାୟ ଶୁଣାଇ ବୁଧବାର ପୁଞ୍ଜିଲାଲକୁ ଆଜୀବନ ସଜା ଶୁଣାଇଛନ୍ତି ସେଠିକାର ଏଡିଜେ କୋର୍ଟ । ଦୋଷୀକୁ ଫାଶି ଦଣ୍ଡ ଦେବାକୁ ସରକାରୀ ଓକିଲ ଯୁକ୍ତି ରଖିଥିଲେ, କିନ୍ତୁ ଏହା ବିରଳତମ ଘଟଣା ହୋଇଥିଲେ ବି ଲୋମଟଙ୍କୁରା ନୁହେଁ ବୋଲି ଦର୍ଶାଇ ଲାଇଫର୍ ଆଦେଶ ଦେଇଥିଲେ ବିଚାରପତି । ତେବେ ୭ ବର୍ଷର ସଂଘର୍ଷ ପରେ ନ୍ୟାୟ ମିଳିଥିବାରୁ ପୁଅର ଆତ୍ମାକୁ କିଛି ମାତ୍ରାରେ ଶାନ୍ତି ମିଳିଥିବ ବୋଲି କୋହଭରା କଣ୍ଠରେ କହିଛନ୍ତି ମୃତ ସୌମ୍ୟଙ୍କ ବାପାମାଆ ।



''ସେଇଟା ସଇତାନ, ନା ପଶୁ କି ରାକ୍ଷସ, ତା ତ ଜାଣି ହେଲାନି...ହେଲେ ଅମଣିଷ ପୁଞ୍ଜିଲାଲକୁ ଆଜୀବନ ଜେଲ୍ ଦଣ୍ଡ ହୋଇଛି, ଶୁଣି ଆଶ୍ୱସ୍ତି ଲାଗୁଛି'' ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ମାମଲାର ଚୂଡ଼ାନ୍ତ ରାୟ ପରେ କୋର୍ଟ ବାହାରେ ମନକୁ ଶାନ୍ତ୍ୱନା ଦେଇ ଏମିତି କୋହଭରା କଣ୍ଠରେ ଅଳ୍ପ କିଛି ପ୍ରତିକ୍ରିୟା ଦେଇ ମନକୁ ବୁଝାଇଥିଲେ ମୃତ ସୌମ୍ୟଶେଖର ସାହୁଙ୍କ ମାଆ ସଂଯୁକ୍ତା । ବାପା ରବୀନ୍ଦ୍ର ବି ଲୁହ ଓ କୋହକୁ ଚାପି ରଖି କହିଥିଲେ- ଦୋଷୀକୁ ଫାଶି ନହେଲା ନାହିଁ, ଆଜୀବନ ଜେଲ୍ ତ ହୋଇଛି । ୭ ବର୍ଷ ତଳୁ ନ୍ୟାୟପାଳିକାକୁ ଭରସା ରଖି ଯେଉଁ ସଂଘର୍ଷ କରୁଥିଲି, ବାପ ହିସାବରେ ଆଜି ସ୍ୱର୍ଗତ ପୁଅର ଆତ୍ମାକୁ ସାମାନ୍ୟ ନ୍ୟାୟ ତ ଦେଇପାରିଛି ।

ହତ୍ୟାକାରୀ ପୁଞ୍ଜିଲାଲ ମେହେରକୁ କଣ ହେବ ଦଣ୍ଡ ? ୭ବର୍ଷର ତଳର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଦୋଷୀକୁ ମିଳିବ କି ସଜା ? ଆଜି ସମସ୍ତଙ୍କ ନଜର ଥିଲା ପାଟଣାଗଡ଼ ଇଡଜେ କୋର୍ଟଙ୍କ ଉପରେ । ସକାଳ ସାଢ଼େ ୮ଟାରୁ ଆରମ୍ଭ ହୋଇଥିଲା ଚୂଡ଼ାନ୍ତ ରାୟ ଶୁଣାଣି ପ୍ରକ୍ରିୟା । ଆଗୁଆ ପହଞ୍ଚି ସାରିଥିଲେ ମୃତ ସୌମ୍ୟଶେଖରଙ୍କ ବାପାମାଆ, ପରେ ହାଜର କରାଯାଇଥିଲା ମୁଦଲା ପୁଞ୍ଜିଲାଲକୁ । ବିଚାରପତି ସୋନାଲି ପଟ୍ଟନାୟକ କହିଥିଲେ ଓଟଡଉର ଧାରା ୩୦୨ ହତ୍ୟା, ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାଙ୍କୁ ହତ୍ୟା ଉଦ୍ୟମ ପାଇଁ ଧାରା ୩୦୭, ୨୦୧ ଓଟଡ, ସେକ୍ସନ ୩ ଓ ୪ ଦଫା ଅନୁଯାୟୀ କରାଯାଇଛି ଦୋଷୀ । ତେବେ ସେତେବେଳେ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନଗୋ ଯୁକ୍ତି ରଖିଥିଲେ ଦୋଷୀଙ୍କୁ ଫାଶିଦଣ୍ଡ ଦିଆଯାଉ । ଏହା ବିରଳରୁ ବିରଳତମ ଘଟଣା । ଦୋଷୀ ବିରୋଧରେ ସମସ୍ତ ତଥ୍ୟ ଓ ପ୍ରମାଣ ରହିଛି । ତେବେ ତାକୁ କାଉଣ୍ଟର କରିଥିଲେ ପୁଞ୍ଜିଲାଲ୍‌ଙ୍କ ଓକିଲ ଶିବ ମିଶ୍ର ।

କୋର୍ଟଙ୍କୁ ଜଣାଇଥିଲେ- ମାମଲାର ଜଣେ ହେଲେ ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି। କେବଳ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ କରାଯାଇଛି । ଏଥିପାଇଁ ଫାଶି ଦିଆନଯାଉ । ଉଭୟ ପକ୍ଷଙ୍କ ଯୁକ୍ତି ଶୁଣି ବିଚାରପତି ଚୂଡ଼ାନ୍ତ ରାୟ ଶୁଣାଇ କହିଥିଲେ- ପୁଞ୍ଜିଲାଲଙ୍କ ଅପରାଧ ଅତ୍ୟନ୍ତ ଘୃଣ୍ୟ, ବିରଳରୁ ବିରଳତମ- ହେଲେ ଲୋମଟାଙ୍କୁରା ନୁହେଁ । ତେବେ ଭିନ୍ନ ଭିନ୍ନ ଦଫାରେ ଦୋଷୀ ସାମ୍ୟସ୍ତ ହୋଇଥିବାରୁ ତାକୁ ୨ଟିରେ ଆଜୀବନ କାରାଦଣ୍ଡ, ଅନ୍ୟ ୨ଟିରେ ୧୦ ବର୍ଷର କାରାଦଣ୍ଡ, ଗୋଟିଏ ୭ ବର୍ଷର କାରାଦଣ୍ଡ ସହ ମୋଟ୍ ୧ ଲକ୍ଷ ୭୦ ହଜାର ଟଙ୍କାର ଜରିମାନା ଆଦେଶ ହୋଇଛି । ୨୩ ଫେବ୍ରୁଆରୀ ୨୦୧୮ । ସାରା ଓଡ଼ିଶାବାସୀଙ୍କୁ ଦୋହଲାଇ ଦେଇଥିଲା ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ । ନବ ବିବାହିତ ସେ ?ମ୍ୟଶେଖର ସାହୁ ଓ ପତ୍ନୀ ରୀମାରାଣୀଙ୍କ ବାହାଘର ଭୋଜିରେ ମିଳିଥିବା ଉପହାର ପାର୍ସଲ ଖୋଲୁଥିବା ବେଳେ ଘଟିଥିଲା ଭୟଙ୍କର ବିସ୍ଫୋରଣ । ଘଟଣାସ୍ଥଳରେ ସେ ?ମ୍ୟଙ୍କ ଜେଜେ ମା'ଙ୍କର ମୃତ୍ୟୁ ହୋଇଥିବାବେଳେ ବଲାଙ୍ଗୀର ମେଡିକାଲରେ ସୌମ୍ୟଙ୍କ ପ୍ରାଣ ଯାଇଥିଲା । ଗୁରୁତର ଅବସ୍ଥାରେ କଟକ ଝଉଇରେ ଭର୍ତ୍ତି ହୋଇ ଦୀର୍ଘଦିନ ଚିକିତ୍ସା ପରେ ଫେରିଥିଲେ ରୀମାରାଣି । ଦୀର୍ଘ ୭ବର୍ଷର ବିଚାର ପରେ ଆଜି ହତ୍ୟାକାରୀକୁ ମିଳିଛି କୃତକର୍ମ ପାଇଁ ଆଜୀବନ ସଜା ।

# ବରିଷ୍ଠ ଭେଷଜବିତ୍ ତଥା ସମାଜସେବୀ, ତ୍ୟାଗୀ ପ୍ରଫେସର ଡ଼ା. ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ପରଲୋକ

## ଏମକେସିଜି ମେଡିକାଲ କଲେଜକୁ ଦାନ କରାଗଲା ମରଶରୀର

ବ୍ରହ୍ମପୁର, (ପିପିଏସ୍): ବରିଷ୍ଠ ଭେଷଜବିତ୍ ତଥା ସମାଜସେବୀ, ତ୍ୟାଗୀ ପ୍ରଫେସର ଡ଼ା. ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ବୁଧବାର ପ୍ରତ୍ୟୁଷରେ ଗଜପତି ନଗର ସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ପୁଷ୍ପାଞ୍ଜଳି ସାହୁ, ଦୁଇ ପୁଅ, ଝିଅଙ୍କ ସମେତ ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କ ପରଲୋକ ଖବର ପାଇ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଥିଲେ । ପିଲାବେଳୁ ଡ଼ାକ୍ତର ହେବାର ତାଙ୍କର ଇଚ୍ଛା ଥିଲା । ପାଠପଢ଼ାରେ ସେତେଟା ସୁବିଧା ନଥିଲେ ମଧ୍ୟ ଡ଼ାକ୍ତରୀ ଶିକ୍ଷା ଗ୍ରହଣ କରିଥିଲେ । ଡ଼ାକ୍ତର ହୋଇ ମାନବ ସେବା କରି ଆସୁଥିଲେ । ୯୫ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ରୋଗୀସେବା ଜାରି ରଖିଥିଲେ। ସେ ଅନୁଗୁଳ ଜିଲାର ତଳମୁଳ ଗ୍ରାମରେ ଅନୁଗୁଳରେ ୧୯୩୧ ଜାନୁଆରୀ ୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ବ୍ରହ୍ମପୁରକୁ କର୍ମଭୂମି ଭାବେ ଗ୍ରହଣ କରିଥିଲେ । ସେ ରାଜ୍ୟ ତଥା କେନ୍ଦ୍ରର ବିଭିନ୍ନ ପଦ ପଦବୀରେ ରହିଥିଲେ ମଧ୍ୟ ରୋଗୀସେବାକୁ ପ୍ରାଧାନ୍ୟତା ଦେଉଥିଲେ। ପ୍ରଫେସର ଡ଼ା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଏକାଧାରରେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭେଷଜ ଚିକିତ୍ସାବିତ୍, ମେଧାବୀ ଛାତ୍ର, ଗୁରୁଣାଂ ଗୁରୁ, ନିରଳସ ସମାଜସେବୀ, ଆଧ୍ୟାତ୍ମିକବାଦୀ, ଗବେଷକ, ଆଦର୍ଶ ଶିକ୍ଷକ, ତ୍ୟାଗୀ ପୁରୁଷ ଓ ସର୍ବୋପରି ଜଣେ ଆଦର୍ଶ ବ୍ୟକ୍ତିବିଶେଷ ଭାବେ ପରିଚିତ ଥିଲେ ।



ସେଠାରୁ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ପରେ କଟକ ରେଭେନ୍ସା କଲେଜରେ ଅଧ୍ୟୟନ ଓ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରି ବାରିପଦାରେ ପ୍ରଥମ ଚାକିରି ଜୀବନ ଆରମ୍ଭ କରିଥିଲେ । ତପରେ ଉଚ୍ଚତର ସ୍ନାତକୋତ୍ତର ଶିକ୍ଷାପାଇଁ ବିଦେଶ ଯାତ୍ରାକରି ୟୁନାଇଟେଡ୍ କିଙ୍ଗ୍‌ଡ଼ମ୍‌ର ଏଡ଼ିନ୍ ବର୍ଗ, ଗ୍ଲାସଗୋ ବିଶ୍ୱବିଦ୍ୟାଳୟରୁ ଏମ୍.ଆର.ସି.ପି ଏବଂ ଏମ୍.ଆର.ସି.ପି, ଏଫଆରସିପି ଓ ଏଫଆଇସିପି (ଇଂଲଣ୍ଡ) ଉପାଧି ଲାଭ କରିଥିଲେ । ଓଡ଼ିଶାର ବୁର୍ଲା ମେଡ଼ିକାଲ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦେଇ ପରେ ବ୍ରହ୍ମପୁର ମେଡ଼ିକାଲ କଲେଜରେ ଅଧ୍ୟାପକ ଓ ପରେ ବିଭାଗୀୟ ମୁଖ୍ୟ ଭାବେ କାମ କରି ୧୯୮୬ରେ ସ୍ୱଇଚ୍ଛାରେ ଅବସର ଗ୍ରହଣ କରି ସାଉଦି ଆରବ ଯାତ୍ରା କଲେ । ସେଠି ଭେଷଜ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟକରି ୧୯୯୦ରେ ପୁଣି ଭାରତ ପ୍ରତ୍ୟାବର୍ତ୍ତନ କଲେ । କାର୍ଯ୍ୟକାଳ ଅବଧିରେ ସେ ରାଜ୍ୟର ତିନିଟି ଭେଷଜ ମହାବିଦ୍ୟାଳୟରେ ଅଧ୍ୟାପନା କରି ଅନେକ ଚିକିତ୍ସକଙ୍କୁ ସୃଷ୍ଟି କରିପାରିଥିଲେ । ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସଂପାନରେ ଯୋଗଦେଇ ଉଚ୍ଚକୋଟୀର ଗବେଷଣା ମୂଳକ ନିବନ୍ଧମାନ ପାଠ କରିଥିଲେ । ତାଙ୍କରି ଅଧ୍ୟାପନା କାଳରେ ଅନେକ ଭେଷଜ ଛାତ୍ର ସୃଷ୍ଟି କରିବା ସହ ଅନେକ ଛାତ୍ରଙ୍କୁ ସ୍ନାତକୋତ୍ତର ଭେଷଜ ଉପାଧି ପ୍ରଦାନ କରିଥିଲେ । ଚିକିତ୍ସା କ୍ଷେତ୍ରରେ ରାଜଯୋଗ ଓ ପ୍ରାଣାୟାମର ପ୍ରଭାବ ଉପରେ ସେ ଗବେଷଣା କରି ବିଭିନ୍ନ ରୋଗୀଙ୍କୁ ଉପଶମ କରିପାରିଛନ୍ତି। ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ, ସ୍ୱାମୀ ଶିବାନନ୍ଦ, ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ଦର୍ଶନମାର୍ଗର ସେ ଜଣେ ଅନୁଗାମୀ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପଦ୍ମଭୂଷଣ ପ୍ରାଣକୃଷ୍ଣ ପରିଜାଙ୍କ ଠାରୁ କ୍ରୀଡା କ୍ଷେତ୍ରରେ ପାରଦର୍ଶିତା ପାଇଁ ସେ ୟୁନିଭରସିଟି କ୍ରେଷ୍ଟରେ ପୁରସ୍କୃତ ହୋଇଥିଲେ। ଚାକିରି ଜୀବନରେ ଦୁଇଶତାଧିକ ଭେଷଜ ଛାତ୍ର ସୃଷ୍ଟି କରିବାର ଗୌରବ ଅର୍ଜନ କରିପାରିଥିଲେ। ସେ ଶତାଧିକ ଅନୁଷ୍ଠାନରୁ ସମ୍ମାନିତ ହୋଇଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସାମଗ୍ରିକ କୃତିପାଇଁ ସେ କୁଳାଧିପତିଙ୍କ ଠାରୁ ସମ୍ମାନସୂଚକ ଡ଼ି.ଏସ୍‌ସି ଉପାଧି ଲାଭ କରିଛନ୍ତି । ଶିକ୍ଷକତା ଓ ଗବେଷଣା ପାଇଁ ତତ୍କାଳୀନ ରାଜ୍ୟପାଳ ଡ଼. ଏସ୍.ସି ଜମିରଙ୍କ ଦ୍ୱାରା ବିରଳ ବ୍ୟକ୍ତିତ୍ୱ ସମ୍ମାନ, ତତ୍କାଳୀନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ୍‌ଙ୍କ ଦ୍ୱାରା ମାଉଣ୍ଟ୍ ଆବୁରେ ହୃଦରୋଗର ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ପାଇଁ ସର୍ବୋତ୍ତମ ସେବା ଉପାଧି ଭଳି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବହୁ ସମ୍ମାନରେ ସମ୍ମାନିତ ପ୍ରଫେସର ଡ଼ା. ସାହୁ ଗରିବ ରୋଗୀଙ୍କ ପ୍ରତି ସହାୟତାର ହାତ ବଢ଼ାଇବା ସହ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରତି ଆନ୍ତରିକ ବଦାନ୍ୟତା ଦେଖାଇ ଆସୁଥିଲେ। ଏଥିସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରତ ଯାଦବ, ଆନ୍ଧ୍ର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ, ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ବ୍ରହ୍ମପୁର ପ୍ରକାଶିତ ସାପ୍ତାହିକ ନବୀନର ଉପଦେଷ୍ଟା ରହିଥିଲେ । ଏହାବ୍ୟତୀତ ମାନସିକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ 'ସଖା' ଅନୁଷ୍ଠାନର ଉପଦେଷ୍ଟା ପଦବୀ ମଣ୍ଡନ କରିବା ସହ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହି ନିଃସହାୟ ଜନତାଙ୍କ ପାଇଁ କାର୍ଯ୍ୟ କରି ଆସୁଥିଲେ। ଅନୁଗୁଳ ହାଇସ୍କୁଲର ଗଙ୍ଗାଧର ଲାଇବ୍ରେରୀର ଉନ୍ନତି ପାଇଁ ସେ ଆର୍ଥିକ ସହଯୋଗ ଯୋଗାଇ ଦେଇଥିଲେ। ବୃତ୍ତିଗତ ଜୀବନରେ ସେ ୟୁନାଇଟେଡ଼୍ କିଙ୍ଗଡ଼ମ୍, ଉଜବେକିସ୍ଥାନ, ସାଉଦି ଆରବ, ମାଲେସିଆ, ବ୍ୟାଙ୍କକ୍ ଓ ଶ୍ରୀଲଙ୍କା ଇତ୍ୟାଦି ବହୁ ବିଦେଶ ଗସ୍ତ କରିଥିଲେ। ଏହି ବଦାନ୍ୟ ଏବଂ ସେବା ପ୍ରଣୋଦିତ ବ୍ୟକ୍ତିତ୍ୱ ମୃତ୍ୟୁପରେ ନିଜର ଚକ୍ଷୁ ଓ ଶରୀର ଦାନ ଏମକେସିଜି ମେଡିକାଲ କଲେଜକୁ ଦାନ କରାଯାଇଛି। ଏବେ କରୋନା ମହାମାରୀର ଭୟବ-ହତାକୁ ସମ୍ମୁଖୀନ ହେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିକୁ ଏକଲକ୍ଷ ଟଙ୍କା ବ୍ୟକ୍ତିଗତ ଭାବେ ଦାନକରି ସେ ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଥିଲେ । ଦଧୀଚିଙ୍କ ପରି ଶରୀର ଦାନ, ଗୋପବନ୍ଧୁଙ୍କ ପରି ସେବା, ଗୁରୁ ଦ୍ରୋଣଙ୍କ ପରି ଶିକ୍ଷାଦାନ କରିଥିବା ପ୍ରଫେସର ଡ଼ା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଜଣେ ଅଦ୍ୱିତୀୟ ଋଷିପ୍ରତିମ ବ୍ୟକ୍ତିତ୍ୱ, ଯାହାଙ୍କର ଯେତେ ପ୍ରଶଂସା କଲେ ବି ଶେଷ ହେବାର ନାହିଁ ।

# ୨୦୦ ଘଣ୍ଟା ଉଡ଼ି କମର୍ସିଆଲ୍ ପାଇଲଟ୍ ହେଲେ ନରସିଂହପୁର ଝିଅ ସୋନାଲିକା

କଟକ, (ପିପିଏସ୍): ଡିଜିସିଏ ଦ୍ୱାରା ଗଠିତ ସମସ୍ତ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇ ୨୦୦ ଘଣ୍ଟା ଉଡ଼ାଣ ପୂରଣ କରି ନରସିଂହପୁରର ଝିଅ ସୋନାଲିକା ମିଶ୍ର କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ (ସିପିଏଲ୍) ହାସଲ କରିଛନ୍ତି। ଆମ ରାଜ୍ୟରେ ପୁଅଙ୍କ ତୁଳନାରେ ଝିଅମାନେ ଅପେକ୍ଷାକୃତ କମ୍ ସଂଖ୍ୟାରେ ସିପିଏଲ୍ ପାଇଛନ୍ତି। ଏଭଳି ସ୍ଥିତିରେ ସୋନାଲିକା ସିପିଏଲ୍ ପାଇ ନରସିଂହପୁର ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି।



ସୋନାଲିକା ହେଉଛନ୍ତି ନରସିଂହପୁର ବାର୍ ଆସୋସିସନ୍ ସଭାପତି ନିର୍ମଳେନ୍ଦୁ ମିଶ୍ର ଓ ଦେବଯାନୀ ମିଶ୍ରଙ୍କ ଝିଅ ଏବଂ ନରସିଂହପୁର ବାର୍ ଆସୋସିଏନ୍‌ର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଭଗିରଥୀ ମିଶ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ମିଶ୍ରଙ୍କ ନାତୁଣୀ। ଏହି ସଫଳତା ପରେ ସୋନାଲିକା ତାଙ୍କ ବାପା-ମାଆ ଓ ସ୍ୱର୍ଗତ ଜେଜେ-ଜେଜେମାଙ୍କ ପ୍ରତି ଗଭୀର ସମ୍ମାନ ବ୍ୟକ୍ତ କରିଛନ୍ତି। ସେ ନରସିଂହପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରୁ ଦଶମ ଶ୍ରେଣୀ ପାସ କରି କିଟ୍ ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ ପରେ ଉତ୍କଳ ଏରୋସ୍ପେସ୍ ଇଞ୍ଜିନିୟରିଂ କଲେଜ ଭୁବନେଶ୍ୱରରେ ଏୟାର୍କ୍ରାଫ୍ଟ ମେଣ୍ଟେନାନ୍ସ ଇଞ୍ଜିନିୟରିଂ ପଢ଼ିଥିଲେ। କୋଲକାତା ଏୟାର୍ ଇଣ୍ଡିଆରେ ୬ମାସ ଅନ୍-ଜବ୍ ଟ୍ରେନିଂ କରିଛନ୍ତି। ସେ କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ ପାଇଁ ଆବଶ୍ୟକ ସମସ୍ତ ପରୀକ୍ଷା ପାସ୍ କରି ତାଙ୍କ ଉଡ଼ାଣ ଶିକ୍ଷା ରେଡବାର୍ଡ ଫ୍ଲାଇଂ ଟ୍ରେନିଂ ଏକାଡେମିରେ ସଫଳତାର ସହିତ ସମ୍ପୂର୍ଣ୍ଣ କରିଛନ୍ତି। ଏବେ ସୋନାଲିକା ଟ୍ରେନି ପାଇଲଟ୍ ଭାବେ ଏକ ବିମାନ କମ୍ପାନିରେ ଫାଷ୍ଟ ଅଫିସର୍ (କୋ-ପାଇଲଟ୍) ଭାବେ କାର୍ଯ୍ୟ କରିବେ।

# କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଭେଟିଛନ୍ତି। ସମ୍ବଲପୁର ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବା ପାଇଁ ସହଯୋଗ କରିବା ପାଇଁ ଅନୁରୋଧ କରିବା ସହ ଏ ସମ୍ପର୍କିତ ଏକ ଲିଖିତ ପତ୍ର ପ୍ରଦାନ କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୨୦୦୯-୧୦ ମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ବଲପୁରରେ ଏକ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ (ଟିଏ-ମସି) ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା । ଜାତୀୟ ଉଦ୍ୟାନ କୃଷି ମିଶନ (ଏନଏଚଏମ) ର କାର୍ଯ୍ୟକାରୀ କମିଟି ଦ୍ୱାରା ଏହାକୁ ନୀତିଗତ ଭାବରେ ଅନୁମୋଦନ କରାଯାଇଥିଲା। ତଥାପି, ବିଶ୍ୱସ୍ତରୀୟ ଟେଣ୍ଡରିଂ ପ୍ରକ୍ରିୟା ମାଧ୍ୟମରେ ଜଣେ ଘରୋଇ ଉଦ୍ୟୋଗୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁଁ ପ୍ରକଳ୍ପଟି ଆଗକୁ ବଢ଼ିପାରିଲା ନାହିଁ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି ଭିତ୍ତିଭୂମି ପାଣ୍ଠି (ଏଆଇଏଫ) ଅଧୀନରେ ଆନୁଷଙ୍ଗିକ ଭିତ୍ତିଭୂମି ସହ ସମ୍ବଲପୁରର ନୀଳଡୁଙ୍ଗୁରିରେ ଏକ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠାକୁ ପୁନଃବିଚାର ଏବଂ ସମର୍ଥନ କରିବା ପାଇଁ ଶ୍ରୀ ପ୍ରଧାନ ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଉକ୍ତ ସ୍ଥାନଟି ଭୌଗୋଳିକ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୋନପୁର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲ୍ଲାକୁ ନେଇ ଏକ କେନ୍ଦ୍ରୀୟ ବଜାରର ପେଣ୍ଠସ୍ଥଳୀ ହେବା ପାଇଁ ଉପଯୁକ୍ତ । ଏହି ଜିଲ୍ଲାଗୁଡ଼ିକ ମିଳିତ ଭାବେ ବାର୍ଷିକ ୩୫ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ଫଳ ଏବଂ ପନିପରିବା ଉତ୍ପାଦନ କରନ୍ତି ଏବଂ ଅନେକ ସମ୍ଭାବନା ଅଛି, ଯାହା ବଜାରର ଆବଶ୍ୟକତା ଠାରୁ ୫୦ ପ୍ରତିଶତ ଅଧିକ । ବର୍ତ୍ତମାନ ଏହି ଅଞ୍ଚଳର ଚାଷୀମାନେ ଆନୁଷ୍ଠାନିକ ବଜାର ଭିତ୍ତିଭୂମିର ଅଭାବ ଯୋଗୁଁ ବଡ ବଡ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ସୁବ୍ୟବସ୍ଥିତ ବଜାର ଅଭାବରୁ ଲୋକମାନେ ପନିପରିବା ଚାଷ ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ଜମି ବ୍ୟବହାର କରିପାରୁ ନାହାଁନ୍ତି । ଉଦାହରଣସ୍ୱରୂପ, ଏଠାରେ ବାଇଗଣ, ବନ୍ଧାକୋବି ଓ ଫୁଲକୋବି ଏବଂ ଅଦା ଭଳି ଚାଷ ବିପୁଳ ପରିମାଣରେ କରାଯାଉଛି । ତେବେ ଏଠାରେ ଆଳୁ ଏବଂ ପିଆଜ ମୁଖ୍ୟତଃ ଅଭାବ ଦେଖାଯାଉଥିବାରୁ ଅନ୍ୟ ଅନ୍ୟ ରାଜ୍ୟରୁ ଏହି ଅଞ୍ଚଳକୁ ବାର୍ଷିକ ପ୍ରାୟ ୫୦,୦୦୦ ମେଟ୍ରିକ୍ ଟନ୍ ଆଳୁ ଆମଦାନୀ କରାଯାଇଥାଏ । ଏହି ମର୍ମରେ ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କେବଳ ଏହି ଯୋଗାଣ ଶୃଙ୍ଖଳକୁ କେବଳ ସୁଗମ କରିବ ନାହିଁ ବରଂ ବ୍ୟବସାୟ ଓ ବିତରଣ କରିବା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିବ ।



ସମ୍ବଲପୁର ଏକ ବିକଶିତ ସହର ହୋଇଥିବାରୁ ଏଠାକୁ ରାସ୍ତା ଏବଂ ରେଳ ଯୋଗାଯୋଗର ଭଲ ବ୍ୟବସ୍ଥା ରହିଛି । ସମ୍ବଲପୁରର ଆଖପାଖରେ ଭୁବନେଶ୍ୱର, କଟକ, ରାୟପୁର, ରାଞ୍ଚି ଏବଂ ବିଳାସପୁର ଭଳି ପ୍ରମୁଖ ବଜାର ଦଣ୍ଡାୟମାନ । ଏହାସହ ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, କୋଲକାତା ଏବଂ ହାଇଦ୍ରାବାଦ ସମେତ ଦୂରବର୍ତ୍ତୀ ମେଟ୍ରୋ ବଜାରଗୁଡ଼ିକୁ ମଧ୍ୟ ସମ୍ବଲପୁରରୁ ରେଳ ଏବଂ ସଡ଼କ ଯୋଗାଯୋଗର ଭଲ ବ୍ୟବସ୍ଥା ରହିଛି । ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ନୀଳ-ଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପଲେକ୍ସ ପ୍ରତିଷ୍ଠା କରିବା ପାଇଁ ଅନୁମୋଦନ କରିବା ନିମନ୍ତେ ବିଚାର କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି । ସମ୍ବଲପୁରର ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠା ଦ୍ୱାରା ଉଦ୍ୟାନ କୃଷିକୁ ବଡ ଗତି ମିଳିବ । ଚାଷୀଙ୍କ ଆୟ ବଢିବା ସହ ଫସଲ କ୍ଷୟକ୍ଷତି ହ୍ରାସର ହେବ ତଥା ସ୍ଥାନୀୟ ଅଞ୍ଚଳ ପାଇଁ ଏକ ଆଧୁନିକ ବଜାର ପ୍ରଦାନ କରିବାରେ ଏକ ଗେମ ଚେଞ୍ଜର ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# କଙ୍ଗାରୁ କୋର୍ଟରେ ଗ୍ରାମବାସୀଙ୍କୁ ନିର୍ଯାତନା ଓ ବାସନ୍ଦ ବିରୁଦ୍ଧରେ ଦଳିତ ମହାସଭାର ଆଇଜିଙ୍କୁ ସ୍ମାରକପତ୍ର



ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ଅନ୍ତର୍ଗତ ବରାଡାବିଲି ପଞ୍ଚାୟତର ପ୍ରତାପୁର ଗାଁରେ କିଛି ଅସାମାଜିକ ଲୋକଙ୍କ ନେତୃତ୍ୱରେ ବେଆଇନ ଭାବେ ନ୍ୟାୟ ନିଶାପ(କଙ୍ଗାରୁ କୋର୍ଟ) ବସାଇ ଗାଁର ଦୁର୍ବଳ ଓ ଗରିବ ଲୋକଙ୍କୁ ପ୍ରତାଡିତ କରିବା ବିରୁଦ୍ଧରେ ବୁଧବାର ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ନେତୃତ୍ୱରେ ଗାଁର ପୀଡିତ ଲୋକମାନେ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ ଯେ, ପ୍ରତାପୁର ଗାଁରେ କିଛି ଧନୀ ଶ୍ରେଣୀର ଅସାମାଜିକ ଲୋକ ବର୍ଷ ବର୍ଷ ଧରି ଗାଁର ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରି ଆସୁଛନ୍ତି । ସେମାନଙ୍କ କଥାକୁ କେହି ନମାନିଲେ ଅଥବା ଇଛା ବିରୁଦ୍ଧରେ ଗଲେ ସେମାନେ ଗାଁରେ ତୁରନ୍ତ ମିଟିଂ ଡକେଇ କଙ୍ଗାରୁ କୋର୍ଟରେ ତା'ର ବିଚାର କରିବା ସହ ମନଇଚ୍ଛା ଜୋରିମାନା ପକାଇ ତାକୁ ଦେବାକୁ ବାଧ କରିଥାନ୍ତି। ଯଦି କେହି ଜାରିମାନା ନଦିଏ ଅଥବା ଥାନାକୁ ଯାଏ ତା'ହେଲେ ତାକୁ ଗାଁରେ ନିଆଁ ପାଣି ଦୋକାନ ମନା କରିବା ସହ ସାମାଜିକ ବାସନ୍ଦ କରିଥାନ୍ତି। ଏପରିକି ଯଦି ଗାଁର କେହି ସମ୍ପୃକ୍ତ ବ୍ୟକ୍ତି ସହ ସମ୍ପର୍କ ରଖେ ଅଥବା କଥାହୁଏ ତାହେଲେ ତା' ଉପରେ ବି ଜୋରିମାନା ପକାଯାଏ। ସେମାନଙ୍କ ନିର୍ଦ୍ଦେଶ ନମାନିଲେ କଥା କଥାକେ ଯେକୌଣସି ଲୋକଙ୍କୁ ମନଇଛା ମାଡ଼ ମାରିବା ସହ ଆର୍ଥିକ ଜୋରିମାନା ପକାଉଛନ୍ତି। ନିଆଁ ପାଣି ମନାକରି ସାମାଜିକ ବାସନ୍ଦ କରାଯାଉଛି। ଆବଶ୍ୟକସ୍ଥଳେ ଗାଁରୁ ମଧ ତଡ଼ି ଦିଆଯାଉଛି। ତାଙ୍କର ଅତ୍ୟାଚାର ସହି ନପାରି ଗତ ୧୦ବର୍ଷ ମଧରେ ଅନେକ ଲୋକ ଗାଁ ଛାଡ଼ି ବାହାରକୁ ଚାଲିଯିବାକୁ ବାଧ ହୋଇଛନ୍ତି। ନିକଟରେ ଗାଁର ଦଳିତ ସମ୍ପ୍ରଦାୟର ଜୈନିକ ଗରିବ ଲୋକ ନିରଞ୍ଜନ ନାୟକ ବର୍ତ୍ତମାନର ସରପଞ୍ଚଙ୍କ ସହଯୋଗରେ ୧,୬୦,୦୦୦ ଟଙ୍କା ବ୍ୟୟରେ ନିଜ ସାହିରେ କୋଠ ଘର ନିର୍ମାଣ କରିଥିଲେ। ପ୍ରଦୀପ ବିଷୋୟୀ ତାଙ୍କୁ ଡ଼ାକି ମୋତେ ନଜଣାଇ କିପରି କୋଠଘର କରୁଛୁ ବୋଲି ପଚାରିବା ସହ ଗାଁରେ କଙ୍ଗାରୁ କୋର୍ଟ ଡ଼କାଇ ସେ ଓ ତାଙ୍କ ସମର୍ଥକମାନେ ତାଙ୍କୁ ୫୦୦୧ ଟଙ୍କା ଜୋରିମାନା ପକାଇଥିଲେ। ନିରଞ୍ଜନ ଏହି ଜୋରମାନା ରାଶିକୁ ଦେବାକୁ ମନା କରିବାରୁ ଗାଁରେ ତାଙ୍କ ପରିବାରକୁ ନିଆଁ ପାଣି ମନା କରି ସାମାଜିକ ବାସନ୍ଦ କରିଛନ୍ତି। ସେହିପରି ଗାଁର ପୂର୍ବତନ ସରପଞ୍ଚ ଭିକାରୀ ବିଷୋୟୀଙ୍କୁ ବି ରାଜନୈତିକ ଆକ୍ରୋଶ ରଖି ପ୍ରଦୀପ ବିଷୋୟୀ ଓ ତାଙ୍କ ସହଯୋଗୀମାନେ ସାମାଜିକ ବାସନ୍ଦ କରି ଗାଁରୁ ତଡ଼ି ଦେବା ଫଳରେ ସେ ଏବେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଗାଁ ବାହାରେ ଅନ୍ୟ ଗାଁରେ ରହୁଛନ୍ତି। ଉପରୋକ୍ତ ଦୁଇ ଜଣଙ୍କ ଭଳି ଆହୁରି ଅନେକ ପରିବାର ସେମାନଙ୍କ ଅତ୍ୟାଚାର ଓ ନିର୍ଯ୍ୟାତନାର ଶିକାର ହୋଇ ଗାଁରେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଦେଶରେ ସମ୍ବିଧାନ ଓ ଆଇନ କାନୁନ୍ ରହିଥିବା ସତ୍ତ୍ୱେ ପ୍ରତାପୁର ଗାଁରେ କିଛି ଅସାମାଜିକ ଲୋକଙ୍କ ଦାଦାଗିରି ଲାଗି ଆଜି ଅନେକ ସାଧାରଣ ଲୋକଙ୍କ ମାନବିକ ଅଧିକାର ଓ ସାମାଜିକ ସମାଜ କ୍ଷୁର୍ଣ୍ଣ ହେଉଛି। ଜଣେ ନାଗରିକ ଭାବେ ସେମାନଙ୍କର ସାମ୍ବିଧାନିକ ଅଧିକାରର ଖୋଲାଖୋଲି ଭାବେ ଉଲ୍ଲଂଘନ ହେଉଛି। ନିରୀହ ଲୋକଙ୍କୁ ମନଇଛା ଜୋରିମାନା ପକାଇ ଓ ସାମାଜିକ ବାସନ୍ଦ କରି ସେମାନେ ଆଇନକୁ ହାତକୁ ନେଇ ଚାଲିଛନ୍ତି। ତେବେ ଏତେ ସବୁ ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ଓ ପୁଲିସକୁ ବାରମ୍ବାର ଜଣାଇବା ପରେ ବି ସେମାନଙ୍କ ପ୍ରଭାବ ଆଗରେ ନୀରବଦ୍ରଷ୍ଟା ସାଜିଛନ୍ତି। ପ୍ରତାପୁରରେ ଚାଲିଥିବା ଏହି ବେଆଇନ କଙ୍ଗାରୁ କୋର୍ଟ ବନ୍ଦ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତଥା ପୀଡ଼ିତ ପରିବାରଗୁଡ଼ିକୁ ନ୍ୟାୟ ପ୍ରଦାନ କରି ସେମାନଙ୍କୁ ଗାଁରେ ସସମ୍ମାନ ବସବାସ କରିବାକୁ ସୁଯୋଗ ଦେବାକୁ ଦାବି କରି ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ନେତୃତ୍ୱରେ ସେହି ଗାଁର ପୀଡିତ ଲୋକମାନେ ବୁଧବାର ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପାଇବା ପରେ ଆଇଜି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏବଂ ପୀଡ଼ିତମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ପ୍ରତିନିଧି ଦଳରେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ସମ୍ପାଦକ ସଂଗ୍ରାମ ନାୟକ, ଜିଲ୍ଲା କମିଟି ସଦସ୍ୟ ସଞ୍ଜୟ ନାୟକ, ସନ୍ତୋଷ ନାୟକ ଏବଂ ପ୍ରତାପୁର ଗାଁର ପୀଡ଼ିତ ମାନଙ୍କ ପକ୍ଷରୁ ପୂର୍ବତନ ସରପଞ୍ଚ ଭିକାରୀ ବିଷୋୟୀ, ମଧୁସୂଦନ ନାୟକ, ସୁଦାମ ନାୟକ ପ୍ରମୁଖ ଆଇଜିଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ଆମ ସରକାରର ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା: ସୂର୍ଯ୍ୟବଂଶୀ

## ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ ସବସିଡ଼ ପ୍ରଦାନ

## ଜିଲ୍ଲାସ୍ତରୀୟ ରବିଋତୁ ଧାନମଣ୍ଡି ଉଦଘାଟନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ଧାମନଗର (ପିପିଏସ): ଗତ ଜାନୁଆରୀ ମାସ ୫ ତାରିଖରେ ଧାମନଗର ବ୍ଲକ ଅନ୍ତର୍ଗତ ବୁଢ଼ାକୁଟି ସେବା ସମବାୟ ସମିତିରେ ପ୍ରଥମ କରି ଜିଲ୍ଲା ସ୍ତରୀୟ ଖରିଫ ଧାନମଣ୍ଡି ଉଦଘାଟନ ହୋଇଥିଲା। ତେବେ ୨୮ ତାରିଖ ବୁଧବାର ଧାମନଗର ସେବା ସମବାୟ ସମିତିରେ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରୀୟ ରବିଋତୁ ଧାନ ମଣ୍ଡି ଉଦଘାଟନ ହୋଇ ଯାଇଛି। ଏହି ଅବସରରେ ସମିତି ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନ୍ୟବର ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବ ସେବା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରବିଋତୁ ଧାନ ମଣ୍ଡିର ଶୁଭ ଉଦଘାଟନ କରିଥିଲେ। ପରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଏମ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିବ୍ୟର ସେଠୀ, ଭାରପ୍ରାପ୍ତ ଡିଆରସିଏସ ପ୍ରାଚୀତା ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପ୍ରହରାଜ, ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ନଗର ପ୍ରତିନିଧି ସରୋଜ କୁମାର ମହାପାତ୍ର, ବିଡ଼ିଓ ବନବିହାରୀ ଦିଣ୍ଡା, ସହକାରୀ ବ୍ଲକ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ବିବିସିସି ବ୍ୟାଙ୍କ ଧାମନଗର ଶାଖା ପରିଚାଳକ ଧନୁର୍ଦ୍ଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପୃକ୍ତ ସେବା ସମବାୟ ସମିତି ସଭାପତି ଦେବାଶିଷ ମହାନ୍ତି ଓ ସମ୍ପାଦକ ବସନ୍ତରାଜ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ସମବାୟ ସମିତି ସଭାପତି, ସମ୍ପାଦକ, ସ୍ଥାନୀୟ ଅଞ୍ଚଳ ଚାଷୀ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାକେଶ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦଙ୍କ ପ୍ରତିନିଧି



ଅସ୍ତରଙ୍ଗ (ପିପିଏସ): ଜଗତସିଂହପୁର ଲୋକସଭା ଆସନ କ୍ଷେତ୍ରରେ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ପୁରୀ ଜିଲ୍ଲାରେ ଜଣେ ଯୁବ ନେତୃତ୍ୱ, ଦୃଢ଼ ସଂଗଠକ, ଲୋକ ସେବାରେ ଜଡ଼ିତ ଶ୍ରୀଯୁକ୍ତ ରାକେଶ କୁମାର ବିଶ୍ୱାଳ (ରିଙ୍କୁ)ଙ୍କୁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ଏ ସମ୍ପର୍କରେ ମାନ୍ୟବର ସାଂସଦ ଙ୍କ ଚିଠି ନଂ -ଏମପିଏଲଏସ/ ବିପିଟି-୦୯୨ ତା ୨୭ମେ ଦିନ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କୁ ଅବଗତ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଳପଦା ପଞ୍ଚାୟତର ବଡ଼ଖମାରପଦା ଗ୍ରାମର ସ୍ୱର୍ଗତଃ କେଦାରନାଥ ବିଶ୍ୱାଳଙ୍କ ସୁପୁତ୍ର ରାକେଶ ବିଶ୍ୱାଳ ଓରଫ ରିଙ୍କୁ ୨୦୦୯ ମସିହାରେ ନିର୍ଦ୍ଦିଷ୍ଟ ଦଳରେ ସାମିଲ ହୋଇ ଯୁବକମାନଙ୍କ ନେତୃତ୍ୱ ନେଇ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ପରେ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟି ରେ ୨୦୧୪ ସାମିଲ ହୋଇଥିଲେ। ପରେ ସାଧାରଣ ଲୋକଙ୍କ ସେବା, ଦୃଢ଼ ଯୁବ ନେତୃତ୍ୱ ହେତୁ ୨୦୧୯ ମସିହାରେ ପୁରୀ ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ପରେ ୨୦୨୨ମସିହାରେ କାକଟପୁର ନିର୍ବାଚନ ମଣ୍ଡଳୀରେ ଆଇ ଟି ସେଲ ସଂଯୋଜକ ହେଲେ, ୨୦୨୪ ନିର୍ବାଚନରେ ବର୍ତ୍ତମାନ ଜଗତସିଂହପୁର ଲୋକସଭା ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇଙ୍କ ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ରେ ଯୁବ ନେତୃତ୍ୱକୁ ଏକତ୍ରିତ କରି ସଂଗଠନକୁ ମଜଭୁତ କରିବା ସହ ପ୍ରଚାର ପ୍ରସାର ମଞ୍ଚ ଗଢ଼ିଥିଲେ। ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଭାବେ ମନୋନୀତ ହେବା ପରେ ରାକେଶ କୁମାର ବିଶ୍ୱାଳ ମାନନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇଙ୍କୁ ସାଧୁବାଦ ଜଣାଇଛନ୍ତି। ପୁରୀ ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନତି ସହ ସାଧାରଣ ଲୋକ ଙ୍କ ସ୍ୱାସ୍ଥ୍ୟ ସମସ୍ୟା ରେ ସବୁପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି। ରାକେଶଙ୍କ ପରି ଜଣେ ଯୁବ ନେତୃତ୍ୱ ସ୍ୱାସ୍ଥ୍ୟ ବିଭାଗରେ ମାନ୍ୟବର ସାଂସଦ ତାଙ୍କର ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଇନ ସଚେତନତା ଶିବିର ପାଳିତ

କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ମ୍ୟୁନିସିପାଲିଟି ଟାଉନ୍ ହଲ୍‌ରେ କଠିନ ବର୍ଯ୍ୟବସ୍ତୁ ପରିଚାଳନା ନିୟମ-୨୦୧୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ କଠିନ ବର୍ଯ୍ୟବସ୍ତୁକୁ କିପରି ପୁନଃ ବ୍ୟବହାର କରାଯାଇପାରିବ ଓ ଏହାର ଖରାପ ଦିଗ ଉପରେ ଆଲୋଚନା କରିଥିଲେ ଓ ଏହା ଅନ୍ତର୍ଗତ କି କି ଆଇନମାନ ପ୍ରଯୁର୍ଯ୍ୟ ଅଛି ସେ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଗଗନ ବିହାରୀ ଖଟୁଆ ଓ ସୁମିତ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର କର୍ମଚାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ବରଦା ପ୍ରସନ୍ନ ମହାପାତ୍ର ଓ ଦୀପକ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଦିବାକର ହେଲେ ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି



ଅସ୍ତରଙ୍ଗ (ପିପିଏସ୍): ଜଗତସିଂହପୁର ଲୋକସଭା ଆସନ କ୍ଷେତ୍ରର ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇ କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ନିମନ୍ତେ ତାଙ୍କର ପ୍ରତିନିଧି ଭାବେ ଦୃଢ଼ ସଂଗଠକ, ଯୁବ ନେତୃତ୍ୱ, ଲୋକ ସେବାରେ ଜଡ଼ିତ ଦିବାକର ଛାଟୋଇଙ୍କୁ ମନୋନୀତ କରିଛନ୍ତି। ଏ ସମ୍ପର୍କରେ ମାନ୍ୟବର ସାଂସଦ ଚିଠି ନଂ ଏମପିଏଲଏସ /ବିପିଟି /ଏଇଏଲ -୦୮୯ ତାରିଖ ୨୬/ମେ ଦିନ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅବଗତ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଜଣାଶୁଣା ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ଦିବାକର ଛାଟୋଇ ୧୯୯୬ ମସିହାରୁ ଅସ୍ତରଙ୍ଗ ସମବାୟ ସମିତି ସଭାପତି ହୋଇ ରାଜନୀତି କ୍ୟାରିୟର ଆରମ୍ଭ କରିଥିବାବେଳେ ୨୦୦୨ମସିହାରେ ଅସ୍ତରଙ୍ଗ ପଂଚାୟତ ର ସରପଞ୍ଚ, ୨୦୧୭ ମସିହାରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭ୍ୟ ପଦରେ ରହି ଲୋକଙ୍କ ସେବା କରିଆସୁଛନ୍ତି। ଏହା ସହ ବିଭିନ୍ନ ସଂଗଠନରେ ରହି ଅସ୍ତରଙ୍ଗ ବ୍ଲକ ଅଂଚଳରେ ଲୋକଙ୍କ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ।ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ପ୍ରତିନିଧିଭାବେ ମନୋନୀତ ହେବା ପରେ ଦିବାକର ଛାଟୋଇ ମାନ୍ୟବର ସାଂସଦଙ୍କୁ ସାଧୁବାଦ ଜଣାଇଛନ୍ତି। ଦଳ ତୃଣମୂଳସ୍ତର ଠାରୁ ଦଳୀୟ ସଂଗଠନକୁ ମଜଭୁତ କରିବା ଦିଗରେ ସବୁ ପ୍ରକାର ସହଯୋଗ କର୍ମୀ ମାନଙ୍କୁ କରିବେ ବୋଲି କହିଛନ୍ତି। ଦିବାକରଙ୍କ ପରି ଦୃଢ଼ ସଂଗଠନଙ୍କୁ ମାନ୍ୟବର ସାଂସଦ ତାଙ୍କର ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦିବାକରଙ୍କ ପରି ଦୃଢ ଓ ଦରଦୀ ଲୋକର ସାଥିଙ୍କୁ ଗୁରୁତ୍ୱ ଦିଆଯାଇଥିବାରୁ ଏହା ଯୁବ ସମାଜ ପ୍ରତି ସମ୍ମାନ ବୋଲି ଅସ୍ତରଙ୍ଗ ମଣ୍ଡଳ ୧ର ସଭାପତି ଇନ୍ଦ୍ରମଣି ଜେନା କହିଛନ୍ତି।

# ମେସର୍ସ ସିରୀୟସ ସ୍ପେଶାଲିଟି କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ ଜନଶୁଣାଣି

କଳିଙ୍ଗନଗର (ପିପିଏସ୍): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ନୂତନ କାରଖାନା ପ୍ରତିଷ୍ଠା ନିମନ୍ତେ ବିଗତ ଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଦାନଗଦୀ ବ୍ଲକ ଅନ୍ତର୍ଗତ ଜଖପୁରା ଗ୍ରାମରେ ମେସର୍ସ ସିରିଏସ୍ ସ୍ପେଶାଲିଷ୍ଟ କେମିକାଲ ପ୍ରାଇଭେଟ ଲିମିଟେଡ ଦ୍ୱାରା ପ୍ରସ୍ତାବିତ ଗ୍ରୀନଫିଲ୍ଡ ୨୦୦୦୦୦ ଟି.ପି.ଏ କ୍ଷମତା ବିଶିଷ୍ଟ କୋଲତାର ଡିଷ୍ଟିନେସନ ୟୁନିଟ୍ ଓ ୧୦୦୦୦୦ ଟି.ପି.ଏ କ୍ଷମତା ବିଶିଷ୍ଟ କାର୍ବନ୍ ବ୍ଲାକ୍ ସହିତ ୧୧ ମେଗାୱାଟ୍ ପାୱାର ପ୍ଲାଣ୍ଟ ନିମନ୍ତେ ପରିବେଶ ମଞ୍ଜୁରୀ ପାଇଁ କାରଖାନା ର ନିକଟବର୍ତ୍ତୀ ପଞ୍ଚାୟତ ମାନଙ୍କରୁ ପଞ୍ଚାୟତ ପ୍ରତିନିଧି ଓ ସାଧାରଣ ଲୋକଙ୍କ ପରାମର୍ଶ ଲୋଡ଼ା ଯାଇଥିଲା। ଦାନଗଦୀ ଭବନ ଠାରେ ଅନୁଷ୍ଠିତ ଏହି ଜନଶୁଣାଣିକୁ ପୂର୍ଣ୍ଣ ବହୁମତ ମିଳିଥିବା ବେଳେ କମ୍ପାନୀ ପକ୍ଷରୁ ସ୍ଥାନୀୟ ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ନିହାର ରଂଜନ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ବିଭାଗ ଅଧିକାରୀଙ୍କ ମଦନ ମୋହନ ସାହୁଙ୍କ ସହ ପୋଲିସ୍ ପ୍ରଶାସନ ର ମୁଖ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

# ବରିଷ୍ଠ ସଂଗଠକଙ୍କ ସୁବାସ ପାତ୍ରଙ୍କ ପରଲୋକ

କଣ୍ଟାପଡା (ପିପିଏସ): କଣ୍ଟାପଡା ବ୍ଲକ ଅଞ୍ଚଳର ଜେଣ ବରିଷ୍ଠ ସଂଗଠକ ଭବେ ଜଣାଶୁଣା ତଥା ବ୍ରାହ୍ମଣବାଟି ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ସୁବାସ ପାତ୍ୟ(ଟୁକୁ)ଙ୍କର ଗତ ଗୁରୁବାର ଦିନ ପରେଲାକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ଗତ ଗୁରୁବାର ସନ୍ଧ୍ୟାରେ ସେ ଛାତରେ ଜନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଅଡଶପୁର ମେଡିକାଲକୁ ନିଆ ଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ହେଲ ଏସ୍‌ସିବିରେ ପହଞ୍ଚିବା ପୂର୍ବରୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସ୍ୱର୍ଗତ ପାତ୍ରଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ତଥା କଟକ କଂଗ୍ରେସ ଜିଲ୍ଲା କମିଟି ସଭାପତି ରବି ମଲ୍ଲିକ, ବରିଷ୍ଠ କଂଗ୍ରେସ ସଂଗଠକ ପଦ୍ମନାଭ ମହାନ୍ତି,ନିମାଇଁ ଚରଣ ରାଇତରାୟ, ବାହନ ପରୀଡା, ବ୍ରାହ୍ମଣସାଇଲା ସେବା ସମବାୟ ସମିତି ସଭାପତି ସୁରେନ୍ଦ୍ର ପାତ୍ର, ପୂର୍ବତନ ସଭାପତି ଶ୍ରୀମନ୍ତ ଆଚାର୍ଯ୍ୟ, କଣ୍ଟାପଡା ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ପାତ୍ର,ପୁବର୍ତନ ବ୍ଲକ ଆତ୍ମା ଅଧ୍ୟକ୍ଷ ନକୁଳ ରାଉତ, ସୁଦଶର୍ନ ଜେନା, ପ୍ରତାପ ରାଉତରାୟ ପ୍ରମୁଖ ତାଙ୍କ ବାସ ଭବନେର ପହଞ୍ଚି ଶେଷ ଦଶର୍ନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ପରୀବାର ବଗର୍ଙ୍କୁ ସମେବଦନା ଜଣାଇଥେ୍ଲ। ସ୍ୱର୍ଗତ ପାତ୍ରଙ୍କ ଏକମାତ୍ର ପୁତ୍ର ସୌମ୍ୟ ରଞ୍ଜନ ପାତ୍ର ବଦେିଶେର ଅବସ୍ଥାନ କରୁଥିବାରୁ ତାଙ୍କ ପହଞ୍ଚିବାକୁ ଅେପକ୍ଷା କରାଯାଇଛି। ଆସନ୍ତା କାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ।

# କାକଟପୁର ନିର୍ବାଚନମଣ୍ଡଳୀରେ ବରିଷ୍ଠଙ୍କୁ ଉପେକ୍ଷା କନିଷ୍ଠଙ୍କୁ ଗୁରୁଦାୟିତ୍ୱ

## ଶାସକ ଦଳର ସନ୍ତୁଷ୍ଟିକରଣ ରାଜନୀତିର ଗନ୍ଧ ବାରିଲେ ବିରୋଧୀ

କୋଣାର୍କ(ପିପିଏସ): କୋଣାର୍କ ଏନଏସି, କାକଟପୁର ବ୍ଲକ, ଅସ୍ତରଙ୍ଗ ବ୍ଲକ ଓ ଗୋପ ବ୍ଲକର ୧୪ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ (୧୦୫) ଗଠିତ। ଗତ ବିଧାନସଭା ନିର୍ବାଚନରେ ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜିଙ୍କ ଲହର ଯୋଗୁଁ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ଭାବେ ଡଃ ବିଭୂ ପ୍ରସାଦ ତରାଇ ନିର୍ବାଚିତ ହୋଇଥିବା ବେଳେ ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ସ୍ୱଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଣାର୍କ ଏନଏସି ଓ କାକଟପୁର ବ୍ଲକରେ ଶାସକ ଦଳ ବିଜେପି ପାଇଁ ଦୀର୍ଘ ଦିନ ଧରି ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠାପର ଭାବେ କାର୍ଯ୍ୟ କରିଥିବା ପୁରୁଖା ନେତା ମାନଙ୍କୁ ଅଣଦେଖା କରି କନିଷ୍ଠ ନେତା ମାନଙ୍କୁ ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ କରିବାକୁ ନେଇ ଶାସକ ଦଳର କର୍ମୀ ଓ ରାଜନୈତିକ ମାନଙ୍କ ମହଲରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏହା ଶୁଭଙ୍କର ନୁହେଁ ବୋଲି ଚର୍ଚ୍ଚା ଜୋରଦାର ହେଉଛି। ମାନ୍ୟବର ସାଂସଦ ଜଗତସିଂହପୁର କାହା ନିର୍ଦ୍ଦେଶରେ କାହା ପରାମର୍ଶରେ ତୁଷ୍ଟୀ କରଣ ରାଜନୀତି ପାଇଁ ପୁରୁଖା ନେତା ମାନଙ୍କୁ ଉପେକ୍ଷା କରି ନବାଗତ ମାନଙ୍କୁ ବିଭିନ୍ନ ମହାବିଦ୍ୟାଳୟ, ମେଡିକାଲ, ଉପ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ବିଭିନ୍ନ ସରକାରୀ ଅନୁଷ୍ଠାନ ମାନଙ୍କରେ ନିଜର ପ୍ରତିନିଧି ଭାବରେ ମନୋନୀତ କରିଛନ୍ତି ତାହା କୋଣାର୍କ ଏନଏସି ତଥା କାକଟପୁର ନିର୍ବାଚନ ମଣ୍ଡଳୀର ବୁଦ୍ଧିଜିବୀ, ଭୋଟର, ବରିଷ୍ଠ ନାଗରିକ, ସଚେତନ ନାଗରିକ, ରାଜନୈତିକ ବିଶେଷଜ୍ଞ ଓ ଜନସାଧାରଣ ମାନଙ୍କ ମଧ୍ୟରେ ନାନା ପ୍ରକାରର କଳ୍ପନା ଜଳ୍ପନା ପ୍ରକାଶ ପାଇବା ସହ ଏଭଳି ରାଜନୈତିକ ସନ୍ତୁଷ୍ଟି କରଣ ଘଟଣାକୁ ନାପସନ୍ଦ କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଶାସକ ଦଳର ବରିଷ୍ଠ ନେତା ଓ କର୍ମୀ ମାନଙ୍କୁ ଅଣଦେଖା କରି ନବାଗତଙ୍କ ଉପରେ ଭରସା ରଖି କରାଯାଇଥିବା ସନ୍ତୁଷ୍ଟି କରଣ କେତେଦୂର ଶାସକ ବିଜେପି ପାଇଁ ଶୁଭଙ୍କର ହେବ ତାହା ସମୟ କହିବ ବୋଲି ରାଜନୈତିକ ବିଶେଷଜ୍ଞମାନଙ୍କ ମହଲରେ ଆଲୋଚନା ଜୋର ଧରିଛି।

# ଭଞ୍ଜନଗରରେ ଦକ୍ଷିଣାଞ୍ଚଳ ଆରଡ଼ିସିଙ୍କ ସମୀକ୍ଷା



ବ୍ରହ୍ମପୁର(ପିପିଏସ୍): ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ରୁପା ରୋଶନ ସାହୁ ବୁଧବାର ଦିନିକିଆ ଭଞ୍ଜନଗର ଗସ୍ତରେ ଆସି ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗ ସମେତ ଅନ୍ୟ ବିଭାଗର ସମିକ୍ଷା କରିଛନ୍ତି। ଶ୍ରୀମତୀ ସାହୁ ପ୍ରଥମେ ଭଞ୍ଜନଗର ତହସିଲକୁ ଯାଇ ବିଭାଗୀୟ ସମୀକ୍ଷା କରିଥିଲେ। ବିଶେଷକରି ସରକାରଙ୍କ ଦ୍ୱିତୀୟ ଖାନ ସଂଶୋଧନ, ବସୁନ୍ଧରା ଯୋଜନା, ନୂତନ ରାଜସ୍ୱ ଗ୍ରାମ ଗଠନ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଜମି ପଟ୍ଟା ବାବଦରେ ଶ୍ରୀମତୀ ସାହୁ ସମୀକ୍ଷା କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ଓ ସରକାରୀ ଯୋଜନା ବାବଦରେ ଶ୍ରୀମତୀ ସାହୁ ସମୀକ୍ଷା କରିଥିଲେ। ବିଶେଷକରି ପାନୀୟ ଜଳ, ରାଜ୍ୟ ଓ କେନ୍ଦ୍ରୀୟ ଅନୁଦାନ, ଅଙ୍ଗନୱାଡି କେନ୍ଦ୍ର, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା ଓ ମିଶନ ଶକ୍ତି ବାବଦରେ ସମୀକ୍ଷା କରିଥିଲେ। ଏହି ସମୟରେ ସେ ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟକୁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ପାଇବାକୁ ଆସୁଥିବା ଲୋକଙ୍କୁ ଆଇନ ଅନୁଯାୟୀ ତ୍ୱରିତ ସେବା ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଭଞ୍ଜନଗର ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁର୍ଣ୍ଣଚନ୍ଦ୍ର ପାଢୀ, ଭାରପ୍ରାପ୍ତ ତହସିଲଦାର ଅବିନାଶ ମାହାର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ମାସିକ ବୈଠକ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ମାସିକ ବୈଠକ ଲୋଚାପଡାସ୍ଥିତ ଭାଗବତ ଭବନଠାରେ ସଭାପତି ମହନ୍ତ ହରିହର ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତିର ପଞ୍ଜୀକରଣ କାର୍ଯ୍ୟ ସମାପନ ହୋଇଥିବାରୁ ସମସ୍ତ ସଦସ୍ୟଙ୍କ ପକ୍ଷରୁ ସୁଶାନ୍ତ ମହାରଣାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ ଆଜିର ଏଜେଣ୍ଡା ଉପସ୍ଥାପନ କରିଥିଲେ। ସମିତିର ସ୍ଥାୟୀ ପାଣ୍ଠି ଜମା ପାଇଁ ୧ ଲକ୍ଷ ଟଙ୍କା ପାସ୍ ବୁକ୍‌ରେ ଜମା କରାଯିବ। ସଦସ୍ୟ ମାନଙ୍କୁ ଏହି ସ୍ଥାୟୀ ପାଣ୍ଠି ଜମା ପାଇଁ ସ୍ୱ ସାମର୍ଥ୍ୟ ଅନୁସାରେ ଅର୍ଥ ଦାନ କରିବାକୁ ଅନୁରୋଧ କରାଗଲା। ଆସନ୍ତା ମାସରେ ରାଧାକାନ୍ତ ଦାସ ମହାରାଜଙ୍କ ମାର୍ଗଦର୍ଶନରେ ଆସିକା ଓ କବିସୂର୍ଯ୍ୟନଗରରେ ଭାଗବତ ସତ୍ ସଙ୍ଗ ଅନୁଷ୍ଠିତ ହେବା ପାଇଁ ସ୍ଥିର ହେଲା। ଗଞ୍ଜାମ ଜିଲ୍ଲାର ସମସ୍ତ ବ୍ଲକରେ ଭାଗବତ ଟୁଙ୍ଗି ଶାଖା ସ୍ଥାପନ ସହିତ ବ୍ଲକ ସମିତି ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଗଲା। ତା'ପରେ ପଞ୍ଚାୟତ ସ୍ତରରେ କମିଟି ଗଠନ କରାଯିବ। ସରକାରୀ ଅନୁଦାନ ସଂଗ୍ରହ ସହିତ ଭାଗବତ ଟୁଙ୍ଗି ଘର ତିଆରି ପାଇଁ ବିଧାୟକ ମାନଙ୍କୁ ଅନୁରୋଧ କରାଯିବା ପାଇଁ ସ୍ଥିର ହେଲା। ବୈଠକରେ ଉପସଭାପତି ଗୋପାଳ କୃଷ୍ଣ ପାଢ଼ୀ, ସହ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, ସହ କୋଷାଧକ୍ଷ ବିପିନ ବିହାରୀ ସାହୁ, ଶଙ୍କର୍ଷଣ ପାତ୍ର, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୀର ସଭରକରଙ୍କ ଜୟନ୍ତୀ ପାଳିତ



କେନ୍ଦ୍ରାପଡା,(ପିପିଏସ୍): ରାଷ୍ଟ୍ରବାଦୀ ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସଭରକରଙ୍କ ୧୪୨ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ପବ୍ଲିକ୍ ରିଡ଼ିଙ୍ଗ ରୁମ୍‌ଠାରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭରକରଙ୍କୁ ଜଣେ ଅଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ଅବିହିତ କରିଥିଲେ । ସଭରକର କେବଳ ଜଣେ ସଂଗ୍ରାମୀ ଥିଲେ ତାହା ନୁହେଁ ବରଂ ଜଣେ ସମାଜ ସଂସ୍କାରକ ଥିଲେ । ତାଙ୍କ ଉଦ୍ୟମରେ ଭାରତରେ ହିନ୍ଦୁତ୍ୱ ବିଚାରଧାରାର ପ୍ରସାର ହୋଇ ପାରିଥିଲା । ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜସେବୀ ଇଞ୍ଜିନିୟର ଅକ୍ଷୟ କୁମାର ପାଣି ସ୍ୱାଧୀନତା ପାଇଁ ସଭରକରଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ସଭରକରଙ୍କ କ୍ରାନ୍ତିକାରୀ ବିଚାରଧାରାକୁ ବାଦ୍‌ଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ଲେଖାଯାଇ ପାରେନା ବୋଲି ମତବ୍ୟକ୍ତ କରିଥିଲେ । ଯୁବ ସାମ୍ବାଦିକ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିରେନ୍ଦ୍ର କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଯୁବ ଆଇନଜୀବୀ ନୀତିଶ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ରାଷ୍ଟ୍ରପ୍ରେମୀ ଯୋଗ ଦେଇଥିଲେ ।

# ବିଦ୍ୟୁତ ଆଘାତରେ ଜଣେ ମୃତ

ଚାରିଛକ, (ପିପିଏସ): ନିକଟସ୍ଥ ବାହାରେଣା ପଞ୍ଚାୟତ ଛତିଆନା ଗ୍ରାମର ସୁଧୀର କୁମାର ରଥ (୫୫) ନିଜ ଘରେ ବିଦ୍ୟୁତ କାର୍ଯ୍ୟ କରୁଥିବା ସମୟରେ ବିଦ୍ୟୁତ ଆଘାତ ପାଇ ତଳେ ପଡ଼ିଯାଇ ଅଚେତ ହୋଇ ଯାଇଥିଲେ। ପରିବାର ଲୋକମାନେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ରଥଙ୍କ ଭଣଜା ସୌମ୍ୟରଞ୍ଜନ ମିଶ୍ର ଏ ସମ୍ପର୍କ ରେ ଚାରିଛକ ଥାନା ପୋଲିସରେ ଜଣାଇବା ପରେ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶବ ଜବତ କରିବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ବର୍ଷା ଆରମ୍ଭରୁ ଗାଁ ରାସ୍ତାରେ ଆଣ୍ଠୁଏ ପାଣି



ଚାରିଛକ, (ପିପିଏସ): ବର୍ଷା ଋତୁ ଆରମ୍ଭ ରୁ ଲଘୁଚାପ ପ୍ରଭାବରେ ଚାରିଛକ ଅଞ୍ଚଳ ରେ ବର୍ଷା ଆରମ୍ଭ ହୋଇଛି। ନିକଟସ୍ଥ ତୁଳସୀପୁର ପଞ୍ଚାୟତ ପଥରପଦା ବ୍ରାହ୍ମଣସାହି ଗ୍ରାମର ରାସ୍ତାରେ ଏହି ବର୍ଷା ରେ ଜମାହୋଇ ରହିଛି ଆଣ୍ଠୁଏ ପାଣି। ଯାହାଦ୍ୱାରା ଗ୍ରାମର ଲୋକମାନେ ଯାତାୟତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଂଚଳର ଜନସାଧାରଣ ସହଜ ସୁବିଧାରେ ଯାତାୟତ କରିବା ପାଇଁ ସୁଗମ ରାସ୍ତା ନିର୍ମାଣ ରେ ସରକାରଙ୍କ ପକ୍ଷରୁ ପ୍ରଚୁର ଅର୍ଥ ଖର୍ଚ୍ଚ ହେଉଛି। ବର୍ଷା ଋତୁ ଆରମ୍ଭ ନ ହେଉଣୁ ପ୍ରଥମ ବର୍ଷା ରେ ଉକ୍ତ ସାହିର ୨୦ ପରିବାର ଜଳବନ୍ଦୀରେ ଥିବା ଜଣାପଡିଛି । ଦୀର୍ଘଦିନ ହେବ ଉକ୍ତ ରାସ୍ତାଟି ମରାମତି ନହେବା ଫଳରେ ରାସ୍ତାଟି ଖାଲ ହୋଇଯିବା ଫଳରେ ବର୍ଷାପାଣି ଜମାହୋଇ ରହୁଛି। ଯାହାଫଳରେ ଲୋକମାନେ ଓ ପିଲାମାନେ ଯାତାୟାତରେ ହନ୍ତସନ୍ତ ହେଉଛନ୍ତି। ଉକ୍ତ ରାସ୍ତାଟିକୁ ତୁରନ୍ତ ମରାମତି କରିବାକୁ ଗ୍ରାମର ରସାନନ୍ଦ ଦାଶ, ଗଗନ ଦାଶ, ପ୍ରକାଶ ଦାଶ, ବ୍ରହ୍ମାନନ୍ଦ ଦାଶ, ମନୋଜ ଦାଶ, ବ୍ରଜବନ୍ଧୁ ଦାଶ, ଦାଶ ପ୍ରମୁଖ ଗ୍ରାମବାସୀମାନେ ଦାବି କରିଛନ୍ତି। ତୁରନ୍ତ ରାସ୍ତା ଟିକୁ ମରାମତି କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇଙ୍କୁ ଅନୁରୋଧ କରାଯାଇଛି। ଯଦି ରାସ୍ତା ଟିକୁ ମରାମତି କରା ନ ଯାଏ ତେବେ ବର୍ଷା ଋତୁ ସାରା ଗ୍ରାମବାସୀମାନେ ଜଳବନ୍ଦୀ ଜୀବନ କଟାଇବେ ଏଥିରେ ସନ୍ଦେହ ନାହିଁ।

# ଅସ୍ତରଙ୍ଗରେ ଗୋଶାଳା ନିର୍ମାଣ ଦାବି: ବଢୁଛି ଗୋରୁ ଚୋରା ଚାଲାଣ ସହ ଅନେକ ରାସ୍ତାରେ ଦୁର୍ଘଟଣା

ଅସ୍ତରଙ୍ଗ (ପିପିଏସ୍): ଓଡିଶାରେ ଗୋମାଫିଆ ମାନେ ସକ୍ରିୟ ହୋଇ ପଡିଛନ୍ତି। ହିନ୍ଦୁମାନଙ୍କର ଆରାଧ ଗୋବଂଶକୁ ଦୈନିକ ରାଜ୍ୟ ତଥା ଦେଶ ବାହାରକୁ ଅତି ଅମାନୁଷିକ ଭାବରେ ଚାଲାଣ କରାଯାଉଛି। ଗୋ ମାଫିଆ ମାନେ ଗୋ ହତ୍ୟା ଉଦେଶ୍ୟରେ ଏଭଳି ବେଆଇନି ଚାଲାଣ ଜାରୀ ରଖିଛନ୍ତି। ଅପରପକ୍ଷରେ ଗୋମାଫିଆ ମାନେ ଗୋରକ୍ଷକ ମାନଙ୍କୁ ହତ୍ୟା ଧମକ ଦେବା ସହ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଖାଲି ସେତିକି ନୁହେଁ, ଗୋରକ୍ଷକ ମାନଙ୍କୁ ମିଥ୍ୟା ମାମଲାରେ ମଧ ଛନ୍ଦି ଦିଆଯାଉଛି। ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ଗୋବଂଶ ହ୍ରାସ ପାଉଥିବା ନେଇ ଅଭିଯୋଗ ହେଉଛି। ଅପରପକ୍ଷେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତାରିଣୀ ମନ୍ଦିର ସାମ୍ନାରେ ହେଉ ଅବା ବିଭିନ୍ନ ସ୍ଥାନରେ ସନ୍ଧ୍ୟା ଗାଈ ଗୋରୁ ଶୋଇବା ଦ୍ୱାରା ଯାତାୟାତ କରୁଥିବା ଦୁର୍ଘଟଣା ଶିକାର ହେବା ସହ କିଛି ଦିନ ତଳେ ଆମ୍ବୁଲାନ୍ସ ଦୁର୍ଘଟଣା ମଧ ଏକ ବାଛୁରୀ ଜୀବନ ଯାଇଛି। ଅନେକ ସମୟରେ ଦୁର୍ଘଟଣା ରେ ବୁଲା ଗୋରୁ ଗାଈ ଦୁର୍ଘଟଣା ଶିକାର ହେଉଛନ୍ତି। ସେମାନଙ୍କୁ ନିର୍ଦ୍ଦିଷ୍ଟ ଜାଗାରେ ରଖି ଚିକିତ୍ସା ଯୋଗାଇ ଦେବାକୁ ବ୍ୟବସ୍ଥା ନଥିବା ବେଳେ ଗୋ ଚାଲାଣ ବେଳେ ଜବତ ଗୋରୁ ଗୁଡିକୁ ରଖିବା ପାଇଁ ବହୁ ଦୂରରେ ଥିବା ପୁରୀ ଗୋଶାଳାକୁ ଗୋରୁମାନଙ୍କୁ ନେବାକୁ ପଡୁଛି। ତେଣୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ଏକ ଉନ୍ନତଧରଣର ଗୋଶାଳା ନିର୍ମାଣ ପାଇଁ ଦାବୀ ଜୋର ଧରିଥିବା ବେଳେ ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଦିନକୁ ଦିନ ଗୋଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗୋରକ୍ଷକମାନଙ୍କ ପାଇଁ ବହୁ ସମୟରେ ଏହି ଗୋରୁ ମାନଙ୍କୁ ଉଦ୍ଧାର କରାଯାଉଥିବା ବେଳେ ବହୁ ଗୋରୁ ବୋଝେଇ ଗାଡିକୁ ମାଫିଆ ମାନେ ଜିଲ୍ଲା ପାର କରିବାରେ ତାଳଦା ସେତୁ ଦେଇ ସକ୍ଷମ ହେଉଛନ୍ତି। ସେହିଭଳି ବିଭିନ୍ନ ଗ୍ରାମାଞ୍ଚଳ ହେଉ ଅବା ଅସ୍ତରଙ୍ଗ ମୁଖ୍ୟ ବଜାରରେ ସନ୍ଧ୍ୟା ସମୟରେ ଗାଈ ଗୋରୁ ରାସ୍ତାରେ ବୁଲୁଛନ୍ତି ଅବା ଶୋଉଛନ୍ତି।

ଯାହା ଫଳରେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ମଧ ହେଉଛି। ଏହା ଆହତ ଗୋରୁ ଚିକିତ୍ସା ନିମନ୍ତେ ମଧ ସେତେଟା ସୁବିଧା ନାହିଁ। ତେଣୁ ଚାଲାଣ ହେଉଥିବା ଗୋରୁମାନଙ୍କୁ ସୁରକ୍ଷିତ ରଖାଯିବା ଓ ଆହତ ଗୋରୁ ମାନଙ୍କର ଚିକିତ୍ସା ସୁବିଧା ନିମନ୍ତେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଏକ ଗୋଶାଳା ନିର୍ମାଣ ପାଇଁ ଗୋସେବକ ମାନେ ଦୀର୍ଘ ଦିନ ହେବ ଦାବୀ କରି ଆସୁଛନ୍ତି। ଗୋ ତସ୍କର ମାନେ ବିଳମ୍ବିତ ରାତ୍ରର ସୁଯୋଗ ନେଇ ରାସ୍ତାରୁ ଗୋ ମାତାକୁ ଗାଡ଼ିରେ ଚାଲାଣ କରୁଥିବାର ନଜିର ରହିଛି। ଏଣୁ ରାଜ୍ୟ ସରକାର ଗୋ ହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦୃଢ ଆଇନି ପ୍ରଣୟନ, ଗୋରକ୍ଷକଙ୍କ ଉପରେ ଲଗାଯାଉଥିବା ମିଥ୍ୟା ମାମଲା ରଦ୍ଦ କରିବା, ଗୋଚୋରା ଚାଲାଣକୁ ରୋକିବା ପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ, ଗୋ ତସ୍କର ମାନଙ୍କୁ ଚିହ୍ନଟ କରି ରାଷ୍ଟ୍ରୀୟ ସୁରକ୍ଷା ଅନୁଯାୟୀ ଦଣ୍ଡ ବିଧାନ, ଗୋ ଚୋରା ଚାଲାଣକାରୀଙ୍କୁ ଦଣ୍ଡବିଧାନ କରିବା ପାଇଁ ସାଦାରଣରେ ଦାବି ହେଉଛି।

# ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ନାଁ ବ୍ୟବହାରକୁ ବାରଣ

ରାଉରକେଲା ,(ପିପିଏସ୍): ପ୍ରେସ କାଉନସିଲ ଅଫ ଇଣ୍ଡିଆ ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ଏକ ବୈଧାନିକ ଅଙ୍ଗ। ଯାହାକି ପ୍ରେସ କାଉନସିଲ ଆକ୍ଟ ୧୯୭୮ ଅନୁଯାୟୀ ଗଠିତ। ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରେସ ର ସ୍ୱାଧୀନତା କୁ ସୁରକ୍ଷିତ ରଖିବା ଏବଂ ଭାରତରେ ସମ୍ବାଦପତ୍ର ଓ ସମ୍ବାଦ ସଂସ୍ଥା ମାନଙ୍କର ମାନଦଣ୍ଡ କୁ ରକ୍ଷା କରିବା। ନୂଆଦିଲ୍ଲୀସ୍ଥିତ ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ ଠାରେ ପ୍ରେସ୍ କାଉନସିଲର ସଚିବାଳୟ କାର୍ଯ୍ୟ କରୁଥିବାବେଳେ ଏହାର କୌଣସି ଶାଖା ନାହିଁ କିମ୍ବା ଏହି ନାମରେ ନାମିତ କୌଣସି ପ୍ରାଧିକୃତ ଅଙ୍ଗ ଅନ୍ୟ କୌଣସି ସ୍ଥାନରେ କାର୍ଯ୍ୟ କରେ ନାହିଁ। ମାତ୍ର ସମ୍ପ୍ରତି ପ୍ରେସ୍ କାଉନସିଲ ଶବ୍ଦଟି ଅନ୍ୟ ପ୍ରେସ ସଂଗଠନ ମାନଙ୍କ ଦ୍ୱାରା ବ୍ୟବହୃତ ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଯାହାଦ୍ୱାରା ଯେ କେବଳ ପ୍ରେସ କାଉନସିଲ ଅଫ ଇଣ୍ଡିଆ ର ଅସ୍ତିତ୍ୱ ଓ ପ୍ରତିଷ୍ଠା ର ମର୍ଯ୍ୟାଦା ହାନି ହେଉଛି ତାହା ନୁହେଁ, ବରଂ ଏହାର ବୈଶିଷ୍ଟ୍ୟପୂର୍ଣ୍ଣ ନାମ ଓ ଅଦ୍ୱିତୀୟ ଶକ୍ତି ଉପରେ ପ୍ରଭାବ ପକାଉଛି । ଏଣୁ ଆଇନଗତ ବ୍ୟାପାର ବିଭାଗ ସ୍ପଷ୍ଟ ମତ ଦେଇଛନ୍ତି ଯେ, କେନ୍ଦ୍ର ସରକାରଙ୍କର ବିନା ଅନୁମତିରେ ଏହି ଶବ୍ଦ କୁ ବ୍ୟବହାର କରିବା ସଂପୂର୍ଣ୍ଣ ଆଇନ ବିରୁଦ୍ଧ। ଯାହାକି ପ୍ରତୀକ ଓ ନାମର ଅନୁଚିତ୍ ବ୍ୟବହାର ନିବାରଣ ନିୟମ ୧୯୫୦ ଅନୁସାରେ ଅବୈଧ ଅଟେ। ଏହି ପରିପ୍ରେକ୍ଷୀରେ କୌଣସି ସ୍ଥାନୀୟ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ସଂଗଠନ ମାନଂକ ପ୍ରତି ପ୍ରେସ କାଉନସିଲ କିମ୍ବା ଏହାର ହିନ୍ଦୀ ଅନୁବାଦ 'ଭାରତୀୟ ପ୍ରେସ ପରିଷଦ, ନାମରେ ନିବନ୍ଧନ ବା ବ୍ୟବହାରକୁ ସର୍ବଦା ବାରଣ କରାଯାଇଛି। ଏହାର ଉଲଂଘନ ରେ ଆଇନ ଅନୁଯାୟୀ ସଂପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି।

# ବଲାଣି ବିକାଶ ପରିଷଦ ପକ୍ଷରୁ ଦାବିପତ୍ର

ଯୋଡ଼ା : ସୀମାନ୍ତ ଖଣି ଥାନା ଅଂଚଳ ବଲାଣିରେ ଦିନକୁ ଦିନ ଅବନତି ପାଉଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ମଙ୍ଗଳବାର ପରିଷଦ ଦ୍ୱାରା ବଲାଣି ଥାନାର ଥାନାଅଧିକାରୀ ଲବ ବୋଡାଙ୍କୁ ସ୍ଥାନୀୟ ଅଂଚଳରେ ଥିବା ବିଭିନ୍ନ ସମସ୍ୟା ସନ୍ଦର୍ଭରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପରିଷଦ ପକ୍ଷରୁ କୁହାଯାଇଛି ଯେ, ଥାନା ଅଂଚଳର ଖଣି ଆବାସିକ କଲୋନୀ କ୍ଷେତ୍ରରେ ଦିନକୁ ଦିନ ଚୋରି ଘଟଣା ବଢିଚାଲିଛି, ଯଦ୍ୱାରା ସାଧାରଣ ଲୋକମାନେ ଅତି ଅସୁରକ୍ଷିତ ବୋଧ କରୁଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାତିବେଳେ ସମ୍ବେଦନଶୀଳ ଅଂଚଳରେ ପୁଲିସ ମୁତୟନ କରିବା ସହିତ ମୁଖ୍ୟ ରାସ୍ତା ସହିତ କଲୋନୀ ରାସ୍ତାରେ ନିୟମିତ ପେଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏହା ବ୍ୟତୀତ ବଲାଣି ବଜାର ଅଂଚଳରେ ଅନିୟମିତ ପାର୍କିଂକୁ ନେଇ ମଧ ଚିନ୍ତା ବ୍ୟକ୍ତ କରାଯାଇଛି, ଯାହା ଫଳରେ ଯାତାୟାତ ଜଟିଳ ହେଉଛି ଓ ଆପାତକାଳୀନ ସେବା ବାଧାପ୍ରାପ୍ତ ହେଉଛି । ଅସାମାଜିକ ତତ୍ୱ ମାନଙ୍କ ଉପସ୍ଥିତି ଦ୍ୱାରା ବଲାଣି ଡାକ୍ତରଖାନା ସମ୍ମୁଖରେ ଥିବା ପାର୍କ ଓ ଫୁଟବଲ ଗ୍ରାଉଣ୍ଡ ସାନ୍ଧ୍ୟା ୫ଟାରୁ ୮ଟା ପର୍ଯ୍ୟନ୍ତ ଅପେକ୍ଷାକୃତ ଅସୁରକ୍ଷିତ ହୋଇପଡିଛି । ଏହି ସମୟରେ ଏଠାକୁ ଆସୁଥିବା ମହିଳା ଓ ଛୋଟ ଛୋଟ ପିଲା ମାନେ ପୁଲିସ ଉପସ୍ଥିତି ନଥିବାରୁ ଆତଙ୍କିତ ଅନୁଭବ କରୁଛନ୍ତି। ସେହିପରି ଅପେକ୍ଷାକୃତ କମ୍ ବୟସର ପିଲାମାନେ ବିଭିନ୍ନ ରାସ୍ତାରେ କ୍ଷୀପ୍ର ଗତିରେ ଦୁଇଚକିଆ ଚଳାଇ ବିଭିନ୍ନ ଷ୍ଟଂଟ ଦେଖାଇ ସାଧାରଣ ଜନତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି । ଏହା ବ୍ୟତୀତ ଏହି ଅଂଚଳରେ ଖୋଲାଖୋଲି ଚାଲୁଥିବା ନିଶା କାରବାର ଓ ଚୋରା ଡିଜେଲ କାରବାର ଆଦି ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ପରିଷଦ ତରଫରୁ କିଛି ପ୍ରମୁଖ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି, ଯଥା: ଅଳ୍ପବୟସ୍କ ଛାତ୍ରଛାତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ ନିମନ୍ତେ ନିୟମିତ ଭାବରେ ଯାଂଚ୍ କରିବା ସହିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବଜାର ଅଂଚଳରେ ବ୍ୟବସ୍ଥିତ ଭାବେ ବାହାନ ପାର୍କିଂର ବ୍ୟବସ୍ଥା, ପାର୍କ ଓ ଫୁଟବଲ ପଡିଆ ଅଂଚଳରେ ସାନ୍ଧ୍ୟା ସମୟରେ ନିୟମିତ ଗସ୍ତ ବ୍ୟବସ୍ଥା, ରାତି ସମୟରେ ସମ୍ବେଦନଶୀଳ ଅଂଚଳରେ ପୁଲିସ ଉପସ୍ଥିତି ସହିତ ରାତ୍ରିକାଳୀନ ପେଟ୍ରୋଲିଂ ବଢାଇବା ଆଦି ଦାବି ରଖାଯାଇଛି । ପରିଷଦ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ ସମୟରେ ଶ୍ରମିକ ନେତା ପଦ୍ମଲୋଚନ ମହାନ୍ତଙ୍କ ସହିତ ଅନେକ ଶ୍ରମିକ ସଂଗଠନ ପ୍ରତିନିଧି, ଖଣି କର୍ମଚାରୀ, ବିଭିନ୍ନ ଠିକାଦାର ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ବିଲାଣି ବିକାଶ ପରିଷଦର ସମ୍ପାଦକ ଶିବାଶିଷ ନନ୍ଦ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଜୁନ୍ ୫ରେ ଖୋଲିବ ରବିମଣ୍ଡି

ଜୟପୁର : ଆସନ୍ତା ଜୁନ୍ ୫ ତାରିଖରେ ରବିମଣ୍ଡି ଖୋଲିବ ବୋଲି ଜିଲ୍ଲାପାଳ ପତ୍ର ମାଧ୍ୟମରେ ଜଣାଇଛନ୍ତି । ମେ ୨୫ ତାରିଖରେ ଜିଲ୍ଲା ପ୍ରକ୍ୟୁରମେଂଟ ବୈଠକରେ ଦିନ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ଲଘୁଚାପଜନିତ ବର୍ଷା ଧାନଅମଳ ସମ୍ପର୍କରେ କୃଷି ବିଭାଗର ରିପୋର୍ଟକୁ ଦୃଷ୍ଟିରେ ରଖି ରବିମଣ୍ଡିକୁ ଜୁନ ୫ କୁ ସ୍ଥାନାନ୍ତର କରାଯାଇଛି । ଜିଲ୍ଲା ପ୍ରକ୍ୟୁରମେଂଟ ବୈଠକରେ ଆସନ୍ତା ୨୫ ତାରିଖରେ ରବିମଣ୍ଡି ଖୋଲିବା ଲାଗି ସ୍ଥିର କରାଯାଇଥିଲା। ଏହି ସମୟରେ କୁନ୍ଦୁରା ବ୍ଲକରେ ଧାନ ଅମଳ ହୋଇଥିବ ବୋଲି ଆକଳନ କରାଯାଉଥିଲା। ସେହି ଅନୁସାରେ କୁନ୍ଦୁରା ବ୍ଲକରେ ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମ ମଧ ରହିଥିଲା। ଅଥଚ ସେହି ବ୍ଲକରେ ମାତ୍ର ୨୦ ପ୍ରତିଶତ ଧାନ ଅମଳ ହୋଇଥିବା ସମ୍ପର୍କରେ କୃଷି ବିଭାଗ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଅନ୍ୟପକ୍ଷରେ ଏବେ ବର୍ଷା ହେଉଛି। ଆସନ୍ତା ଦୁଇଦିନ ମଧ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁକୁ ଦୃଷ୍ଟିରେ ରଖି ୨୫ ତାରିଖ ରବିମଣ୍ଡି ଆରମ୍ଭ କାର୍ଯ୍ୟକ୍ରମକୁ ଘୁଂଚାଇ ଦିଆଯାଇଥିଲା । ଦୁଇଦିନ ମଧରେ ଧାନ ଅମଳ ରିପୋର୍ଟକୁ ଦେଖି ଜୁନ ୫ ତାରିଖରେ ମଣ୍ଡି ଆରମ୍ଭ ହେବ। ସୂଚନା ଥାଉକି, ଜିଲ୍ଲା ପ୍ରକ୍ୟୁରମେଂଟ ବୈଠକରେ ୨୫ ତାରିଖ ମଣ୍ଡି ଖୋଲିବା ଲାଗି ନିଷ୍ପତି ନିଆଯାଇଥିଲେ ହେଁ ମିଲରଙ୍କ ସହ ଯୋଗାଣ ବିଭାଗର ଚୁକ୍ତି ହୋଇନି। ଜିଲ୍ଲାର ମିଲର୍ସ ଭାଗ ନେବେ ନାହିଁ ବୋଲି ଜଣାଇବା ପରେ ବଲାଙ୍ଗିର ସହ ଅନ୍ୟ ଜିଲ୍ଲାର ମିଲର ଏଠାକାର ମଣ୍ଡିରୁ ଧାନ ଉଠାଇବେ। କେଉଁ କେଉଁ ମିଲର ଧାନ ଉଠାଇବେ, ତାହାର ତାଲିକା ପ୍ରସ୍ତୁତ ହୋଇନଥିବା ଜଣାପଡିଛି। ଏମିତିକି କେଉଁ ମିଲର ଏବଂ କ୍ରୟକାରୀ ସଂସ୍ଥା କେତେ ଧାନ ଉଠାଇବେ ତାହାର ଟାର୍ଗେଟ ମିଳିନି। ଅନ୍ୟପକ୍ଷରେ ଚାଷୀଙ୍କ ପାଖକୁ ଟୋକେନ ଆସିନି। ଏସବୁ କାରଣରୁ ମଣ୍ଡି ଘୁଂଚାଯାଇଥିବା ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

# କାରଖାନାରେ ଦୁର୍ଘଟଣା ମୃତକଙ୍କ ପରିବାରକୁ କ୍ଷତିପୂରଣ



ରାଉରକେଲା ,(ପିପିଏସ୍): ଗତ ୧୮ ସେପ୍ଟେମ୍ବର ୨୦୨୩ ମସିହାରେ କୁତ୍ରା ବ୍ଲକ ଗଙ୍ଗାଜଳ ନିକଟର ସ୍ଥାପିତ ସ୍କାନ ଷ୍ଟିଲରେ ଉତ୍ତରପ୍ରଦେଶ ରାଜ୍ୟର ଦେହୁରୀଆ ଜିଲ୍ଲା ର ଲାରା ଗ୍ରାମର ଆବତାବ ଆଲାମ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣା ଘଟି କାରଖାନା ପରିସରରେ ମୃତ୍ୟୁ ହୋଇଥିଲା । ସେ ଇଏସଆଇ ଯୋଜନାରେ ଅନ୍ତର୍ଭୁକ୍ତ ଥିଲେ । ଯାହା ପାଇଁ ତାଙ୍କୁ ୯୦ ଶତପରିଷଦ କ୍ଷତିପୂରଣ ହିସାବରେ ମାସିକ ୧୮ ହଜାର ୩୦୦ ଟଙ୍କା କ୍ଷତିପୂରଣ ଦେବା ପାଇଁ ସେପ୍ଟେମ୍ବର ୨୦୨୪ରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା । ଅକ୍ଟୋବର ୨୦୨୪ରେ ତାଙ୍କ ପରିବାର ସହ ରାଜଗାଙ୍ଗପୁର ଇଏସ୍ଆଇ ବୀମା ଅଫିସ ବ୍ରାଞ୍ଚ ପରିଚାଳକ ବିଜୟ କୁମାର ଯୋଗାଯୋଗ କରି ଆସୁଥିଲେ। କିନ୍ତୁ ମୃତ ଆବତାବ ଆଲାମଙ୍କ ପରିବାର ଲୋକଙ୍କ କୌଣସି ଅସୁବିଧା ଥିବା ଯୋଗୁଁ ସେ ଆସିପାରିନଥିଲେ । ଆଲାମଙ୍କ ସ୍ତ୍ରୀ ତନମନା ଖତୁନ ଦୁଇଟି ସନ୍ତାନଙ୍କ ସହ ଇଏସ୍ଆଇ ବୀମା କାର୍ଯ୍ୟଳୟରେ ପହଞ୍ଚିବା ପରେ ତାଙ୍କୁ କ୍ଷତିପୂରଣ ବାବଦରେ ୩ଲକ୍ଷ ୫୯ ହଜାର ନଅ ଶହ ଏକ ଟଙ୍କାର ଚେକ୍ ବ୍ରାଞ୍ଚ ପରିଚାଳକ ବିଜୟ କୁମାର ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସମ୍ମୁଖରେ ଚେକ୍ ପ୍ରଦାନ କରିଥିଲେ । ସେମାନଙ୍କର ଯିବା ପାଇଁ ସୁବ୍ୟବସ୍ଥା କରିଥିବା ଜଣାଯାଇଛି।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ




ସୁନ୍ଦରଗଡ଼,(ପିପିଏସ): ଓଡ଼ିଶାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲ୍ଲାର ପ୍ରଭାରୀ ସୁରେଶ ପୂଜାରୀଙ୍କ ଦ୍ୱାରା ସ୍ଥାନୀୟ ବିକାଶ ଭବନ ଠାରେ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ମହାଜନ ନିକଟରେ ହୋଇଥିବା ଜିଲ୍ଲାର ବିଭିନ୍ନ ସଫଳତା ତଥା ଉପଲବ୍ଧିଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଯୋଜନାଗୁଡିକରେ ସାମିଲ କରିପାରିବା ତାହା ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଡାକ୍ତର (ଗ୍ରାମୀଣ), ପିଏମ ଜନମନ୍ ଅନ୍ତର୍ଗତ ଜିଲ୍ଲାରେ ଗୃହ ନିର୍ମାଣ ଉପରେ ଉପସ୍ଥାପନ କରାଯାଇଥିଲା। ସେହିଭଳି ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ପକ୍ଷରୁ ଏବଂ

## ବିଭିନ୍ନ ଯୋଜନା ଓ ପରିମଳ ବ୍ୟବସ୍ଥାକୁ ଦେଲେ ଗୁରୁତ୍ୱ

ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରାଉରକେଲା ଆଶୁତୋଷ କୁଲକର୍ଣ୍ଣି, ସୁନ୍ଦରଗଡ଼ର ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ବଣାଇ ବନଖଣ୍ଡ ଅଧିକାରୀ ଲଳିତ ପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲାଇ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ଜିଲ୍ଲା ଯୋଜନା ବିଭାଗର ସହାୟକ ନିର୍ଦ୍ଦେଶକ ପ୍ରଦୀପ ତିର୍କି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ସୁନ୍ଦରଗଡ଼ ଜିଲ୍ଲାରେ ନାରୀ ସଶକ୍ତିକରଣରେ ଆଗୁଆ ରହିଛି। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ବିଶେଷ ଉନ୍ନତି ସାଧିତ ହୋଇଛି। । ଜିଲ୍ଲାରେ ବିକାଶ ଧାରାକୁ ଆହୁରି ଆଗେଇ ନେବାର ଆବଶ୍ୟକତା ରହିଛି । ଆଧୁନିକ ସୁନ୍ଦରଗଡ଼ ଗଢ଼ିବା ଉପରେ ଅ । ଲୋ । କ ପ । ତ କରିଥିଲେ ।ଜନସାଧାରଣମାନେ ପ୍ରଶାସନ ପାଖକୁ ଆସିବା ପରିବର୍ତ୍ତେ ପ୍ରଶାସନ ପ୍ରତିଟି ଜନସାଧାରଣଙ୍କ ନିକଟରେ ପହଞ୍ଚି ସମସ୍ତ ସରକାରୀ ଯୋଜନା,କାର୍ଯ୍ୟକ୍ରମ ଆଦି କିଭଳି ପହଞ୍ଚିପାରିବ ଏବଂ ସମସ୍ତେ କିଭଳି ଏବଂ ଅଣ ଡାକ୍ତରମାନଙ୍କ ଅବସ୍ଥିତି, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ବୋୟ ବନ୍ଦନା ଯୋଜନା ଆଦି ଅନ୍ତର୍ଗତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଆଦି ଉପରେ ଉପସ୍ଥାପନ କରିଥିଲେ । ଜିଲ୍ଲାରେ ଚାଲୁଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ମଧ ଆଲୋକପାତ କରିଥିଲେ । ସେହିଭଳି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ମଧ ଆଲୋଚନା କରାଯାଇଥିଲା। ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ଆନ୍ତୋଦୟ ଗୃହ ଯୋଜନା , ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୱାଟକୋର ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ମେଗା ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ସୋଲାର ପ୍ରକଳ୍ପ ଆଦି ଉପରେ ଆଲୋଚନା କରାଯାଇଥିଲା ଏବଂ ସମୀକ୍ଷା କରାଯାଇଥିଲା ଏବଂ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପାଇପ ଜଳ ଯୋଗାଣ ନିମନ୍ତେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷା ରେଜଲ୍ଟ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସଂଖ୍ୟା , ଗୋଦାବରିଷ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମଶ୍ରୀ ଯୋଜନା, ଭର୍ଚୁଆଲ ଷ୍ଟୁଡିଓ, ମେଧାବୀ ଛାତ୍ରଙ୍କ ବୃତ୍ତି , କ୍ୟାରିଅର କାଉନସେଲିଂ, ପି ଏମ ପୋଷଣ, ନିପୁଣ ଓଡ଼ିଶା ଆଦି ଉପରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା ।ସୁନ୍ଦରଗଡ଼ , ରାଜଗାଙ୍ଗପୁର ଏବଂ ବୀରମିତ୍ରପୁର ପୌରପାଳିକା ଦ୍ୱାରା ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟ, ସ୍ୱଚ୍ଛ ଭାରତ ମିଶନରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ, ମୋ ଖତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହର) ଅନ୍ତର୍ଗତ ଘର , ବହୁ ଉପଯୋଗୀ ହଲ ନିର୍ମାଣ, ଜାଗା ମିଶନ ର ସ୍ଥିତି ଆଦି ଉପରେ ସମୀକ୍ଷା କରାଯାଇଥିଲା । ସେହିଭଳି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗୃହ ନିର୍ମାଣ,ସେତୁ ନିର୍ମାଣ, ରାସ୍ତା ସଂଯୋଗିକରଣ ଆଦି ଉପରେ ସମୀକ୍ଷା କରାଯାଇଥିଲା। ଜଳସେଚନ ବିଭାଗ, ମେଗା ଉଠା ଜଳସେଚନ, କୃଷି , ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆଦି ଉପରେ ସମୀକ୍ଷା କରାଯାଇଥିଲା। ସେହିଭଳି ଜିଲ୍ଲାରେ ରାଜସ୍ୱ ଗ୍ରାମ, ଜଙ୍ଗଲ ଜମି ଅଧିକାର, ଭୂମି ଅଧିଗ୍ରହଣ, ବେନିୟମ ଅନଧିକାରଣ ଉଚ୍ଛେଦ କରାଯିବା ଆଦି ଉପରେ ସମୀକ୍ଷା କରାଯାଇଥିଲା। ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଆସନ୍ତା ମୌସୁମୀ ନେଇ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳମଗ୍ନ ହେଉଥିବା ଅଞ୍ଚଳ, ଦୁର୍ବଳ ତଥା ତଳୁଆ ଅଞ୍ଚଳ ଚିହ୍ନଟ, ଅସ୍ଥାୟୀ ଆଶ୍ରୟ ସ୍ଥଳ ଚିହ୍ନଟ, ବିଭିନ୍ନ ଉପକରଣ ତଥା ପଲିଥିନ ଆଦିର ଆବଶ୍ୟକ ମାତ୍ରାରେ ମହଜୁଦ ରଖିବା ଆଦି ନେଇ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ତହସିଲଦାର ମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲା ଉପକାରାଗାରରେ ଯୋଗ ସଂସ୍କାର ଶିବିର

ସୁବର୍ଣ୍ଣପୁ(ହି.ସ.): ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା ଉପ-କାରାଗାର ରେ ଏକ ସତନ୍ତ୍ର ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହୀ କାର୍ଯ୍ୟକ୍ରମ ରେ ଜିଲ୍ଲା ଭାରତ ସ୍ୱାଭିମାନ ପ୍ରଭାରୀ ମନୋଜ ପଣ୍ଡା ଯୋଗ ଦେଇ ସମସ୍ତ ବିଚାରଧୀନ କଏଦୀଙ୍କୁ ଯୋଗାଭ୍ୟାସ, ସୂର୍ଯ୍ୟ ନମସ୍କାର, ରୋଗ ଅନୁସାରେ ଯୋଗ ଓ ପ୍ରାଣାୟାମର ପ୍ରତିଦିନ ସକାଳ ଯୋଗ ଅଭ୍ୟାସ ଦ୍ୱାରା ରୋଗର ନିବାରକ ଓ ଜୀବନ ଶୈଳୀ ସୁନ୍ଦର ହୋଇ ପାରିବ ବୋଲି ନିଜର ବହୁମୂଲ୍ୟ ମତାମତ ପ୍ରକାଶ କରିଥିଲେ । କାରାପତି ଡିଲେଶ୍ୱର୍ ଜେନା, ସହକାରୀ କାରାପତି ସୁଖସାର ଦୁଧଖିମିଆ, ସହକାରୀ ଉପ କାରାପାଳ ରାଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନା କରିଥିଲେ। ଯୋଗ ଶିକ୍ଷକ ସୁବାସ ପଣ୍ଡା ଓ ସଞ୍ଜୟ ବଡ ପଣ୍ଡା ଶିବିରାର୍ଥିଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଜେଲ ମହା ନିର୍ଦ୍ଦେଶକଙ୍କ ନିର୍ଦେଶରେ ପ୍ରତିଦିନ ଏହି ଶିବିର ଆୟୋଜନ କରାଯିବ ବୋଲି ଜେଲର ଶ୍ରୀ ଜେନା କହିଛନ୍ତି ।

# ସମ୍ବଲପୁରରେ ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀ କପ୍

ସମ୍ବଲପୁର, (ହି.ସ.) - ରାଜ୍ୟ କ୍ରୀଡା ବିଭାଗ ସହଯୋଗରେ ମୁଖ୍ୟମନ୍ତ୍ରୀ କପ୍ ଅନ୍ତର୍ଜିଲ୍ଲା ଜୋନାଲ୍ ଫୁଟବଲ୍ ଟୁର୍ଣ୍ଣାମେଂଟ-୨୦୨୫ ଆସନ୍ତା ମେ ୨୮ ତାରିଖ ରୁ ଆରମ୍ଭ ହୋଇ ଜୁନ ୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ର ଭିଏସଏସ୍ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଂଟରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡା ଓ ବରଗଡ଼ ଜିଲ୍ଲାର ମୋଟ୍ ୮ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଂଟ ଦ୍ୱାରା ଜିଲ୍ଲା ସ୍ତରରେ କୁଶଳୀ ଖେଳାଳିଙ୍କୁ ଚିହ୍ନଟ କରି ରାଜ୍ୟ ସ୍ତରରେ ପ୍ରସ୍ତୁତ କରାଯିବ।

# ସାମ୍ବାଦିକକୁ ଆକ୍ରମଣ ଘଟଣା ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବି

ବଲାଙ୍ଗିର: ବଲାଙ୍ଗୀର ଜିଲ୍ଲା ପୁଇଁତଳାର ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଆକ୍ରମଣ ଘଟଣାରେ ଆଜି 'ଏସୟୁଜେ ଓଡ଼ିଶା' ସଭାପତି କୈଳାଶ ଚନ୍ଦ୍ର ନାୟକ, ବଡ଼ ଖବରର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ଏବଂ ଏ.କେ. ରାୟଙ୍କ ସମେତ ବିଭିନ୍ନ ପ୍ରମୁଖ ସାମ୍ବାଦିକ ସଂଗଠନ କଟକ ଠାରେ ପୋଲିସ ମୁଖ୍ୟାଳୟରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ( ଆଇ ପି ଏସ )ଙ୍କୁ ଭେଟି ମୁଖ୍ୟ ଅଭିଯୁକ୍ତ ଗଜେନ୍ଦ୍ର ଦଳାଇକୁ ଅବିଳମ୍ବେ ଗିରଫ କରିବାକୁ ଦାବି କରିଥିଲେ । ରାଜ୍ୟର ବିଭିନ୍ନ ଅଂଚଳରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ପରେ ସ୍ଥାନୀୟ ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବା ପରିବର୍ତେ କିପରି ଓଲଟି ଅଭିଯୋଗକାରୀ ସାମ୍ବାଦିକଙ୍କ ନାମରେ ମାମଲା ରୁଜୁ କରି ଗଣମାଧ୍ୟମର କଣ୍ଠରୋଧ କରୁଛନ୍ତି ସେ ସମ୍ପର୍କରେ ମଧ ଶ୍ରୀ ଖୁରାନିଆଙ୍କ ସହିତ ଆଲୋଚନା ହୋଇଥିଲା । ପୋଲିସ ମହାନିର୍ଦ୍ଦେଶକ ସାମ୍ବାଦିକ ସଂଘ ମାନଙ୍କର ଦାବିକୁ ଧୈର୍ଯ୍ୟର ସହିତ ଶୁଣିବା ସଙ୍ଗେ ସଙ୍ଗେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ।

# 'ଆପ୍' ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ବଲାଙ୍ଗିର: ବଲାଙ୍ଗିର ଜିଲ୍ଲାରେ କ୍ରାଇମ୍ ଚରମ ସୀମାରେ ପହଂଚି ଯାଇଛି । ସାଧାରଣ ଲୋକଙ୍କ ଘରୁ ବାହାରିବା କଷ୍ଟକର ହୋଇବସୁଛି। ବାରମ୍ବାର କେତେବେଳେ ଟାଉନରେ ଖଣ୍ଡା ବୁଲୁଛି ତ କେତେବେଳେ ରାଜନେତା ଉପରେ ଆକ୍ରମଣ ହେଉଛି । କେତେବେଳେ ସାଧାରଣ ଜନତା, ମହିଳା ଉପରେ ଆକ୍ରମଣ ହେଉଛି । ସେହିପରି ହାରାହାରି ଗୋଟେ ସପ୍ତାହ ତଳେ ବଲାଙ୍ଗିରର ଜଣେ ଆଗଧାଡିର ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ନିର୍ମମ ଭାବରେ ଆକ୍ରମଣ ହୋଇଛି । ସାମ୍ବାଦିକ ଜଣକ ପୁଇଁନ୍ତଲା ବ୍ଲକ କୁଲୁଥିପାଲି ଗ୍ରାମକୁ ଗାଡଓ୍ୱେଲ ନିମ୍ନମାନର ହୋଇ ଦୁର୍ନିତି ହୋଇଥିବା ଖବର ସଂଗ୍ରହ କରିବାକୁ ଯାଇଥିଲେ କିନ୍ତୁ ତାଙ୍କୁ ସେଠାରେ ଠିକାଦାରର କିଛି ଦୁର୍ବୃତ ହାତ ଗୋଡ ବାନ୍ଧି ନିର୍ଦ୍ଧୁମ ମାଡ ମାରି ଲହୁ ଲୁହାଣ କରି ସାମ୍ବାଦିକଙ୍କୁ ବନ୍ଦୀ କରି ପକାଇ ଦେଇଥିଲେ । ତେଣୁ ଏହି ସବୁ ଘଟଣାକୁ ବଲାଙ୍ଗିର ଆମ୍ ଆଦମୀ ପାର୍ଟି ଦୃଢ ନିନ୍ଦା କରୁଛି ଏବଂ ସେ ଉପରେ ନିରପେକ୍ଷ ତଦନ୍ତ କରି ସଂପୃକ୍ତ ପ୍ରତ୍ୟେକ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯାଉ ଏବଂ ତୁରନ୍ତ ସମସ୍ତ ଅପରାଧୀଙ୍କୁ ଗିରଫ କରାଯାଉ ଏବଂ ବଲାଙ୍ଗିରରେ ଆଇନ ବ୍ୟବସ୍ଥାକୁ ସୁଦୃଢ କରାଯିବା ଦାବି ନେଇ ଆପ୍ ବଲାଙ୍ଗିର ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ସଦସ୍ୟ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ବଲାଙ୍ଗିର ଆପ୍‌ର ପାଂଚ ଜଣିଆ ଟିମ୍ ବଲାଙ୍ଗିର ଏସପି ଅଭିଲାଷ ଜି ଙ୍କୁ ସାକ୍ଷାତ କରି ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିରର ଯୁବ ନେତା ରମାକାନ୍ତ ବେହେରା, ସଦସିଭ ମେହେର, ରାଜେଶ ବଗର୍ତି, ବାଳକୃଷ୍ଣ ନାଏକ ପ୍ରମୁଖ ପାର୍ଟିର କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

## ଦେଶୀମଦ ଜବତ ଜଣେ ଗିରଫ

ଜୟପୁର: କୋରାପୁଟ ଜିଲ୍ଲା ଜୟପୁର ଅଞ୍ଚଳରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ତେବେ ପୋଲିସ୍ ଓ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ ହେଉଥିଲେ ବି ଏହି ବେଆଇନ କାରବାର ବନ୍ଦ ହେଉନି। ଏହି କ୍ରମରେ ଜୟପୁର ସଦର ଥାନା ଅନ୍ତର୍ଗତ ବାର୍ଲାହାଣ୍ଡିରେ ଅବକାରି ଚଢଉ ହୋଇଛି । ଦେଶି ମଦ ଚାଲାଣ କରୁଥିବା ସୂଚନା ପାଇ ବାର୍ଲାହାଣ୍ଡି ଗ୍ରାମ ରାସ୍ତାରେ ଚଢଉ ହୋଇଛି । ଚଢ଼ଉ କରି ନିଳକଣ୍ଠ ଭୁମିଆ (୫୦)କୁ ଗିରଫ କରି ତା ଠାରୁ ୯ ଲିଟର ଭାଟି ମଦ ଜବତ କରାଯାଇଛି । ଗିରଫ ଅଭିଯୁକ୍ତକୁ ଅପରାହ୍ନ ୨ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

# ଦୁର୍ଗାପୂଜା ପ୍ଲାଟିନମ୍ ଜୁବ୍‌ଲି ପାଇଁ ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ



ଦେବଗଡ଼ (ପିପିଏସ୍): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ସଦର ମହକୁମାରେ ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ଶାରଦୀୟ ଦୁର୍ଗାପୂଜା ଚଳିତବର୍ଷ ୭୫ ବର୍ଷରେ ପଦାର୍ପଣ କରିଛି । ତେଣୁ ଏବର୍ଷ ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ମଧ କରାଯାଇଛି। ନୂତନ କମିଟିରେ ସଭାପତି ରୂପେ ତୃତୀୟଥର ପାଇଁ ଆଇନଜୀବୀ ପ୍ରମୋଦ କୁମାର ନନ୍ଦ, ସମ୍ପାଦକ ଭାବେ ନାରାୟଣ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ଟିକେଶ୍ୱର ନନ୍ଦଙ୍କୁ ଚୟନ କରାଯାଇଛି । ଉପସଭାପତି ଭାବେ ଅମୂଲ୍ୟ ସାହୁ ଓ ଗୋଲବଦନ ବିଶ୍ୱାଳ (ଗୁନୁ) , ସହସମ୍ପାଦକ ଭାବେ ନିରଞ୍ଜନ ବେହେରା ଓ ସରୋଜ ସାହୁଙ୍କୁ ଚୟନ କରାଯାଇଛି । ଚୟନ ପ୍ରକ୍ରିୟା ସରିବା ପରେ ନୂତନ ସଭାପତି ଶ୍ରୀ ନନ୍ଦ ଏ ବର୍ଷ ମହାଆଡମ୍ବରରେ ଦୁର୍ଗାପୂଜା ପାଳନ କରାଯିବ ବୋଲି ସୂଚନା ଦେଇଛନ୍ତି । ଏଥିପାଇଁ ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ଏହି ଅବସରରେ ସବୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ଆକର୍ଷଣୀୟ ମେଲୋଡି, ରେକର୍ଡ ଡ୍ୟାନ୍ସ ସହିତ ଅନେକ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବାର ସ୍ଥିରୀକୃତ କରାଯାଇଛି ବୋଲି ସଭାପତି ସୂଚନା ଦେଇଛନ୍ତି ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*

**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୨୯।୫।୨୦୨୫ ■ ଗୁରୁବାର

# ପାଣିପାଗର ମତିଗତି

ପ୍ରକୃତିର ନିଜସ୍ୱ ଗତି ଅଛି, କିନ୍ତୁ ଦୁଃଖର ବିଷୟ ଏହି ଯେ ତାହାର ଲୟ ବିଗତ କିଛିବର୍ଷ ହେଲା ଭିନ୍ନ ହେବାରେ ଲାଗିଛି । ଗତ କିଛିଦିନ ହେଲା ଓଡ଼ିଶା ସମେତ ଦେଶର ଭିନ୍ନଭିନ୍ନ ଅଞ୍ଚଳରେ କେଉଁଠି ପ୍ରବଳ ଭାବରେ ଝଡ଼ ହେଉଛି ତ କେଉଁଠି ମୂଷଳଧାରାରେ ବର୍ଷା ବିପ୍ରାତ ହେଉଛି । ଅବଶ୍ୟ, ବିଶ୍ୱରେ ତାପମାତ୍ରା ବଢ଼ିବା ସହିତ କେବଳ ଭାରତରେ ନୁହେଁ, ଦୁନିଆସାରା ପାଣିପାଗର ଚକ୍ରରେ ବିଘ୍ନ ଘଟିଚାଲିଛି । ଏବେ ଓଡ଼ିଶାରେ ଜୈଷ୍ଠମାସରେ ଏପରି ବର୍ଷା ହେଉଛି ଯେପରିକି ଆଷାଢ଼ ମାସ ଆସିଯାଇଛି । କେରଳ, ତାମିଲନାଡୁ, କର୍ଣ୍ଣାଟକ ହେଉ କି ମହାରାଷ୍ଟ୍ରର ମୁମ୍ବାଇରେ ବର୍ଷାଦିନ ଆସିଗଲାଭଳି ଲାଗୁଛି । ପାଣିପାଗ ବିଭାଗ ବି କହୁଛି ମୌସୁମୀ ସମୟ ପୂର୍ବରୁ ସେଠାରେ ଲଗାଣ ବର୍ଷା ଆଣିଦେଇଛି । ଦିଲ୍ଲୀରେ କିଛିଦିନ ହେଲା ଅପ୍ରତ୍ୟାଶିତ ଭାବେ ଝଡ଼ବର୍ଷା ହୋଇଯାଇଛି । ମଇ ମାସରେ ଯେଉଁଠି ପ୍ରଚଣ୍ଡ ଖରା ହୋଇଥାଏ, ସେଠି ଏଥର ପାଣିପାଗ ଏପରି ଭାବେ ବଦଳି ଯାଇଛି ଯେ ଲୋକେ ବିଶ୍ୱାସ କରିପାରୁ ନାହାନ୍ତି ଯେ ବର୍ଷାଦିନ ଆରମ୍ଭ ହୋଇଗଲା ନା ଏହା ସାମୟିକ । ପାଣିପାଗ ବିଭାଗ କହୁଛି ଦିଲ୍ଲୀରେ ଗତ ଶନିବାର ଦିନ ଯେତେ ବର୍ଷା ହୋଇଛି ତାହା ୧୨୫ ବର୍ଷର ରେକର୍ଡ ଅତିକ୍ରମ କରିଯାଇଛି । ତେଣୁ ପ୍ରଶ୍ନ ହେଉଛି, ଏହାକୁ ସ୍ୱାଭାବିକ ବୋଲି ମାନିନିଆଯିବ ନା ଏହା ପାଣିପାଗ ପରିବର୍ତ୍ତନର ଚେତାବନୀ ?

ନିକଟରେ ବେଙ୍ଗାଲୁରୁରେ ଲଗାତାର ବର୍ଷା ହେବା ଯୋଗୁଁ ଜନଜୀବନ ଏକପ୍ରକାରେ ଥମି ଯାଇଥିଲା । ଘରମାନଙ୍କରେ ପାଣି ପଶିଗଲା । ସଡ଼କରେ ଡଙ୍ଗା ଚାଲିଲା । ମହାରାଷ୍ଟ୍ରରେ ମଧ୍ୟ ସେଇ ପ୍ରକାରର ସ୍ଥିତି ସୃଷ୍ଟି ହୋଇଗଲା । କେରଳରେ ଏଥର ସମୟ ପୂର୍ବରୁ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି । ପ୍ରାୟ ପନ୍ଦର ବର୍ଷ ପରେ ଏତେ ଶୀଘ୍ର ମୌସୁମୀ ବର୍ଷା ହୋଇଛି ବୋଲି କୁହାଯାଉଛି । ଏ ବର୍ଷା ସାଧାରଣତଃ ଜୁନ୍ ପହିଲା ବେଳକୁ ଆସିଥାଏ, କିନ୍ତୁ ଏବର୍ଷ ଏହା କେବଳ ଆଗରୁ ଆସିଗଲା ତା' ନୁହେଁ, ବରଂ ଦେଖୁଦେଖୁ କର୍ଣ୍ଣାଟକ ଓ ତାମିଲନାଡୁର କେତେକ ଅଞ୍ଚଳକୁ ମଧ୍ୟ ବ୍ୟାପିଗଲା । ଭାରତରେ ପାଣିପାଗର ଏଇ ପରିବର୍ତ୍ତିତ ଆଚରଣର ଏହା ହେଉଛି ଏକ ନୂଆ ଚିତ୍ର । ଅବଶ୍ୟ ପାଣିପାଗ ବିଶେଷଜ୍ଞମାନଙ୍କର ମତ ହେଉଛି ଆରବ ସାଗର ଓ ବଙ୍ଗୋପସାଗରରୁ ଆସୁଥିବା ଥଣ୍ଡା ବାୟୁ ଯୋଗୁଁ ପାଣିପାଗ ବଦଳିଛି । କିନ୍ତୁ ଏହା ପରେ ପାଣିପାଗ ଆହୁରି ବଦଳିବ ଓ ଭୟଙ୍କର ତୋଫାନ, ଝଡ଼ ଆସିବ ଏହା କେହି ଅନୁମାନ କରିନଥିଲେ । ବିଚିତ୍ର କଥା ହେଉଛି ଏକପକ୍ଷରେ ଦକ୍ଷିଣ-ପଶ୍ଚିମ ଭାରତରେ ବର୍ଷା ଆରମ୍ଭ ହୋଇଯାଇଥିଲାବେଳେ ଉତ୍ତର ଓ ଉତ୍ତର-ପଶ୍ଚିମ ଭାରତର କେତେକ ରାଜ୍ୟରେ ଭୀଷଣ ଗରମ ଅନୁଭୂତ ହେଉଛି । ଉତ୍ତର-ପୂର୍ବର ମିଜୋରାମ ଓ ନାଗାଲାଣ୍ଡରେ ବର୍ଷା ଆରମ୍ଭ ହୋଇଯାଇଥିଲାବେଳେ ଆସାମ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡରେ ପ୍ରବଳ ଗରମ ଅନୁଭୂତ ହେଉଛି ।

ଓଡ଼ିଶାରେ ୟେଲୋ ୱାର୍ଣ୍ଣିଙ୍ଗ ଅନେକ ଜିଲ୍ଲା ପାଇଁ ଜାରି ହୋଇଛି । ଜୈଷ୍ଠ ମାସରେ ବି କାଳବୈଶାଖୀ ଝଡ଼ କିଛି କମ୍ ହେଉନାହିଁ ଏବଂ ତାହା ସହିତ ବାତ୍ୟାଜନିତ ବିପ୍ରାତ ବି ଲାଗିରହିଛି । ଉତ୍ତର ଗୋଲାର୍ଦ୍ଧରେ ସାଧାରଣତଃ ଶୀତ ପ୍ରବଳ ପଡ଼ିଲେ ସମତଳ ଅଞ୍ଚଳରେ ବର୍ଷାର ସମ୍ଭାବନା ସୃଷ୍ଟି ହୋଇଥାଏ । କିନ୍ତୁ ମଇମାସରେ ତାହା ବର୍ଷାର କାରଣ ହେବା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ସମୟ ପୂର୍ବରୁ ଓ ତୀବ୍ର ଗତିରେ ଝଡ଼ବର୍ଷା ଓ ତୋଫାନ-ବାତ୍ୟା ଭଳି ପରିସ୍ଥିତି ପାଣିପାଗ ପରିବର୍ତ୍ତନ ଯୋଗୁଁ ତ ଘଟୁନାହିଁ ? ପାଣିପାଗ ବିଶେଷଜ୍ଞମାନେ ଆଗରୁ ଚେତାବନୀ ଦେଇ ଆସୁଛନ୍ତି । ଏକଥା ମଧ୍ୟ କହିଛନ୍ତି ଯେ ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି ହେଉଥିବା କାରଣରୁ ଜଳକଣା ଅଧିକ ଧାରଣ କରିବା କ୍ଷମତା ବି ବଢୁଛି । ଏଥର ଯେପ୍ରକାର ଗରମ ପଡ଼ିଲା ତାହା ଅସହନୀୟ ଥିଲା । ଆଗକୁ ପାଗ କ'ଣ ହେବ, ସେ ବିଷୟରେ କିଛି କୁହାଯାଇ ପାରିବ ନାହିଁ । ତେବେ ଧ୍ୟାନଯୋଗ୍ୟ ବିଷୟ ହେଉଛି ମୌଳିକ ଭିତ୍ତିଭୂମିର ବିକାଶ ଯଦି କରାଯାଏ ତେବେ ପାଗର ମତିଗତି ବଦଳିଲେ ବି କ୍ଷୟକ୍ଷତିକୁ କମ୍ କରାଯାଇ ପାରିବ । ❐❐

# ଦୁର୍ଗୁଣ ଉପରେ ବିଜୟ

ଇହଲୋକରେ ମନୁଷ୍ୟ ଅହଂକାର ବଶବର୍ତ୍ତୀ ହୋଇ ପାପ ବା ଅନୈତିକ କର୍ମ କରେ। ଏହାର ଫଳ ତାକୁ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ଭୋଗିବାକୁ ପଡ଼େ। ଅହଂକାର ଏକ ରାକ୍ଷସ ପ୍ରବୃତ୍ତ ଅଟେ। ଏହି ପ୍ରବୃତ୍ତି ଯୋଗୁଁ ଅନ୍ୟ ଦୁର୍ଗୁଣ ମଧ୍ୟ ଏକତ୍ର ହୋଇ ମନୁଷ୍ୟକୁ ପୂର୍ଣ୍ଣ ରାକ୍ଷସ କରିଦିଏ। ଶାସ୍ତ୍ରରେ ରାକ୍ଷସର ବର୍ଣ୍ଣନା ସତ୍ୟ, ତ୍ରେତୟା, ଦ୍ୱାପରରେ ହୋଇଛି। ସେତିକି ନୁହେଁ କଳି ଯୁଗ ଅର୍ଥାତ ବର୍ତ୍ତମାନ ଯୁଗରେ ବହୁ ସଂଖ୍ୟାରେ ରାକ୍ଷସ ଦେଖିବାକୁ ମିଳୁଛନ୍ତି। ଏହି ଯୁଗରେ ରାକ୍ଷସ ପ୍ରବୃତ୍ତିକୁ ଚିହ୍ନିବା ପାଇଁ ଗୋସ୍ୱାମୀ ତୁଳସୀଦାସ ରାମଚରିତ ମାନସରେ କହିଛନ୍ତି ହିତ କରିଥିବା ଲୋକଙ୍କୁ ମଧ୍ୟ ରାକ୍ଷସ ଛାଡ଼ନ୍ତି ନାହିଁ, ମଉକା ମିଳିଲେ ତାଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ କରିଥାନ୍ତି। ଅନ୍ୟର ହାନି ତାଙ୍କ ଦୃଷ୍ଟିରେ ଲାଭ।

ରାକ୍ଷସ ପ୍ରବୃତ୍ତିର ଲୋକ ଅନ୍ୟର ଖୁସିରେ କଷ୍ଟ ପାଆନ୍ତି ଏବଂ ଦୁଃଖ ଦେଖି ଖୁସି ହୁଅନ୍ତି। ଏଭଳି ବ୍ୟକ୍ତି ଅନ୍ୟର କାମ ବିଗାଡ଼ିବା ପାଇଁ ନିଜ ଜୀବନକୁ ବାଜି ଲଗାଇଦିଅନ୍ତି। ଅହଂକାର ଯୋଗୁଁ ଈଶ୍ୱରଙ୍କ ବିଧାନ ଉପରେ ବିଶ୍ୱାସ ନକରି ନିଜକୁ ସ୍ୱୟମ୍ଭୁ ମନେକରନ୍ତି ଓ ନିଜ ନିଷ୍ପତ୍ତିକୁ ସର୍ବୋପରି ମନେକରି ଅନ୍ୟ ଉପରେ ଲଦିବାକୁ ଚେଷ୍ଟା କରନ୍ତି। ରାକ୍ଷସଗଣ ନୀତିକୁ ଅନୀତି ମନେକରନ୍ତି। ରାକ୍ଷସ ପ୍ରବୃତ୍ତି ଯୋଗୁଁ ଏମାନଙ୍କ ଆଖପାଖର ପରିବେଶ ବୋଝପୂର୍ଣ୍ଣ ଓ ନକାରାତ୍ମକ ହୋଇଯାଏ। ଏଥିପାଇଁ ପୃଥିବୀ ଈଶ୍ୱରଙ୍କୁ ପ୍ରାର୍ଥନା କରି କହିଛି, ମୋତେ, ପାହାଡ଼, ବୃକ୍ଷ ଓ କୌଣସି ବସ୍ତୁର ଭାର ସେତିକି ଅନୁଭୂତ ହୁଏନାହିଁ, ଯେତିକି ଜଣେ ରାକ୍ଷସ କଷ୍ଟ ଦିଏ। ଉପର ବର୍ଣ୍ଣିତ ଦୁର୍ଗୁଣ ଯଦି କୌଣସି ମନୁଷ୍ୟଠାରେ ଥାଏ, ତେବେ ତାକୁ ଏ ଯୁଗର ରାକ୍ଷସ ମନେକରିବା ଉଚିତ ଏବଂ କର୍ମଫଳର ସିଦ୍ଧାନ୍ତ ଅନୁସାରେ, ଆସନ୍ତା ଜନ୍ମରେ ତାକୁ ଏହି ରାକ୍ଷସ ପ୍ରବୃତ୍ତିର ଫଳ ଭୋଗିବାକୁ ପଡ଼େ। ରାକ୍ଷସ ପ୍ରବୃତ୍ତିର ବ୍ୟକ୍ତି କେବେ ନିଜ ଦୁର୍ଗୁଣ ମାନିବାକୁ ପ୍ରସ୍ତୁତ ହୁଏନାହିଁ। ତେଣୁ ସ୍ୱାଧ୍ୟାୟ ମାଧ୍ୟମରେ ମନୁଷ୍ୟ ନିଜ ଭିତର ଦେଖିବାକୁ ଚେଷ୍ଟା କରିବା ଉଚିତ। ସମ୍ପୂର୍ଣ୍ଣ ନିରପେକ୍ଷ ରୂପେ ସ୍ୱାଧ୍ୟାୟ କରିବା ଉଚିତ, ଏହାଦ୍ୱାରା ବ୍ୟକ୍ତିତ୍ୱର ଅସଲି ସ୍ୱରୂପ ଜଣାପଡ଼ିବ। ରାକ୍ଷସ ପ୍ରବୃତ୍ତି ଥିବା ବ୍ୟକ୍ତି ଧୀରେ ଧୀରେ ତା ଉପରେ ବିଜୟ ପ୍ରାପ୍ତ କରିବା ଉଚିତ।

**ଡଃ.ଅରୁନ୍ଧତୀ ଦେବୀ**
କଟକ

# ଯେସାକୁ ତେସା ନ୍ୟାୟରେ ଭାରତ

**ହିତାଂଶୁଶେଖର ମହାନ୍ତ**

ବାଂଲାଦେଶରୁ ଆସୁଥିବା ବହୁ ଉତ୍ପାଦ ଉପରେ କଟକଣା ଲଗାଇଛି ଭାରତ । ଏହାଦ୍ୱାରା ବାଂଲାଦେଶକୁ ପ୍ରାୟ ସାଢ଼େ ୬ ହଜାର କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ପଡ଼ିବ । ଏହାର ସବୁଠୁ ବଡ଼ ପ୍ରଭାବ ବାଂଲାଦେଶର ପୋଷାକ ଓ ପ୍ରୋସେସିଂ ଖାଦ୍ୟ ବ୍ୟବସାୟ ଉପରେ ପଡ଼ିବ । ଦେଶକୁ ଯତପରୋନାସ୍ତି ଇସଲାମୀକରଣ ରାସ୍ତାରେ ନେଇଯାଉଥିବା ୟୁନୁସ ସରକାରଙ୍କ ବାଂଲାଦେଶ ସମ୍ପ୍ରତି ଆର୍ଥିକ ଅସ୍ଥିରତା ଓ ଅନ୍ତରୀଣ ଶୀତଳଯୁଦ୍ଧରେ ପେଶି ହେଉଥିବା ବେଳେ ଭାରତର ଏହି କଟକଣା ତା' ପାଇଁ କୌଣସି ଝଟକାଠାରୁ କମ୍ ନୁହେଁ ।

ବିଜନେସ୍ ଥିଙ୍କ୍ ଟ୍ୟାଙ୍କ୍ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ ର ୧୮ ମେ' ୨୦୨୫ ସଂସ୍କରଣରେ ପ୍ରକାଶିତ ରିପୋର୍ଟରେ ଭାରତ ପକ୍ଷରୁ ଜାରି କଟକଣାରେ ବାଂଲାଦେଶର ଏତିକି ପରିମାଣରେ କ୍ଷତି ହେବ ବୋଲି ଦର୍ଶାଯାଇଛି । ଏହା ତା'ର ସମୁଦାୟ ଆମଦାନୀ ପରିମାଣର ପାଖାପାଖି ୪୨ ପ୍ରତିଶତ । ଏହି କଟକଣା ଯୋଗୁଁ ବାଂଲାଦେଶ ବ୍ୟବହାର କରୁଥିବା ଭାରତୀୟ ସଡ଼କପଥରୁ ଅନେକ ଏବେ ତା ପାଇଁ ବନ୍ଦ ହୋଇଯାଇଛି । ବିଦେଶ ବ୍ୟବସାୟ ମହାନିର୍ଦ୍ଦେଶାଳୟ (ଡିଜିଏଫଟି) ନିର୍ଦ୍ଦେଶ କ୍ରମେ କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରାଳୟ ମେ' ୧୮ ପରଠାରୁ ବାଂଲାଦେଶରୁ ଆମଦାନୀ ହେଉଥିବା ଅନେକ ଦ୍ରବ୍ୟ ଉପରେ ତତ୍କାଳ ଭିତ୍ତିରେ ବନ୍ଦର ପ୍ରବେଶ କଟକଣା ଲାଗୁ କରିଛି ଭାରତ । ତଦନୁଯାୟୀ ବାଂଲାଦେଶ ନିର୍ମିତ ପ୍ରମୁଖ ବସ୍ତୁ ଯେପରି ବସ୍ତ୍ର, ପ୍ରୋସେସଡ୍ ଫୁଡ୍, ପ୍ଲାଷ୍ଟିକ ଓ ପିଭିସି ଉତ୍ପାଦ ଏବଂ କାଠତିଆରି ଫର୍ଣ୍ଣିଚର କେବଳ କିଛି ନିର୍ଦ୍ଦିଷ୍ଟ ବନ୍ଦର ମାର୍ଗରେ ହିଁ ଭାରତକୁ ଆସିପାରିବ । ସଡ଼କ ପଥରେ ଏସବୁର ଆମଦାନୀ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିଛି ଭାରତ । ନୂଆ ନୀତି ଅନୁଯାୟୀ ବାଂଲାଦେଶରୁ ଆମଦାନୀ ହେଉଥିବା ବାର୍ଷିକ ୫,୧୩୦ କୋଟି ଟଙ୍କା ମୂଲ୍ୟର କପଡ଼ା ଏବେ କେବଳ ଦୁଇଟି ବନ୍ଦର ପଥ ଦ୍ୱାରା ହିଁ ଭାରତକୁ ଆସିପାରିବ । ବାଂଲାଦେଶ ପାଇଁ ସଡ଼କ ପଥକୁ 'ନା' କରିଦେଇଛନ୍ତି ଭାରତ ସରକାର । ଏଥିସହ ପ୍ରକ୍ରିୟାକୃତ ଖାଦ୍ୟ, ଫ୍ରୁଟ୍ ଡ୍ରିଙ୍କ୍, କାର୍ବୋନେଟେଡ୍ ଡ୍ରିଙ୍କ୍, କପା ଏବଂ ଅନ୍ୟ ପୂର୍ବପ୍ରସ୍ତୁତ ଉତ୍ପାଦ ଉପରେ ମଧ୍ୟ ସମାନ କଟକଣା ଲାଗିଛି । ବାଂଲାଦେଶରୁ ଏବେ ସଡ଼କପଥରେ କୌଣସି ରେଡିମେଡ୍ ଗାର୍ମେଣ୍ଟ ଭାରତକୁ ଆମଦାନୀ ହୋଇପାରିବ ନାହିଁ । କେବଳ ମୁମ୍ବାଇର 'ନାଭା-ଶେଭା' ଓ କୋଲକାତାର ଶ୍ୟାମାପ୍ରସାଦ ମୁଖାର୍ଜୀ ସାମୁଦ୍ରିକ ବନ୍ଦର ହିଁ ବାଂଲାଦେଶ ପାଇଁ ଏକମାତ୍ର ଭରସା । ଏହାବ୍ୟତୀତ ଆସାମ, ମେଘାଳୟ, ତ୍ରିପୁରା ଏବଂ ମିଜୋରାମର କୌଣସି ଭୂମି ସୀମା ଶୁଳ୍କ ଷ୍ଟେସନ (ଏଲସିଏସ)/ ଏକୀକୃତ ଚେକପୋଷ୍ଟ (ଆଇସିପି) ତଥା ପଶ୍ଚିମବଙ୍ଗର ଚଙ୍ଗରାବନ୍ଧା ଏବଂ ଫୁଲବାରୀ 'ଏଲସିଏସ' ବାଟଦେଇ ମଧ୍ୟ ବାଂଲାଦେଶରୁ ଫ୍ରୁଟ୍ ଡ୍ରିଙ୍କ୍, କାର୍ବୋନେଟେଡ୍ ଡ୍ରିଙ୍କ୍, ବେକିଂ ଫୁଡ୍, ସ୍ନାକ୍ସ, ଚିପ୍ସ, କନଫେକ୍ସନାରୀ, କପା, ସୂତା, ପ୍ଲାଷ୍ଟିକ, ପିଭିସି ଏବଂ କାଠ ଫର୍ଣ୍ଣିଚର ଆମଦାନୀ ଉପରେ କଟକଣା ଲାଗିଛି । ଭାରତୀୟ କପଡ଼ା ବ୍ୟବସାୟୀମାନେ ଏ ବିଷୟକୁ ନେଇ ଉଦବିଗ୍ନ ଥିଲେ ଯେ, ବାଂଲାଦେଶୀ କପଡ଼ା ବ୍ୟବସାୟୀମାନେ ଆମଦେଶରୁ ଅନୁଚିତ ଅନୁକମ୍ପା ହାସଲ କରି ନେଉଛନ୍ତି । ସେମାନଙ୍କୁ ଚୀନରୁ ନିଃଶୁଳ୍କ କପଡ଼ା ଆମଦାନୀ ଓ ସରକାରୀ ରପ୍ତାନୀ ସବସିଡିର ଲାଭ ମିଳୁଥିଲା । ଫଳତଃ ବାଂଲାଦେଶୀ କପଡ଼ା ଭାରତୀୟ କପଡ଼ା ତୁଳନାରେ ୧୦ରୁ ୧୫ ପ୍ରତିଶତ ଶସ୍ତାରେ ଉପଲବ୍ଧ ହେଉଥିଲା । ପରିଣାମ ହେଉଥିଲା ଏଇଆ ଯେ, ଭାରତୀୟ କପଡ଼ା ବ୍ୟବସାୟୀମାନେ ବାଂଲାଦେଶ ତୁଳନାରେ କାରବାର କରିପାରୁ ନ ଥିଲେ । ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆରଆଇ) ରିପୋର୍ଟ ମୁତାବକ, ଏସବୁ ବିଷୟକୁ ଆଖି ଆଗରେ ରଖି ମଧ୍ୟ ଭାରତ ଏହି କଟକଣା ଜାରି କରିଛି । ଚୀନ୍ ପ୍ରତି ବାଂଲାଦେଶର ବର୍ଦ୍ଧିତ କୂଟନୈତିକ ସମର୍ଥନକୁ ଦେଖି ମଧ୍ୟ ଭାରତ ଏହି ନିଷ୍ପତ୍ତି ନେଇଛି । ଚଳିତ ବର୍ଷ ଫେବ୍ରୁଆରୀ ମାସରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଟେକ୍ସଟାଇଲ୍ ମନ୍ତ୍ରାଳୟ ବଜେଟରେ ୧୯ ପ୍ରତିଶତ ବୃଦ୍ଧି କରିଥିଲେ, ଯାହାଦ୍ୱାରା ପୋଷାକ ଉଦ୍ୟୋଗକୁ ମହତ୍ତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିପାରିବ । ୨୦୨୪-୨୫ ଆର୍ଥିକ ବର୍ଷର ୪,୪୧୭.୦୩ କୋଟି ତୁଳନାରେ ଚଳିତ ବର୍ଷ ମନ୍ତ୍ରାଳୟକୁ ୫,୨୭୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏଥିସହ ସରକାର କପା ଉତ୍ପାଦନର ଅଭିବୃଦ୍ଧି ନିମନ୍ତେ ୫ ବର୍ଷିଆ 'କପା ମିଶନ' ଆରମ୍ଭ କରିବାକୁ ମଧ୍ୟ ଘୋଷଣା କରିଛନ୍ତି । ପୂର୍ବରେ ବାଂଲାଦେଶ ଥିଲା ଦ୍ୱିତୀୟ ସର୍ବବୃହତ୍ କପଡ଼ା ରପ୍ତାନୀକାରୀ ଦେଶ । ମାତ୍ର ବର୍ତ୍ତମାନ ସେଠାକାର କପଡ଼ା ଶିଳ୍ପ ଆର୍ଥିକ ସଂକଟ, ବିଦ୍ୟୁତ୍ ଶକ୍ତି ଅଭାବଆଭ୍ୟନ୍ତରୀଣ କନ୍ଦଳ ସହ ଯୁଝୁଛି । ଶେଖ୍ ହସିନା ସରକାରଙ୍କ ପତନ ପରେ ସ୍ଥିତି ଅତ୍ୟନ୍ତ ଖରାପ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଭାରତ ନିକଟରେ ଆମେରିକା, ବ୍ରିଟେନ୍ ଫ୍ରାନ୍ସ, ସ୍ପେନ୍, ଇଟାଲୀ ଓ ନେଦରଲ୍ୟାଣ୍ଡ ଭଳି ପ୍ରମୁଖ ବଜାରକୁ କପା ଓ ବସ୍ତ୍ର ରପ୍ତାନୀ କରିବାକୁ ରହିଛି ସୁବର୍ଣ୍ଣ ସୁଯୋଗ । ଭାରତ ଦ୍ୱାରା ବାଂଲାଦେଶୀ ଦ୍ରବ୍ୟ ଉପରେ କଟକଣା ଲଗାଇବା ନିଷ୍ପତ୍ତିକୁ ଉକ୍ତ ଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କ ବିବାଦୀୟ ଟିପ୍ପଣୀର ପ୍ରତିକ୍ରିୟା ଭାବରେ ମଧ୍ୟ ଦେଖାଯାଉଛି । ଚୀନରେ ଦେଇଥିବା ନିଜର ଏକ ଭାଷଣରେ ୟୁନୁସ ଭାରତର ପୂର୍ବୋତ୍ତର ରାଜ୍ୟଗୁଡ଼ିକୁ 'ଲ୍ୟାଣ୍ଡ୍ ଲକଡ୍' ଦର୍ଶାଇବା ସହ ବାଂଲାଦେଶ ସମୁଦ୍ର ପଥର ଏକମାତ୍ର ଅଧିକାରୀ ବୋଲି କହିଥିଲେ ।

ଜିଟିଆରଆଇ ରିପୋର୍ଟରେ କୁହାଯାଇଛି, ଚୀନ୍ ସହ ଭାରତର ବଢୁଥିବା ସମ୍ପର୍କ ଭାରତ ପାଇଁ ରଣନୈତିକ ସ୍ତରରେ ଚିନ୍ତାର ବିଷୟ ପାଲଟିଛି । ରିପୋର୍ଟ ଅନୁଯାୟୀ, ୨୦୨୪ ବର୍ଷର ମଝିଆମଝି ବେଳକୁ ବାଂଲାଦେଶରେ ଭାରତର ସମର୍ଥକ ଶେଖ୍ ହସିନା ସରକାରର ପତନ ଏବଂ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାରଙ୍କ କ୍ଷମତା ଦଖଲ ପରେ ବେଜିଂ ସହ ସମ୍ପର୍କ ବୃଦ୍ଧି ଲକ୍ଷ୍ୟରେ ଢାକା ଗତି କରୁଛି । ମାର୍ଚ୍ଚ ୨୦୨୫ରେ ୟୁନୁସଙ୍କ ଚୀନ୍ ଗସ୍ତ କାଳରେ ସେ ତା' ସହ ୨.୧ ବିଲିୟନ୍ ଆମେରିକୀୟ ଡଲାର୍ (୧୭,୪୩୦ କୋଟି ଟଙ୍କା)ର ନୂଆ ନିବେଶ ଏବଂ ବୁଝାମଣା ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ । ଏଥିସହ ବାଂଲାଦେଶର ତିସ୍ତାନଦୀ ବିକାଶ ଭଳି ଭିତ୍ତିଭୂମି ବିକାଶ ଯୋଜନାଗୁଡ଼ିକରେ ଚୀନ୍ ଭାଗ ନେବା ଭାରତ ପାଇଁ ରଣନୈତିକ ସ୍ତରରେ ଗଭୀର ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି କରିଛି ।

୨୦୨୪ ମସିହା ପରଠାରୁ ବାଂଲାଦେଶ ଭାରତୀୟ ଆମଦାନୀ ଜିନିଷ ଉପରେ ବିଭିନ୍ନ କଟକଣା ଜାରି କରିଛି । ଏଥିରେ ଏପ୍ରିଲ ୨୦୨୫ ବେଳକୁ ୫ ପ୍ରମୁଖ ବନ୍ଦର ଜରିଆରେ ଭାରତୀୟ ସୂତା ଆମଦାନୀ ଉପରେ କଟକଣା, ଚାଉଳ ଶିପମେଣ୍ଟ ଉପରେ କଠୋର ନିୟନ୍ତ୍ରଣ, କାଗଜ, ତମାଖୁ, ମାଛ ଓ ଦୁଗ୍ଧ ଗୁଣ୍ଡ ସମେତ ବହୁ ଭାରତୀୟ ଉତ୍ପାଦର ଆମଦାନୀ ଉପରେ ମଧ୍ୟ ବାଂଲାଦେଶ କଟକଣା ଲଗାଇଛି । ଏହାଛଡ଼ା ବାଂଲାଦେଶ ତା' ସୀମାଦେଇ ବାହାରକୁ ଯାଉଥିବା ଭାରତୀୟ ଦ୍ରବ୍ୟ ଉପରେ ପ୍ରତି ଟନ୍ ପିଛା ୧ କିଲୋମିଟରକୁ ୧ ଟଙ୍କା ୮୦ ପଇସା ଲେଖାଏଁ ଅତିରିକ୍ତ ଶୁଳ୍କ ମଧ୍ୟ ଲଗାଇଛି । ଜିଟିଆରଆଇ ରିପୋର୍ଟ ଅନୁସାରେ, ସମସ୍ତ କାର୍ଯ୍ୟାନୁଷ୍ଠାନରେ କଠୋର ବନ୍ଦର ନିରୀକ୍ଷଣ, ପରିଚାଳନାରେ ବିଳମ୍ବ ଏବଂ ପ୍ରତିବନ୍ଧକ ଭାରତୀୟ ରପ୍ତାନିକାରୀଙ୍କ ନିମନ୍ତେ ବହୁ ବିଘ୍ନ ସୃଷ୍ଟି କରିଛି । ଭାରତ ସରକାର ୯ ଏପ୍ରିଲ ୨୦୨୫ରେ ବାଂଲାଦେଶକୁ ଦେଇଥିବା ଟ୍ରାନ୍ସଶିପମେଣ୍ଟ ସୁବିଧା ପ୍ରତ୍ୟାହାର ସମ୍ପର୍କରେ ଘୋଷଣା କଲେ, ଯେଉଁଥିରେ ରାସନ ସମ୍ବନ୍ଧୀୟ ଅଡୁଆ, ଭାରତୀୟ ବନ୍ଦର ଓ ବିମାନ ବନ୍ଦରଗୁଡ଼ିକରେ ବାଂଲା-ସାମଗ୍ରୀ ଜନିତ ଅନାବଶ୍ୟକ ଭିଡ଼କୁ କାରଣ ଭାବରେ ଦର୍ଶାଯାଇଥିଲା । ପୂର୍ବେ ଏହି ସୁବିଧା ଅନୁସାରେ, ବାଂଲାଦେଶକୁ ନିଜ କଣ୍ଟେନର ଟ୍ରକ୍ ଏବଂ ମାଲଗାଡ଼ି ଦ୍ୱାରା ସଡ଼କ ପଥରେ ଭାରତ-ବାଂଲାଦେଶ ସୀମାରେ ସ୍ଥିତ ପେଟ୍ରାପୋଲ, ଗେଡ଼େ ଏବଂ ରାନାଘାଟ ପରି ଲ୍ୟାଣ୍ଡ ପୋର୍ଟରୁ କୋଲକାତା ବନ୍ଦର, କୋଲକାତା ବିମାନ ବନ୍ଦର, ନାଭା-ଶେଭା ବନ୍ଦର ଓ ଦିଲ୍ଲୀ ବିମାନ ବନ୍ଦର ପର୍ଯ୍ୟନ୍ତ ନିଜ ଜିନିଷ ପଠାଇବା ଅନୁମତି ଥିଲା । ଏସବୁ ଭାରତୀୟ ବନ୍ଦର ଓ ବିମାନ ବନ୍ଦର ବାଟଦେଇ ନିଜ ଗନ୍ତବ୍ୟସ୍ଥଳକୁ ମାଲ୍ ପରିବହନ କରୁଥିଲା ବାଂଲାଦେଶ । ଭାରତ ଦ୍ୱାରା ଏହି ଟ୍ରାନ୍ସଶିପମେଣ୍ଟ ସୁବିଧା ସମାପ୍ତ କରିବାର ଦିନ କେଇଟା ପରେ ବାଂଲାଦେଶ ଜବାବୀ କାର୍ଯ୍ୟାନୁଷ୍ଠାନ ଭାବରେ ତା'ର କପଡ଼ା ମିଲଗୁଡ଼ିକର ହେବାକୁ ଥିବା ସମ୍ଭାବ୍ୟ କ୍ଷତିକୁ ଆଳକରି ଭାରତରୁ ଲ୍ୟାଣ୍ଡ ପୋର୍ଟ ଜରିଆରେ ଭାରତରୁ ସୂତା ଆମଦାନୀକୁ ବାତିଲ କରି ଦେଇଥିଲା । ବେନାପୋଲ, ଭମରା, ସୋନମସଜିଦ୍, ବାଂଲାବାନ୍ଧା ଏବଂ ବୁରିମାରୀ ଭଳି ପ୍ରମୁଖ ବନ୍ଦର ବାଟଦେଇ ବାଂଲାଦେଶ ଭାରତୀୟ ସୂତା ଆମଦାନୀ କରୁଥିଲା । ବାଂଲାଦେଶ ବର୍ତ୍ତମାନ କପଡ଼ା ଶିଳ୍ପରେ ଆର୍ଥିକ ସଂକଟ ଓ ବିଦ୍ୟୁତ୍ ଶକ୍ତି ଅଭାବର ସାମ୍ନା କରୁଥିବା ବେଳେ ଭାରତର ଏହି ନିଷ୍ପତ୍ତି ତା'ର ମୁହଁ ଭୁରୁଙ୍ଗି ଭାଙ୍ଗିବାରେ ସମର୍ଥ ହେବ ।

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, କଟକ

# ପ୍ରସନ୍ନତା, ଆନନ୍ଦ ଓ ଭଗବତ୍ ପ୍ରାପ୍ତି

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଏ ସୃଷ୍ଟିରେ ଭଗବାନ କେବଳ ସାକାର ରୂପ ଧାରଣ କରନ୍ତି ନାହିଁ, ସେ ଅବତାର ନେଇ ମଧ୍ୟ ଏ ସଂସାରରେ ଆବିର୍ଭୂତ ହୁଅନ୍ତି । ଆମେ ସବୁ ଜୀବ ଅନାଦି କାଳରୁ ଏହି ସଂସାରରେ ଜନ୍ମ ଗ୍ରହଣ କରୁଅଛେ, ତେଣୁ ସମ୍ଭବତଃ ଭଗବାନଙ୍କ ପୂର୍ବ ଅବତାର କାଳରେ ଆମ୍ଭେମାନେ ମଧ୍ୟ ମାନବ ଶରୀରରେ ଏହି ପୃଥିବୀରେ ଥିବା ଏବଂ ଭଗବାନଙ୍କୁ ଦେଖିଥିବା । କିନ୍ତୁ ଭଗବାନଙ୍କର ରୂପ ଦିବ୍ୟ ଥିଲା, ଅଥଚ ଆମର ଆଖି ମାୟିକ ଥିଲା । ତେଣୁ ମାୟିକ ଆଖିରେ ତାଙ୍କୁ ଦେଖି ଆମେ ହୁଏତ ତାଙ୍କର ଦିବ୍ୟ ବ୍ୟକ୍ତିତ୍ୱକୁ ଚିହ୍ନି ପାରି ନ ଥିବା । ଭଗବାନଙ୍କର ଦିବ୍ୟ ସ୍ୱରୂପ ଏପରି ଯେ ବ୍ୟକ୍ତି ତା'ର ଆଧ୍ୟାତ୍ମିକ ସ୍ତର ଅନୁସାରେ ହିଁ ତାଙ୍କ ସ୍ୱରୂପର ଦିବ୍ୟତାକୁ ଅନୁଭବ କରିଥାଏ । ଭଗବାନ ଶ୍ରୀକୃଷ୍ଣ ଙ୍କୁ ନେଇ ଆମେ ଆଲୋଚନା ଟିକେ କରିବା। ସତ୍ତ୍ୱ ଗୁଣୀ ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଭାବନ୍ତି- "ଶ୍ରୀକୃଷ୍ଣ ଜଣେ ଅସାଧାରଣ ବ୍ୟକ୍ତି ଆଉ ସେ ବହୁତ ସମର୍ଥ ଅଟନ୍ତି, କିନ୍ତୁ ସେ ଭଗବାନ ନୁହନ୍ତି ।" ରଜଗୁଣୀ ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଭାବନ୍ତି - "ତାଙ୍କଠାରେ ସେପରି କିଛି ବିଶେଷତ୍ୱ ନାହିଁ, ସେ ପୂରାପୁରି ଆମ ପରି ଅଟନ୍ତି ।" ତମଗୁଣ ପ୍ରଧାନ ବ୍ୟକ୍ତିମାନେ ତାଙ୍କୁ ଦେଖି ଚିନ୍ତା କରନ୍ତି, "ସେ ଜଣେ ଅହଂକାରୀ ରାଜା , ନାରୀ ଆସକ୍ତି ବ୍ୟକ୍ତି , ଆମଠାରୁ ମଧ୍ୟ ଖରାପ ଶ୍ରେଣୀର ବ୍ୟକ୍ତି ଅଟନ୍ତି ।" କେବଳ ଭଗବତ୍ ପ୍ରାପ୍ତ ମହାପୁରୁଷ ମାନେ ଭଗବାନଙ୍କ କୃପାରୁ ଦିବ୍ୟଦୃଷ୍ଟି ପ୍ରାପ୍ତ କରିଥିବା କାରଣରୁ, ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଚିହ୍ନି ପାରନ୍ତି। ମାୟାବଦ୍ଧ ଅଜ୍ଞାନୀ ଜୀବମାନେ ଶ୍ରୀକୃଷ୍ଣଙ୍କୁ ଚିହ୍ନିପାରନ୍ତି ନାହିଁ ।

ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଭଗବତ ପ୍ରାପ୍ତ ମହାପୁରଷ ଭଗବାନଙ୍କ କୃପା ପାଇବ, ତେବେ ସାଧାରଣ ମଣିଷ ? ହଁ ସାଧାରଣ ମଣିଷଟିଏ ଯଦି ଉଚିତ୍ କର୍ମ ସହିତ ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଆଧ୍ୟାତ୍ମିକ ମାର୍ଗରେ ଯାଇ ନିଜକୁ ସମ୍ପୂର୍ଣ୍ଣ ଭଗବାନଙ୍କ ପାଖରେ ସମର୍ପଣ କରି ଈଶ୍ୱର ଆସକ୍ତ ଓ ଆଶ୍ରିତ ହୁଏ ତେବେ ସେ ଭଗବାନଙ୍କ କୃପା ପାଇପାରିବ। ଭଗବାନ ତାଙ୍କ ସୃଷ୍ଟିର ତାଙ୍କ ନିଜ ଲୋକଙ୍କ ଉପରେ ସଦା ସର୍ବଦା ଅତ୍ୟନ୍ତ ଦୟାଭାବ ରହିଥାଏ । ଅତଏବ ପ୍ରଭୁଙ୍କ କୃପାରୁ ନିଜର କଲ୍ୟାଣ ନିଶ୍ଚିତ ହୋଇଥାଏ , ଏଥିରେ ତିଳେ ହେଲେ ଶଙ୍କା କରିବା ଉଚିତ ନୁହେଁ । ତେବେ ଭଗବାନଙ୍କୁ ଉପଲବ୍ଧ କରିବାକୁ ହେଲେ ପ୍ରତ୍ୟେକ ସମୟରେ ଭଗବତ୍ ସ୍ମରଣ ପୂର୍ବକ ଆନନ୍ଦରେ ନିବାସ କରିବାକୁ ହୋଇଥାଏ ଆଉ ଭଗବତ୍ ସ୍ମରଣରେ ମୁଗ୍ଧ ହୋଇଯିବା ଦରକାର ହୋଇଥାଏ । ପ୍ରସନ୍ନତା ଓ ଆନନ୍ଦ ତ ଭଗବାନଙ୍କର ସ୍ୱରୂପ ଅଟେ ।

ନିଜ ଇଷ୍ଟଦେବଙ୍କର ସ୍ମରଣ କର ଅଥବା ଭଗବାନଙ୍କର କୌଣସି ଏକ ସ୍ୱରୂପକୁ ଯେଉଁଳି ନାରାୟଣ, ରାମଚନ୍ଦ୍ର, ଶିବ, କୃଷ୍ଣ ତଥା ନିରାକାର ଆଦି । ଭଗବତ୍ ସ୍ମରଣରେ ଆନନ୍ଦ ହିଁ ଆନନ୍ଦ ରହିଛି, ଅନ୍ୟ କିଛି ନୁହେଁ । ଯଦି କିଏ କହନ୍ତି କି ଭଗବାନଙ୍କର ସ୍ମରଣରେ ଆନନ୍ଦ ମିଳୁନାହିଁ, ତେବେ ଏଥିରୁ ପ୍ରମାଣ ଯେ ସେ ଭଗବାନଙ୍କୁ ସମ୍ପୂର୍ଣ୍ଣ ସମର୍ପଣର ଓ ଆଧ୍ୟାତ୍ମିକ ମାର୍ଗରେ ଡାକି ନାହିଁ ଏବଂ ଆନନ୍ଦ ପ୍ରତୀତ ନ ହେବା ତ ନିଜର ମାନ୍ୟତା ଅଟେ । ଯଦି ସାଧକ କେବଳ ମାନିନେବେ କି, ଭଗବତ୍ ସ୍ମରଣରେ ଆନନ୍ଦ ରହିଛି, ତାକୁ ଆଗକୁ ଗଲେ ନିଶ୍ଚିତ ଆନନ୍ଦ ଉପଲବ୍ଧି ହେବ, ତେବେ ଏଥିରେ ଶଙ୍କାର ଆବଶ୍ୟକତା ନାହିଁ । ମାନି ନେବାରେ ହିଁ କଲ୍ୟାଣ ନିହିତ । ଯଦି କିଏ ' ଭଗବାନ ଦୟାସାଗର ଅଟନ୍ତି ଆଉ ଭଗବତ୍ ? ସ୍ମରଣରେ ଆନନ୍ଦ ଉପଲବ୍ଧି ହୁଏ' ଏତିକି ବୁଝିନିଏ ତେବେ ଦୟାମୟ ଭଗବାନ୍ ତାକୁ ନିଶ୍ଚିତ ଆନନ୍ଦ ଉପଲବ୍ଧି କରାଇଦେବେ । ତାଙ୍କର ଦୟାଳୁତା ଆମର ନିବେଦନ ଉପରେ ନିର୍ଭର କରେ । ଏହି ସାଧନରେ ରତ ରହିଲେ ନିଶ୍ଚୟ କଲ୍ୟାଣ ହେବ, କାହିଁକି ନାଁ ପ୍ରଭୁଙ୍କର ଦୟା ଅପାର, ସୀମାତୀତ । ଭଗବତ୍ ସ୍ୱରୂପ ସହିତ ତାଙ୍କ ଗୁଣ, ପ୍ରଭାବ, ରହସ୍ୟ, ତତ୍ତ୍ୱକଥାକୁ ମନେ ପକାଇଲେ, ତନ୍ମଧ୍ୟରେ ହିଁ ମୁଗ୍ଧ ରହିଲେ, ତାଙ୍କର ସ୍ୱରୂପ ସନ୍ଦର୍ଶନ କରି ବିଭୋର ହେଲେ ଓ ନିଜକୁ ସଦା ତାଙ୍କ ଆନନ୍ଦରେ ମଜ୍ଜାଇ ରଖିଲେ ଭଗବତ ଆନନ୍ଦ ସ୍ୱତଃ ପ୍ରାପ୍ତି ହୋଇଥାଏ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

# ଉଚ୍ଚତର ଶିକ୍ଷା ପାଇଁ ପ୍ରସ୍ତୁତି

**ସତ୍ୟନାରାୟଣ ଦେହୁରୀ**

ଏବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ରିଚାଳିତ ପ୍ଲସଟୁ କଳା , ବିଜ୍ଞାନ ,ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଫଳ ପ୍ରକାଶ ପାଇଛି । ସମଗ୍ର ରାଜ୍ୟରେ ପାସ ହାର ରହିଛି ୮୨.୭୭ ପ୍ରତିଶତ । ଛାତ୍ରଙ୍କ ତୁଳନାରେ ଛାତ୍ରୀ ମାନଙ୍କର ପାସ ହାର ଅଧିକ ରହିଛି । ସବୁ ବର୍ଷ ଏହି ଧାରା କ୍ରମାଗତ ଭାବରେ ବଜାୟ ରହେ । ଛାତ୍ର ଜୀବନରେ ଦୁଇଟି ପରୀକ୍ଷାର ଫଳ ସେମାନଙ୍କର କ୍ୟାରିଅର ଗଠନରେ ସହାୟକ ହୋଇଥାଏ । ଗୋଟିଏ ହେଲା ମେଟ୍ରିକ ,ଆଉ ଅନ୍ୟଟି ହେଲା ପ୍ଲସଟୁ । ପ୍ଲସଟୁ ପରେ ସେମାନେ ବିଭିନ୍ନ ପ୍ରକାର ଉଚ୍ଚତର ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରନ୍ତି । ଆଜିକାଲି ସବୁ କମ୍ପିଟେଟିଭ ହୋଇଗଲାଣି । ଯେକୌଣସି ବିଷୟରେ ଉଚ୍ଚତର ଶିକ୍ଷା ପାଇଁ କମ୍ପିଟେଟିଭ ପରୀକ୍ଷା ଦେବାକୁ ପଡିବ । ପରୀକ୍ଷାରେ ସଫଳ ହେଲେ ନିଜ ପସନ୍ଦର ବିଷୟରେ ଶିକ୍ଷା ଲାଭ କରିହୁଏ । ନିଜନିଜ ସଫଳତାକୁ ନେଇ ବର୍ତ୍ତମାନ ପିଲାମାନେ ବିଭିନ୍ନ ପ୍ରକାର ଉଚ୍ଚତର ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବେ । କିଏ ଜେଇ ପାଇଁ ତ କିଏ ନିଟ ପାଇଁ ଆଉ ପୁଣି କିଏ ,ଆଇଆଇଟି ଇତ୍ୟାଦି ଶିକ୍ଷା ପାଇଁ ପ୍ରସ୍ତୁତିରେ ଲାଗିପଡିଛନ୍ତି । ଯେଉଁମାନେ ସାଧାରଣ ଡିଗ୍ରୀ ହାସଲ ପାଇଁ ପଢିବେ ସେମାନଙ୍କର ଆଡମିସନ ଜୁନ ମାସ ପର୍ଯ୍ୟନ୍ତ ଅଛି । ରାଜ୍ୟର ବିଭିନ୍ନ ପ୍ଲସଥ୍ରୀ କଲେଜରେ ସେମାନେ ଆବେଦନ କରି ପଢିପାରିବେ । ରାଜ୍ୟରେ କେତେ ଗୁଡିଏ ମଡେଲ ଡିଗ୍ରୀ କଲେଜ ମଧ୍ୟ ଅଛି । ସାଧାରଣ କଲେଜ ବ୍ୟତିତ ମଡେଲ ଡିଗ୍ରୀ କଲେଜ ମାନଙ୍କରେ ମଧ୍ୟ ପିଲାମାନେ ପଢିପାରିବେ ।

ଉଚ୍ଚତର ଶିକ୍ଷା ପାଇଁ ପିଲାମାନେ ଯେତେବେଳେ ନିଜକୁ ପ୍ରସ୍ତୁତ କରୁଛନ୍ତି ସେତେବେଳେ ସେମାନଙ୍କର ଅଭିଭାବକ ମାନେ ପିଲାଙ୍କୁ ବେଶୀ ଚାପ ପକାଉଛନ୍ତି । ପିଲାର ଦକ୍ଷତା ଅନୁସାରେ ସେ ନିଜକୁ ପ୍ରସ୍ତୁତ କଲାବେଳେ ଅଭିଭାବକ ମାନେ କିନ୍ତୁ ଚାହାଁନ୍ତି ଅଲଗା । ଯେମିତିକି ଯଦି ଗୋଟିଏ ପିଲା ମେଡିକାଲ ପଢିବା ପାଇଁ ଇଚ୍ଛା ନଥିବ କିନ୍ତୁ ତାର ଅଭିଭାବକ ତାକୁ ବାଧ୍ୟ କରନ୍ତି । ଫଳରେ ପିଲାଙ୍କୁ ଅନେକ ଦିନ ପର୍ଯ୍ୟନ୍ତ କୋଚିଙ୍ଗ ନେଇ ଅପେକ୍ଷା କରିବାକୁ ପଡିଥାଏ । କାରଣ ନିଟ କ୍ୱାଲିଫାଏ ନକଲେ ମେଡିକାଲ ପଢିପାରିବେ ନାହିଁ । ସେଥିପାଇଁ ଆଜିକାଲି କେରିଅର କାଉନ ସେଲିଙ୍ଗର ସାହାରା ନେବାକୁ ପଡୁଛି । ଅନେକ ଗୁଡିଏ ଅନୁଷ୍ଠାନ ଏହି କେରିଅର କାଉନସେଲିଙ୍ଗ ମାଧ୍ୟମରେ ପିଲାମାନଙ୍କୁ ଗାଇଡ କରିପାରନ୍ତି । ବଡ ବଡ ସହର ମାନଙ୍କରେ ଅନେକ ଅନୁଷ୍ଠାନ ରହିଛି ଯେଉଁମାନେକି ବିଭିନ୍ନ ପ୍ରକାର କୋଚିଙ୍ଗ ବ୍ୟବସ୍ଥା କରିଛନ୍ତି । ସେଠାରେ କିଛିଦିନ କୋଚିଙ୍ଗ ନେଲା ପରେ ଅନେକ ପିଲା ବିଭିନ୍ନ ପରୀକ୍ଷାରେ ସଫଳ ହୋଇପାରୁଛନ୍ତି । ଆଉ କିଛି ପିଲା ଅଛନ୍ତି ଯେଉଁମାନେକି ବିନା କୋଚିଙ୍ଗରେ ମଧ୍ୟ ଘରେ ପ୍ରସ୍ତୁତ ହୋଇ ଜେଇ କିମ୍ବା ନିଟ ପରୀକ୍ଷାରେ କ୍ୱାଲିଫାଏ କରିପାରୁଛନ୍ତି । ନିଜର ପାଠ ପ୍ରସ୍ତୁତି ଓ ଭାଗ୍ୟ ଉପରେ ନିର୍ଭର କରେ ।

ଆଜିକାଲି ଟେକନୋଲୋଜିର ଯୁଗ । ତେଣୁ ବିଭିନ୍ନ ବୈଷୟିକ ଶିକ୍ଷାର ଚାହିଦା ଅଧିକ । ଓଡିଶାର ଅନେକ ପିଲା ବାଙ୍ଗାଲୋର ,ହାଇଦ୍ରାବାଦ ,ଚେନ୍ନାଇ ,ଇତ୍ୟାଦିରେ ବିଭିନ୍ନ ଆଇଟି ସେକଟରରେ କାମକରି ବହୁ ଅର୍ଥ ରୋଜଗାର କରିପାରୁଛନ୍ତି । ଆଉ କିଛି ପିଲା ବିଦେଶରେ ମଧ୍ୟ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିଛନ୍ତି । କିଛି ପିଲା ଓପିଏସସି ,ଇଉପିଏସସି ଇତ୍ୟାଦି ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତ ହୁଅନ୍ତି । କେତେକ ପିଲା ଡିଏଲଇଡି ,ବିଇଡି ଇତ୍ୟାଦି ଏନଟ୍ରାନସ ଦେଇ ସଫଳ ହୋଇଥାଆନ୍ତି । ଡିଏଲଇଡିରେ ଦୁଇବର୍ଷ କିମ୍ବା ବିଇଡିରେ ଦୁଇବର୍ଷ ତାଲିମ ନେଲା ପରେ ଶିକ୍ଷକତା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି । ଡିଏଲଇଡିରେ ତାଲିମ ନେଲେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ବିଇଡିରେ ତାଲିମ ନେଲେ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ତେବେ ପ୍ଲସଟୁ ପରେ ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଲାଭ କରିବା ପାଇଁ ବାଟ ପରିଷ୍କାର ହୋଇଯାଏ । ଯେଉଁମାନେ ପ୍ଲସଥ୍ରୀ ପଢୁଛନ୍ତି ,ସେମାନେ ପ୍ଲସଥ୍ରୀ ପରେ ପିଜି କରନ୍ତି ଏବଂ ବିଭିନ୍ନ ସରକାରୀ ଚାକିରୀ ମଧ୍ୟ କରୁଛନ୍ତି । ରାଜ୍ୟ ସରକାରଙ୍କ ଅଧିନରେ ଅନେକ କର୍ମଚାରୀ ଆବଶ୍ୟକ ହେଉଛି । ସେସବୁକୁ ବିଭିନ୍ନ ପରୀକ୍ଷା ମାଧ୍ୟମରେ ପୂରଣ କରାଯାଉଛି । ଯେଉଁ ପିଲାମାନେ ଜେନେରାଲ ଲାଇନରେ ପାଠ ପଢୁଛନ୍ତି ସେମାନେ ଏସବୁ ପରୀକ୍ଷାରେ ସଫଳତା ପାଇପାରୁଛନ୍ତି । ବର୍ତ୍ତମାନ ଶିକ୍ଷିତ ପିଲା ମାନଙ୍କ ତୁଳନାରେ ଚାକିରୀ ସଂଖ୍ୟା ଖୁବ କମ୍ । ତେଣୁ ଗୋଟିଏ ଗୋଟିଏ ଛୋଟ ଚାକିରୀ ପାଇଁ ବହୁ କ୍ୱାଲିଫାଏ ପିଲା ମିଳିଯାଉଛନ୍ତି । ଏପରିକି ପିଜି କରିଥିବା ପିଲାମାନେ ଫରେଷ୍ଟ ଗାର୍ଡ ଚାକିରୀ ମଧ୍ୟ କରୁଛନ୍ତି । ବିଭିନ୍ନ ଅଫିସରେ ପିଅନ କାମ କରୁଛନ୍ତି ଅନେକ ଉଚ୍ଚ ଶିକ୍ଷିତ ପିଲା । ଆଜିକାଲି ବିଭିନ୍ନ କମ୍ପାନୀ ମାନଙ୍କରେ ଉଚ୍ଚ ଶିକ୍ଷିତ ପିଲା ମାନେ ସିକ୍ୟୁରିଟି ଗାର୍ଡ କାମ ମଧ୍ୟ କରୁଛନ୍ତି । ଯେଉଁ ମାନେ ଉଚ୍ଚତର ଶିକ୍ଷା ଲାଭ କଲା ପରେ କୌଣସି କାମ ପାଉନାହାଁନ୍ତି ସେମାନେ ଏଯକୌଣସି କାମ କରିବାକୁ ପଛାଉ ନାହାଁନ୍ତି । ବର୍ତ୍ତମାନ ଶିକ୍ଷିତ ବେକାରଙ୍କ ତୁଳନାରେ କର୍ମନିଯୁକ୍ତି କମିଯାଉଛି ଫଳରେ ଶିଳ୍ପ ବିହୀନ ଆମ ରାଜ୍ୟର ପିଲାମାନେ ଅଧିକ ପରିମାଣରେ ବେକାର ହୋଇଯାଉଛନ୍ତି । କିଛି ପିଲା ଅଧିକ ଟଙ୍କା ଦେଇ ବେସରକାରୀ ଅନୁଷ୍ଠାନ ମାନଙ୍କରେ ମେଡିକାଲ କିମ୍ବା ଇଂଜିନିୟରିଙ୍ଗ ପଢି ପାରୁଛନ୍ତି । ତାହା କେବଳ ଧନୀଙ୍କ ଶିକ୍ଷା । ସାଧାରଣ ବର୍ଗର ପିଲାମାନେ ଏତେ ଟଙ୍କା ଦେଇ ପାଠ ପଢିପାରିବେ ନାହିଁ । ଯେଉଁ ମାନଙ୍କ ପାଖରେ ଅର୍ଥବଳ ଅଛି ସେମାନେ ବିନା ଏନଟ୍ରାନସରେ ମଧ୍ୟ ଘରୋଇ ଭାବରେ ଜଣେ ଜଣେ ଡାକ୍ତର କିମ୍ବା ଇଂଜିନିୟର ହୋଇପାରୁଛନ୍ତି । କେତେକ ପିଲା ପାଠ ପଢିସାରିଲା ପରେ ନିଜେ ନିଜେ ମଧ୍ୟ ବିଭିନ୍ନ କମ୍ପାନୀ ଖୋଲି କିଛି ପିଲାଙ୍କୁ କର୍ମନିଯୁକ୍ତି ଦେଇପାରୁଛନ୍ତି । ବହୁତ ବଡ ବଡ ବ୍ୟବସାୟ କରି ଅଧିକ ଲାଭବାନ ହୋଇପାରୁଛନ୍ତି । ଉଚ୍ଚତର ଶିକ୍ଷା ପରେ ଜଣେ କେବଳ ଚାକିରୀ କରିବ ,ତାହାନୁହେଁ । ଅନ୍ୟ ବ୍ୟବସାୟ କରିମଧ୍ୟ ରୋଜଗାର କରିପାରିବ । କିଛି ପିଲା ଅଛନ୍ତି ସିଏ ପାଠ ପଢି ଘରୋଇ ଭାବରେ କାମ କରି ବହୁ ଅର୍ଥ ରୋଜଗାର କରିପାରୁଛନ୍ତି । କିଛି ପିଲା ଅଇନ ବ୍ୟବସାୟ ପାଇଁ ମଧ୍ୟ ପାଠ ପଢୁଛନ୍ତି । ଆଇନ ଶିକ୍ଷା ଶେଷକରି ବିଭିନ୍ନ କୋର୍ଟରେ କାମ କରୁଛନ୍ତି । ଏପରିକି ଓଡିଶା ହାଇକୋର୍ଟରେ ମଧ୍ୟ ଓକିଲାତି କରି ବହୁ ଅର୍ଥ ରୋଜଗାର କରିପାରୁଛନ୍ତି ।

ଯେତେବେଳେ ପିଲାମନେ ପାଠ ପଢି ସାରିଲା ପରେ କୌଣସି କାମଧନ୍ଦା ପାଉନାହାଁନ୍ତି ସେତେବେଳେ ସେମାନେ ବିଭିନ୍ନ ରାଜ୍ୟକୁ ଦାଦନ କରିବାକୁ ମଧ୍ୟ ଚାଲିଯାଉଛନ୍ତି । କାରଣ ଘରେ ବସିବା ଅପେକ୍ଷା ବାହାରେ କିଛି ରୋଜଗାର କରିବା ନିହାତି ଆବଶ୍ୟକ ହୋଇଥାଏ । ଘରର ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ଅନେକ ପିଲା ଯେକୌଣସି କାମ କରିବାକୁ ପଛାଇନଥାନ୍ତି । ଆଜିକାଲି ସମସ୍ତଙ୍କ ହାତରେ ଟଙ୍କା ଦରକାର ହେଲାଣି । ଅନ୍ତତଃ ଗୋଟିଏ ମୋବାଇଲ କିଣିବା ନିହାତି ଦରକାର ପଡିଲାଣି । ତେଣୁ କେହି ଘରେ ବସି ରହିବାକୁ ପସନ୍ଦ କରୁନାହାଁନ୍ତି । ଶେଷରେ ଏତିକି କୁହାଯାଇପାରେ ଯେ ,ଉଚ୍ଚତର ଶିକ୍ଷା ପାଇଁ ଯିବା ପୂର୍ବରୁ ନିଜର ବଏସ ଅନୁସାରେ ଯାଆନ୍ତୁ । ଏହା ଫଳରେ ଆପଣଙ୍କର ଆଶା ପୂରଣ ହେବାର ସମ୍ଭାବନା ରହିବ । ନିଜର ପାଠପଢାରେ ନିଷ୍ଠା ରଖନ୍ତୁ । ସଫଳତା ଆପଣଙ୍କ ପଛରେ ଅଛି । ଅନ୍ୟର କଥାରେ ପଡି କାମ କରନ୍ତୁ ନାହିଁ ।

ରାଧାନଗର ,ବୌଦ୍ଧ
ମୋ:୯୯୩୮୭୫୮୩୫୩

## ସଂପାଦକଙ୍କୁ ପତ୍ର

### ସମସ୍ତଙ୍କୁ ଏବେ ସ୍ୱାସ୍ଥ୍ୟ ଚିନ୍ତା

ମହାଶୟ,

ବର୍ତ୍ତମାନ ସହରାଞ୍ଚଳରେ ଯେଉଁ ପରିମାଣରେ ଡାକ୍ତରୀ ସେବା ଉପଲବ୍ଧ ସେ ତୁଳନାରେ ଗ୍ରାମାଞ୍ଚଳରେ ତାହା ଉପଲବ୍ଧ ହୋଇପାରିନାହିଁ । ଭାରତରେ ଚିକିତ୍ସା କ୍ଷେତ୍ରରେ ଜଣେ ଡାକ୍ତର ପାଇଁ ୧୦୦୦ ଜନସଂଖ୍ୟା ନିର୍ଦ୍ଧାରିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁମୋଦନ କରିଥିବା ବେଳେ ଭାରତରେ ପ୍ରତି ଜଣେ ଡାକ୍ତର ପାଇଁ ୧୪୫୬ ରୋଗୀ ଚିକିତ୍ସା ପାଇଁ ଅପେକ୍ଷା କରିଥାନ୍ତି । ଉକ୍ତ ସ୍ଥିତିକୁ ସୁଧାରିବା ପାଇଁ ଓ ଡାକ୍ତରଙ୍କ ଅଭାବକୁ ଦୂର କରିବା ପାଇଁ ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ମଧ୍ୟ ଗ୍ରହଣୀୟ ହୋଇଥାଏ ଯେ ନିକଟରେ ଅନେକ ନୂତନ ମେଡିକାଲ କଲେଜକୁ ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି ଯାହା ଜନସଂଖ୍ୟା ଅନୁପାତରେ ଡାକ୍ତରଙ୍କ ସଂଖ୍ୟା ସମାନୁପାତିକ ହୋଇ ପାରିବ ବୋଲି ଆଶା କରାଯାଏ । ମାତ୍ର ଡାକ୍ତର, ଡାକ୍ତରୀ ଶିକ୍ଷା ଓ ରୋଗୀ ସେବା ଏକ ସମ୍ବେଦନଶୀଳ ଓ ସ୍ୱର୍ଶକାତର ଅନୁଶୀଳନ । ଜଣେ ଜ୍ଞାନ ଓ ଅର୍ଥର ପରିମାପକରେ ଡାକ୍ତର ହୋଇଯାଇପାରେ, ମାତ୍ର ଡାକ୍ତରର ରୋଗୀ ପ୍ରତି ସେବାର ଇଚ୍ଛା ତାହା କୌଣସି ଧନ ବା ଜ୍ଞାନ ସହ ସମ୍ପର୍କ ସହଜ ସାଧ କରିପାରେ ନାହିଁ । ସେଥିପାଇଁ ଆବଶ୍ୟକ ହୋଇଥାଏ ମନ ଯାହା ସେବା ପାଇଁ ପ୍ରତିବଦ୍ଧ ହୋଇଥାଏ । ବିଗତ ଦିନ ମାନଙ୍କରେ ଭାରତର ପ୍ରତ୍ୟେକ ପ୍ରାନ୍ତରେ ଡାକ୍ତର ଓ ରୋଗୀ ମଧ୍ୟରେ ଏକ ତିକ୍ତ ସମ୍ପର୍କ ବୃଦ୍ଧି ହୋଇ ଚାଲିଛି ଓ ତାହା ପୁଣି ରୋଗୀ ସେବାକୁ ପାଥେୟ କରି । ଏକବିଂଶ ଶତାବ୍ଦୀରେ ଆଧୁନିକ ଜ୍ଞାନ କୌଶଳ ଓ ଆଧୁନିକ ବୈଜ୍ଞାନିକ ଯନ୍ତ୍ରପାତି ଚିକିତ୍ସା କ୍ଷେତ୍ରକୁ ଅଧିକ ଉନ୍ନତ କରିଅଛି ବୋଲି ଗ୍ରହଣ କରାଯାଏ ।

ଦିଗମ୍ବର ନାୟକ,
ଚଣ୍ଡିଖୋଲ, ଯାଜପୁର




୨୯.୫.୨୦୨୫



## ବର୍ଷକରେ ୩୭ ଲକ୍ଷ ବୃଦ୍ଧି

ବିଟକଏନ୍ ପୁଣି ଥରେ ନୂତନ ସର୍ବକାଳୀନ ରେକର୍ଡ ସ୍ତରରେ ପହଂଚିଛି। କଏନ୍ ମେଟ୍ରିକ୍ସ ଅନୁଯାୟୀ, ବିଟ୍ କଏନ୍‌ର ମୂଲ୍ୟ ୨ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ୧୧୧,୩୯୯ ଡଲାରରେ ପହଂଚିଛି। ଗୋଟିଏ ସମୟ ଥିଲା ଯେତେବେଳେ ବଣ୍ଡ ଇଲ୍ଡରେ ବୃଦ୍ଧି ଯୋଗୁଁ ଷ୍ଟକ୍ ବଜାରରେ ହ୍ରାସ ଯୋଗୁଁ ବିଟ୍ କଏନ୍ ଏହାର ଲାଭ ହରାଇଥିଲା। କିନ୍ତୁ ଏହି ବୃଦ୍ଧି ପଛରେ କାରଣ ହେଉଛି ମିଡିଆ ରିପୋର୍ଟ ଅନୁଯାୟୀ, କ୍ରିପ୍ଟୋ ଏକ୍ସଚେଞ୍ଜ ନେକ୍ସୋର ସହ-ପ୍ରତିଷ୍ଠାତା ଆଂଟୋନି ଟ୍ରେନଚେଭ୍ କହିଛନ୍ତି ଯେ ବିଟଡ୍ କଏନ୍‌ର ନୂତନ ରେକର୍ଡ ଅନେକ ମାକ୍ରୋ କାରଣର ଫଳାଫଳ। ଏଥିରେ ଆମେରିକାରେ ଦୁର୍ବଳ ମୁଦ୍ରାସ୍ଫୀତି ତଥ୍ୟ, ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧକୁ ସହଜ କରିବା ଏବଂ ମୁଡିଜ୍ ଦ୍ୱାରା ଆମେରିକାର କ୍ରେଡିଟ୍ ରେଟିଂକୁ ହ୍ରାସ କରିବା ଅନ୍ତର୍ଭୁକ୍ତ। ଏହି ସମସ୍ତ କାରଣ ଯୋଗୁଁ, ନିବେଶକମାନେ ବିଟ୍ କଏନରେ ନିବେଶ କରିବାର ବିକଳ୍ପ ବାଛିଛନ୍ତି। ମେ ମାସରେ ଏପର୍ଯ୍ୟନ୍ତ ବିଟ୍ କଏନ୍ ମୋଟ ୧୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ବିଟ୍ କଏନକୁ ଟ୍ରାକ୍ କରୁଥିବା ଏକ୍ସଚେଞ୍ଜ-ଟ୍ରେଡେଡ୍ ଫଣ୍ଡରେ ୪୦ ବିଲିୟନ ଡଲାରରୁ ଅଧିକ ନିବେଶ କରାଯାଇଛି। କେବଳ ଏତିକି ନୁହେଁ, ଏଗୁଡ଼ିକରୁ ମାତ୍ର ଦୁଇ ଦିନ ପାଇଁ ଟଙ୍କା ଉଠାଯାଇଛି। ଷ୍ଟକ୍ ବଜାରରେ ଉତ୍ଥାନ-ପତନ ଏବଂ ଟାରିଫ୍ ସମ୍ବନ୍ଧୀୟ ସମସ୍ୟା ଯୋଗୁଁ, ନିବେଶକମାନେ ଲାଭ ପାଇବା ପାଇଁ ବିଟକଏନ୍ ଏବଂ ସୁନାରେ ନିବେଶ ଭଳି ବିକଳ୍ପଗୁଡ଼ିକୁ ବାଛିଥିଲେ। ଏହି ସମୟରେ ନିବେଶକମାନେ ଆଶାବାଦୀ ଯେ ନିୟାମକ ପରିବର୍ତ୍ତନ ଏବଂ କର୍ପୋରେଟ୍ ନିବେଶ ବିଟ୍ କଏନ୍‌କୁ ଅଧିକ ଉଚ୍ଚ କରିପାରିବ। ଆପଣଙ୍କୁ କହିରଖୁଛୁ ଯେ, ୨୦୨୫ ଆରମ୍ଭରୁ ସାର୍ବଜନୀନ କମ୍ପାନୀଗୁଡ଼ିକ ଦ୍ୱାରା ରଖାଯାଇଥିବା ବିଟ୍ କଏନରେ ୩୧ ପ୍ରତିଶତ ବୃଦ୍ଧି ଘଟିଛି। ଯାହାର ମୋଟ ମୂଲ୍ୟ ପ୍ରାୟ ୩୪୯ ବିଲିୟନ ଡଲାରରେ ପହଂଚିଛି। ଏହା ମୋଟ ବିଟ୍ କଏନ୍ ଯୋଗାଣର ୧୫ ପ୍ରତିଶତ।

## ଫିକା ପଡ଼ିଲା ଟ୍ରମ୍ପଙ୍କ ପ୍ଲାନ୍



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତାଗିଦ୍ ସତ୍ତ୍ୱେ ଭାରତରେ ନିଜର ସମ୍ପ୍ରସାରଣ ଯୋଜନା ନେଇ ଦୃଢ଼ ରହିଛି ଆପଲ୍। କମ୍ପାନି ଚୀନ୍‌ରୁ ଯୋଗାଣ ଶୃଙ୍ଖଳକୁ ଭାରତକୁ ସ୍ଥାନାନ୍ତର କରୁଥିବାବେଳେ ଏହାର ପ୍ରମୁଖ କଂଟ୍ରାକ୍ଟ ଉତ୍ପାଦନକାରୀ ଫକ୍ସକନ୍ ଭାରତରେ ୩୦୦ ଏକର ଆଇଫୋନ୍ କ୍ୟାମ୍ପସ୍ ପାଇଁ ପ୍ରସ୍ତୁତିକୁ ଜୋରଦାର କରିଥିବା ଜଣାପଡ଼ିଛି । ଫକ୍ସକନ୍ ଦେବାନ୍‌ହଲି ପ୍ଲାଂଟ୍‌ର ୩୦,୦୦୦ କର୍ମଚାରୀଙ୍କ ରହିବା ପାଇଁ ଆବାସିକ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଅଗ୍ରିମ ସ୍ତରରେ ରହିଛି । ଖୁବ୍‌ଶୀଘ୍ର ଏହି ୟୁନିଟ୍‌ରୁ ଆମେରିକାକୁ ରପ୍ତାନି ହେବ ଆଇଫୋନ୍ । ଭାରତ ବଦଳରେ ଆମେରିକାକୁ ଆଇଫୋନ୍ ନିର୍ମାଣ ସ୍ଥାନାନ୍ତର କରିବା ପାଇଁ ଟ୍ରମ୍ପଙ୍କ ଆହ୍ୱାନ ଫଳପ୍ରଦ ହୋଇନାହିଁ । ସୂଚନାଯୋଗ୍ୟ, ନିକଟରେ ଟ୍ରମ୍ପ କତାର ଯାତ୍ରା ଅବସରରେ ଆପଲ ସିଇଓ ଟିମ୍ କୁକ୍‌ଙ୍କ ସହ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଟିମ୍ କୁକ୍‌ଙ୍କ ସହ ସାମାନ୍ୟ ଯୁକ୍ତିତର୍କ ହୋଇଛି । କୁକ୍ ଭାରତରେ ପ୍ଲାଂଟ୍ ବନାଉଛନ୍ତି ଏବଂ ମୁଁ ଚାହେଁନାହିଁ ଯେ ଭାରତରେ ଆପଲ୍ ପ୍ଲାଂଟ୍ ବସାଉ । ଟ୍ରମ୍ପ ସ୍ପଷ୍ଟ ଭାବେ କହିଥିଲେ ଯେ, ଭାରତରେ ପ୍ଲାଂଟ୍ ବସାଇବା ପାଇଁ ଆମର କୌଣସି ପ୍ରକାର ଆଗ୍ରହ ନାହିଁ । ଭାରତ ନିଜ ଧ୍ୟାନ ନିଜେ ରଖିପାରିବ । ଟ୍ରମ୍ପଙ୍କ ତାଗିଦ୍ ସତ୍ତ୍ୱେ ଆପଲ୍ ସିଇଓ ଟିମ୍ କୁକ୍‌ଭାରତ ପାଇଁ କମ୍ପାନିର ସମ୍ପ୍ରସାରଣ ନେଇ ଦୃଢ଼ମନା ରହିଛନ୍ତି । କର୍ଣ୍ଣାଟକ ପ୍ଲାଂଟ୍ କାର୍ଯ୍ୟ ଜୋରସୋର ଚାଲିଛି । ଜୁନ୍ ସୁଦ୍ଧା ଏହି ପ୍ଲାଂଟ୍‌ରୁ ପ୍ରସ୍ତୁତ ଆଇଫୋନ୍ ଆମେରିକା ବଜାରରେ ପହଂଚିବ । ଆମେରିକା ବଜାର ପାଇଁ ସର୍ବାଧିକ ଆଇଫୋନ୍ ଚୀନ୍ ବଦଳରେ ଭାରତରେ ନିର୍ମାଣ ହେବ ବୋଲି କୁକ୍ ସ୍ପଷ୍ଟ ଅଛନ୍ତି । ଏହି କ୍ରମରେ କମ୍ପାନି ଦ୍ରୁତ ବେଗରେ ଆଗକୁ ବଢୁଛି । କମ୍ପାନିର ଏହି ପ୍ରତିବଦ୍ଧତାର ପ୍ରମାଣ କର୍ଣ୍ଣାଟକସ୍ଥିତ ଫକ୍ସକନ୍‌ର ଦେବାନ୍‌ହଲି ୟୁନିଟ୍‌ରେ ସ୍ପଷ୍ଟ ଦୃଶ୍ୟମାନ ହେଉଛି । ତାଇୱାନ୍‌ଭିତିକ କଂଟ୍ରାକ୍ଟ ମାନୁଫ୍ୟାକ୍‌ଚର ଏହି ୩୦୦ ଏକର ପ୍ଲାଂଟ୍ ସାଇଟ୍‌ରେ କାର୍ଯ୍ୟ ସ୍ୱାଭାବିକ ରହିଛି । ଟ୍ରମ୍ପଙ୍କ ତାଗିଦ୍‌ର ପ୍ରଭାବ ଏହା ଉପରେ ପଡ଼ିନାହିଁ । କର୍ମଚାରୀଙ୍କ ରହିବା ପାଇଁ ବିଲ୍‌ଡିଂ ନିର୍ମାଣ କାର୍ଯ୍ୟ ଜୋରସୋର ଚାଲିଛି, ଯାହାକି ଫକ୍ସକନ୍‌ର ପରିଚାଳନାଗତ ଢ଼ାଂଚା ପାଇଁ ଅତ୍ୟନ୍ତ

## ଜୁଲାଇ ୮ ପୂର୍ବରୁ ଚୁକ୍ତି



ଭାରତ ଏବଂ ଆମେରିକା ମଧ୍ୟରେ ଜୁଲାଇ ୮ ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ହୋଇପାରେ। ଦୁଇ ଦେଶ ମଧ୍ୟରେ ଆଲୋଚନାରେ ଭାରତ ୧୦% ମୂଳ ଶୁଳ୍କ ସହିତ ୨୬% ଅତିରିକ୍ତ ଶୁଳ୍କ ହଟାଇବାର ସର୍ତ୍ତ ରଖିଛି। ଏପ୍ରିଲ ୨ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାୟ ୫ ଡଜନ ଦେଶ ଉପରେ ପାରସ୍ପରିକ ଶୁଳ୍କ ଘୋଷଣା କରିଥିଲେ। ସେଥିରେ, ଭାରତ ଉପରେ ୨୬% ଶୁଳ୍କ ଲାଗୁ କରାଯାଇଥିଲା। ତଥାପି, ମାତ୍ର ଗୋଟିଏ ସପ୍ତାହ ପରେ ସେ ପାରସ୍ପରିକ ଶୁଳ୍କକୁ ୯୦ ଦିନ ପାଇଁ ସ୍ଥଗିତ ରଖିଥିଲେ। ସେହି ଅବଧି ଜୁଲାଇ ୯ରେ ଶେଷ ହେବ। ସମସ୍ତ ଦେଶରୁ ଆମଦାନୀ ଉପରେ ୧୦% ମୂଳ ଶୁଳ୍କ ଲାଗୁ କରାଯାଇଛି। ସରକାରୀ ଅଧିକାରୀମାନେ କହିଛନ୍ତି ଯେ ଭାରତ ଏହାର କିଛି ସମ୍ବେଦନଶୀଳ କ୍ଷେତ୍ରକୁ ସୁରକ୍ଷା ଦେବାକୁ ଚାହୁଁଛି। କୃଷି ଏବଂ ଦୁଗ୍ଧ ଭଳି କ୍ଷେତ୍ର ପାଇଁ ଆମଦାନୀ କୋଟା କିମ୍ବା ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମ୍‌ଆଇପି) ଲାଗୁ କରାଯାଇପାରେ। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ସମ୍ପ୍ରତି ବାଣିଜ୍ୟ ଆଲୋଚନା (ଭାରତ-ଆମେରିକା ବାଣିଜ୍ୟ ଆଲୋଚନା) ପାଇଁ ୱାଶିଂଟନରେ ଅଛନ୍ତି। ସେଠାରେ ସେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏବଂ ଆମେରିକାର ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର ଜାମିସନ ଗ୍ରୀୟରଙ୍କୁ ଭେଟିଥିଲେ। ଦୁଇ ଦେଶର ଆଲୋଚନାକାରୀଙ୍କ ମଧ୍ୟରେ ବୈଠକ ମେ’ ୨୨ ପର୍ଯ୍ୟନ୍ତ ଚାଲିବ। ଜଣେ ଅଧିକାରୀଙ୍କ ଅନୁଯାୟୀ, ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା (ବିଟିଏ) ଉପରେ ଆଲୋଚନା ସକାରାତ୍ମକ ଦିଗରେ ଚାଲିଛି। ଆମର ପ୍ରୟାସ ହେଉଛି ୮ ଜୁଲାଇ ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି କରିବା। ଆମେ ଏହା ମଧ୍ୟ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରୁଛୁ ଯେ ଭାରତ ଉପରେ ୧୦% ମୂଳ ଶୁଳ୍କ ଏବଂ ୨୬% ଅତିରିକ୍ତ ଶୁଳ୍କ ଲାଗୁ ନ ହୁଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିବା ପାଇଁ ଆମେରିକା ଗସ୍ତରେ ଯାଇଥିବାବେଳେ ଉଭୟ ଦେଶ ମଧ୍ୟରେ ଚଳିତବର୍ଷ ସେପଟ୍ଟେମ୍ବର-ଅକ୍ଟୋବର ସୁଦ୍ଧା ବାଣିଜ୍ୟ ଚୁକ୍ତି (ଦ୍ୱିପାକ୍ଷିକ ସମ୍ପର୍କ) ଚୂଡ଼ାନ୍ତ କରିବା ଏବଂ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ନେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭାରତ ଶ୍ରମକେନ୍ଦ୍ରୀୟ କ୍ଷେତ୍ରଗୁଡ଼ିକ ପାଇଁ ଶୁଳ୍କ ଛାଡ଼ ଚାହୁଁଛି। ଏଥିରେ ବସ୍ତ୍ର ଏବଂ ପୋଷାକ, ମଣି ଏବଂ ଅଳଙ୍କାର, ଚମଡା ସାମଗ୍ରୀ, ପ୍ଲାଷ୍ଟିକ୍, ରାସାୟନିକ ପଦାର୍ଥ, ଚିଙ୍ଗୁଡ଼ି, ତୈଳବୀଜ, ଅଙ୍ଗୁର ଏବଂ କଦଳୀ ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ, ଆମେରିକା କିଛି ଶିଳ୍ପ ସାମଗ୍ରୀ, ଅଟୋମୋବାଇଲ୍ (ବିଶେଷକରି ଇଭି), ମଦ, ପେଟ୍ରୋଲିୟମ୍ ଉତ୍ପାଦ, ଖାଦ୍ୟ ଏବଂ ଜିଏମ୍ ଉତ୍ପାଦ ଯେପରିକି କ୍ଷୀର, ସେଓ ଏବଂ ଶୁଖିଲା ଫଳ ପାଇଁ ଛାଡ଼ ଚାହୁଁଛି। ଭାରତରେ ଜିଏମ୍ ଖାଦ୍ୟ ଆମଦାନୀ ନିଷିଦ୍ଧ। ଆମେରିକା ଗତ ଚାରି ବର୍ଷ ଧରି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ରହିଆସିଛି। ୨୦୨୪-୨୫ ବର୍ଷରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ଣ ୧୩୧.୮୪ ବିଲିୟନ ଡଲାର ଥିଲା। ଭାରତ ଏହାର ରପ୍ତାନିର ୧୮% ଆମେରିକାକୁ ରପ୍ତାନି କରିଥାଏ, ଯେତେବେଳେ କି ଆମଦାନୀରେ ଏହାର ଅଂଶ ୬.୨୨%। ଭାରତ ଆମେରିକା ସହିତ ଏକ ବାଣିଜ୍ୟ ବଳକା ସ୍ଥିତିରେ ଅଛି।



## ସାମାନ୍ୟ କମିଲା ସୁନା ଦର

ଦେଶର ବିଭିନ୍ନ ସହରରେ କମିଛି ସୁନା ଦର । ଜାଣନ୍ତୁ କେଉଁ ସହରରେ କଣ ଅଛି ସୁନା ମୂଲ୍ୟ । ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର କମିଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୦୭୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୮୯୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୦୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୮୯୦ ଟଙ୍କାକୁ ପହଂଚିଛି । ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୦୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୮୯୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୨୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୦୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୦୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୮୯୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୦୭୦ ଓ ୮୯, ୮୯୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୯୦୦ ଟଙ୍କା ହୋଇଛି ।

## ପୁଣି ନିରାଶ ନିବେଶକ



ଗତ କିଛି ଦିନ ହେବ ଭାରତୀୟ ସେୟାର୍ ବଜାରରେ ଉତ୍ସାହ ଦେଖା ଦେଇଥିବା ବେଳେ ପୁଣି ନିରାଶ ହୋଇଛନ୍ତି ନିବେଶକ। ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିନ ମଙ୍ଗଳବାର ଷ୍ଟକ୍ ବଜାରରେ କାରବାର ହ୍ରାସ ସହିତ ଆରମ୍ଭ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ସେନସେକ୍ସ ୭୫୨ ପଏଂଟ୍ ହ୍ରାସ ପାଇ ୮୧,୪୨୪ରେ ପହଂଚିଛି। ଯେତେବେଳେ କି ନେସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନ୍‌ଏସ୍‌ଇ ନିଫ୍‌ଟି) ୫୦ ବି ରେଡ୍ ଜୋନ୍‌କୁ ଯାଇଥିବାର ଦେଖିବାକୁ ମିଳିଛି। ଏହା ୨୦୯ ପଏଂଟ୍ ହ୍ରାସ ପାଇବା ପରେ ୨୪,୭୯୨ରେ ପହଂଚିଛି। ପ୍ରାରମ୍ଭିକ କାରବାରରେ ଇକ୍ୱିଟି ବେଂଚ୍ ମାର୍କଗୁଡ଼ିକ ଦ୍ରୁତ ଭାବରେ ହ୍ରାସ ପାଇଥିଲା, ଯାହା ପୂର୍ବ ସେସନର ଲାଭକୁ ବି ବୁଡ଼ାଇ ଦେଇଛି। କାରଣ ବିଶ୍ୱ ଅନିଶ୍ଚିତତା ଏବଂ ଲାଭ ବୁକିଂ ମଧ୍ୟରେ ନିବେଶକମାନେ ସତର୍କ ହୋଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପରେ ଗତ କିଛି ଦିନ ହେବ ଭାରତୀୟ ଷ୍ଟକ୍ ବଜାରରେ ଏକ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଥିଲା। ଗତକିଛି ମାସ ହେବ ସେୟାର ବଜାର ତଳମୁହାଁ ରହି ଆସୁଥିବା ବେଳେ ନିକଟରେ ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହେବା ପରେ ଏହି ଟ୍ରେଣ୍ଡ୍ ବଦଳୁଥିବା ନଜର ଆସିଥିଲା। ଗତ କିଛି ଦିନ ଲଗାତର ଭାବେ ଉପରମୁହାଁ (ଗ୍ରୀନ୍ ଜୋନ୍)ରେ ବଜାର ରହିଥିବା ବେଳେ ଆଜି ପୁଣି ଟ୍ରେଣ୍ଡ୍ ବଦଳିଛି।

## ଜେନ୍ ଜିଙ୍କର ପସନ୍ଦ ଗିଗ୍ ଇକୋନୋମି




ଆଜିକା ସମୟରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ପୂର୍ବ ତୁଳନାରେ ଚାକିରି କରିବା ତରିକାରେ ଆକାଶ ପାତାଳ ତଫାତ । ବର୍ତ୍ତମାନର ଜେନ ଜି ପିଲାମାନେ ୯ରୁ ୫ ଚାକିରିରେ ଆଗ୍ରହ ଦେଖାଉନାହାନ୍ତି । ଫ୍ରି-ଲାନ୍ସିଂ ଓ ଗିଗ ଇକୋନୋମି ଆଡ଼କୁ ଆକର୍ଷିତ ହେଉଛନ୍ତି । କାରଣ ଏଥିରେ ଗ୍ରୋଥ ଅଧିକ ଥିବା ସହ ମେଂଟାଲ ପ୍ରେସର ମଧ୍ୟ କମ ରହୁଛି। ଜେନ ଜି’ଙ୍କ ପସନ୍ଦ ପାଲଟିଛି ଫ୍ରି-ଲାନ୍ସିଂ । ଆଉ ସବୁଠାରୁ ଭଲ କଥା ହେଲା ବର୍ତ୍ତମାନ ସମୟରେ ଇଚ୍ଛା ଅନୁସାରେ କାମ କରି ଟଙ୍କା ରୋଜଗାର କରିବାର ସୁଯୋଗ ମଧ୍ୟ ମିଳୁଛି । ଆଉ ଏହାର ଲାଭ ଉଠାଉଛନ୍ତି ଜେନ ଜି ପୀଢ଼ି । କେବଳ ଏତିକି ନୁହେଁ ଏହି ଫିଲ୍ଡରେ ଗ୍ରୋଥ ମଧ୍ୟ ଭଲ ରହୁଛି । ଫ୍ରି-ଲାନ୍ସିଂରେ ସାଧାରଣ ଚାକିରି ପରି ଅଧିକ ଷ୍ଟ୍ରେସ ରୁହେ ନାହିଁ କି ଅଫିସ ଯିବା ପାଇଁ ପଡ଼େ ନାହିଁ । ନା ବସଙ୍କ ଟେନସନ ରହିବ, ନା ଘର ଛାଡ଼ି ଦୂରରେ ରହିବାର ଝିନଝଟ ରହିବ । ଏହି କାରଣରୁ ଏହା ଜେନ ଜିଙ୍କ ପ୍ରଥମ ପସନ୍ଦ ହୋଇସାରିଛି । ବିଗତ କିଛି ବର୍ଷ ମଧ୍ୟରେ ଗିଗ ଇକୋନୋମି ବଢ଼ି ବଢ଼ି ଚାଲିଛି । ଆଗାମୀ ସମୟରେ ଗିଗ ଇକୋନୋମି ଜବ ମାର୍କେଟରେ ଆମୁଳଚୂଳ ପରିବର୍ତ୍ତନ ଆଣିବ ବୋଲି ଆକଳନ କରାଯାଉଛି । ଯେଉଁଥିପାଇଁ ଯୁବଗୋଷ୍ଠୀ ଏହି ରାସ୍ତାକୁ ଅଧିକ ଆକର୍ଷିତ ହେଉଛନ୍ତି । ଗିଗ ଇକୋନୋମି ପାଇଁ ଜବ୍ ମାର୍କେଟରେ ପରିବର୍ତ୍ତନର ଆଶା କରାଯାଉଛି । ଏପରି ସ୍ଥିତିରେ କମ୍ପାନୀଗୁଡ଼ିକ ଏବେ ଫୁଲ ଟାଇମ ଏମପ୍ଲୟ ପରିବର୍ତ୍ତେ ଫ୍ରିଲାନ୍ସରଙ୍କୁ କାମ ଦେବା ପାଇଁ ଅଧିକ ପସନ୍ଦ କରୁଛନ୍ତି । ଯଦ୍ୱାରା କମ୍ପାନୀର ଖର୍ଚ୍ଚ କମିବା ସହ ତାଙ୍କୁ ଆବଶ୍ୟକତା ଅନୁସାରେ କର୍ମଚାରୀ ମଧ୍ୟ ମିଳୁଛନ୍ତି । ତେବେ ଜାଣିବା ପ୍ରକୃତରେ କ’ଣ ଏହି ଗିଗ ଇକୋନୋମି ?

### ଗିଗ ଇକୋନୋମି

ଗିଗ ଇକୋନୋମି ଏପରି ଏକ ସିଷ୍ଟମ, ଯେଉଁଥିରେ କୌଣସି ବି ବ୍ୟକ୍ତି ପରମାନେଂଟ୍ ଚାକିରି ପରିବର୍ତ୍ତେ ଫ୍ରିଲାନ୍ସିଂ କାମ ପ୍ରୋଜେକ୍ଟ ଆଧାରରେ କରିପାରିବେ । ଏଥିପାଇଁ କୌଣସି ଗୋଟିଏ କମ୍ପାନୀ ସହିତ ଯୋଡ଼ି ହୋଇରହିବାର ଆବଶ୍ୟକତା ନାହିଁ । ଯିଏ ଚାହିଁବ ଭିନ୍ନ କମ୍ପାନୀରେ ଅଲଗା ଅଲଗା କ୍ଲାଏଂଟ୍ ସହିତ କାମ କରିପାରିବ । ବଢୁଥିବା ଡିଜିଟାଲ ପ୍ଲାଟଫର୍ମ କାରଣରୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏହାର କ୍ରେଜ ବଢୁଛି ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର: ଜୟପୁର ବ୍ଲକ ଅନ୍ତର୍ଗତ ବୀରିଣିପୁଟ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର , ସହକାରୀ ନିବାହୀ ଯନ୍ତ୍ରୀ ବିଜୟ ନନ୍ଦ, ଏପିଓ ସନ୍ତୋଷି ମହାପାତ୍ର ସରପଂଚ ପଦ୍ମା ନନ୍ଦିବାଲି ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି ପ୍ରତ୍ୟକ ଦିନ ବାର ବାର ବାର ବିଦ୍ୟୁତ କାଟ ହେଉଥିବା ସହ ନୂତନ ଅଙ୍ଗନବାଡୀ କେନ୍ଦ୍ର ନିର୍ମାଣ, ରାସ୍ତା ନିର୍ମାଣ ଆଦି ଅଭିଯୋଗ ହୋଇଥିଲା । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ ।

# ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ନୋଟିସ୍



ଟିଟିଲାଗଡ଼,(ପିପିଏସ୍): ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ସଇଁତଲା ବ୍ଲକ ବୁଢାବାହାଲ ପଞ୍ଚାୟତର ସରପଞ୍ଚ ଲତା କୁମ୍ଭାରଙ୍କ ବିରୁଦ୍ଧରେ ନାଏବ ସରପଞ୍ଚଙ୍କ ସମେତ ୯ ଜଣ ୱାର୍ଡମେମ୍ବର ଅନାସ୍ଥା ପ୍ରସ୍ତାବ ନୋଟିସ୍ ବୁଧବାର ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ଏନେଇ ଗତ ୧୦ ତାରିଖରେ ବୁଢ଼ାବାହାଲ ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗିରିଗୋବର୍ଦ୍ଧନ ପୀଠ ରେ ନାଏବ ସରପଞ୍ଚ ବିଜୟ ସେଲମାଙ୍କ ଅଧକ୍ଷତାରେ ଗ୍ରାମ ପଞ୍ଚାୟତର ସତନ୍ତ୍ର ବୈଠକରେ ସରପଞ୍ଚଙ୍କ କାର୍ଯ୍ୟକଳାପ ନେଇ ୱାର୍ଡ ମେମ୍ବର ଅସନ୍ତୋଷ ପ୍ରକାଶ କରିଥିଲେ । ସରପଞ୍ଚ ମନୋମୁଖୀ ଭାବରେ କାର୍ଯ୍ୟ କରୁଥିବା, ମନରେଗା ଅର୍ଥ ହେରଫେର, ଗ୍ରୀଷ୍ମ ଋତୁରେ ଚହଲା ଖନନରେ ଦୁର୍ନୀତି, ଚାଷୀଙ୍କ ଜମି ଉନ୍ନତି ପାଇଁ ଟଙ୍କା ମାଗିବା, ଉନ୍ନୟନ କାର୍ଯ୍ୟରେ ଅବହେଳା, ଅଭିଯୋଗ କଲେ ସରପଞ୍ଚଙ୍କ ସାମୀ ମାଡ଼ ମାରିବା, ଜୀବନରୁ ମାରିଦେବାକୁ ଧମକ ଦେବା ଆଦି ଅଭିଯୋଗ ହୋଇଛି । ଏନେଇ ପଞ୍ଚାୟତର ନାଏବ ସରପଞ୍ଚ ତଥା ୱାର୍ଡମେମ୍ବର ବିଶ୍ୱମ୍ବର ମାହାଡ଼ିକ, ତୁଳସୀ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ସମାରୀ ଗହୀର, ମୋହନ ସାହୁ, ବନିତା ଗହୀର, ମଦନ ବାଗ ପ୍ରମୁଖ ୯ ଜଣ ସଭ୍ୟସଭ୍ୟା ଭାରପ୍ରାପ୍ତ ଉପଜିଲାପାଳ ସମୀର ବିଲୁଙ୍ଗଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଛନ୍ତି । ପଞ୍ଚାୟତର ୧୨ ଜଣ ସଭ୍ୟସଭ୍ୟାଙ୍କ ମଧ୍ୟରୁ ସଂଖ୍ୟାଧିକଙ୍କ ସରପଞ୍ଚଙ୍କ ଉପରେ ଅନାସ୍ଥା ଟ୍ରୁଟିଥିବା ନେଇ ତୁରନ୍ତ ଭୋଟ ଗ୍ରହଣ ସହ ସରପଞ୍ଚଙ୍କୁ ଅପସାରଣ ପାଇଁ ସେମାନେ ଦାବି କରିଛନ୍ତି ।

# ରକ୍ତହିନତାର କାରଣ ଓ ଉପଚାର ସମ୍ପର୍କିତ ଆଲୋଚନା

କନ୍ଧମାଳ: ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ଥିବା ବେଳେ ରକ୍ତହିନତାର କାରଣ ମଧ ଗର୍ଭବତି ଓ ପ୍ରସୁତି ସମୟରେ ପ୍ରଭାବ ପକାଉଛି । ମାତୃ ଓ ଶିଶୁ ସାସ୍ଥ୍ୟକୁ ଗୁରୁତ୍ୱ ଦେଇ ଜନ ସଚେତନତା ସୃଷ୍ଟି ଉଦ୍ଦେ୍ୟଶ୍ୟରେ ଟିକାବଲି ସ୍ଥିତ ମା ଗୃହ ତାର ପ୍ରତିଷ୍ଠା ଦିବସ ପାଳନ କରି ରକ୍ତହିନତା ର କାରଣ ଓ ତାର ପ୍ରତିକାର ଶିର୍ଷକ ଏକ ଆଲୋଚନା ଚକ୍ର ଆୟୋଜନ କରିଥିଲେ । ଟିକାବାଲି ବ୍ଲକ୍ ଅଧକ୍ଷ ଦିଲ୍ଲିପ କହଁର ମୂଖ୍ୟ ଅତିଥି ଭାବେ ଯୋଗଦେଇ କନ୍ଧମାଳ ଭଳି ଜିଲ୍ଲାରେ ସାତୀ ଅନୁଷ୍ଠାନ ଜାରି ରଖିଥିବା କାର୍ଯ୍ୟଧାରା ନିଶ୍ଚିତ ପ୍ରଶଂସନୀୟ ବୋଲି କହିଥିଲେ । ତତ୍ ସହିତ ଜିଲ୍ଲା ସମାଜ ମଙ୍ଗଳ ପ୍ରୋଗ୍ରାମ ଅଫିସର୍ ସରୋଜଲତା ଦେଇ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ ଯୋଗଦେଇ ନାବଯାତ ଶିଶୁର ମାନସିକ , ଶାରୀରିକ ଓ ବୌଧିକ ବିକାଶ ନିମନ୍ତେ ଗର୍ଭବତୀ ମାନଙ୍କ ଗର୍ଭ ସମୟରେ ବିଭିନ୍ନ କ୍ଷେତ୍ରରେ ଯତ୍ନବାନ ନିଆଯିବା ଆବଶ୍ୟକ ବୋଲି କହିଥିଲେ। ଆହୁରି ମଧ ଗର୍ଭାବସ୍ଥାରେ ଯଦି ରକ୍ତ ହିନତା ଦେଖାଦିଏ ତେବେ ଉଭୟ ମା ଓ ଛୁଆ କୁ ପ୍ରଭାବିତ କରିଥାଏ ଯାହାକି ପରେ ବିକଳାଙ୍ଗ କିମ୍ବା କମ୍ ଓଜନ ର ଶିଶୁ ଜନ୍ମ ହୋଇଥାଏ ବୋଲି ସୂଚନା ଦେଇଥିଲେ। କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାତୀ' କନ୍ଧମାଳ ଙ୍କ ସହଯୋଗ ଓ ଜିଲ୍ଲା ଜାତିୟ ସାସ୍ଥ୍ୟ ମିଶନ୍ ଙ୍କ ସହାୟତା ରେ ୨୭ ମଈ ୨୦୨୦ ମସିହା ଠାରୁ ଟିକାବାଲି ବ୍ଲକର ଛତିଝାର ଠାରେ ଅବସ୍ଥାପିତ ମା ଗୃହ ରେ ପାଖାପାଖି ୧୮୦୦ ଗର୍ଭବତୀ ସୁରକ୍ଷିତ ମାତୃତ୍ୱ ଲାଭ କରିଥିବା କଥା ଅନୁଷ୍ଠାନର କୋଷାଧକ୍ଷ ସାନ୍ତନୁ କୁମାର ମିଶ୍ର ତାଙ୍କ ବକ୍ତବ୍ୟ ରେ କହିଥିଲେ। ଏହା ସହିତ ରକ୍ତହିନତା ରୁ ମୁକୁଳିବା ପାଇଁ ସରକାରଙ୍କ ମୋ ଉପକାରି ବଗିଚା କାର୍ଯ୍ୟକ୍ରମ ରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ଟିକାବାଲି ଗୋଷ୍ଠି ସାସ୍ଥ୍ୟ କେନ୍ଦ୍ର ର ବି.ପି.ଏ.ମ୍. ରଶ୍ମିରଞ୍ଜନ ତ୍ରିପାଠୀ ଓ ଏସ୍.ଟି.ଏସ୍. ଆସିକ୍ କୁମାର ସାହୁ ଉପସ୍ଥିତ ରହି ରକ୍ତହିନତା ର କାରଣ ଓ ତାର ନିରାକରଣ ବିଷୟରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ତସହିତ ଟିକାବାଲି ସମନ୍ୱିତ ଶିଶୁ ବିକାଶ ଅଧିକାରି ତାଙ୍କର ବକ୍ତବ୍ୟରେ ଗର୍ଭବତୀ ମାନଙ୍କର ଯତ୍ନ ନିଶ୍ଚିତ ଭାବେ ତାଙ୍କର ପରିବାର ର ସମସ୍ତ ବ୍ୟକ୍ତି ଙ୍କର ଦାୟିତ୍ୱ ହେବା ଆବଶ୍ୟକ ବୋଲି କହିଥିଲେ । ଶେଷରେ ଅନୁଷ୍ଠାନର ସାସ୍ଥ୍ୟ ସଂଯୋଜକ ବିଶ୍ୱରଞ୍ଜନ କର ମା ଗୃହର କାର୍ଯ୍ୟକ୍ରମ ବିଷୟରେ ସମୟକ ଧାରଣା ଦେବାସହିତ ଦନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୪୦ ରୁ ଅଧିକ ଗର୍ଭବତି, ସ୍ଥାନୀୟ ଏ.ଏନ୍.ମ୍. ଆଶା ଓ ଅଙ୍ଗନଓାଡି କର୍ମୀ ଯୋଗ ଦେଇଥିବା ବେଳେ ବରିଷ୍ଠ କର୍ମୀ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିଲେ । ମା ଗୃହ ଟିକାବାଲି ର ନୁରୁପମା ନାୟକ, ନିରୁପମା କହଁର, ସୁନେମିୟା ଦିଗାଲ, ରାମେଶ୍ୱରୀ ଦିଗାଲ, ଗିତାଞ୍ଜଳୀ ବିଶୋଇ ଙ୍କ ସହିତ ଶ୍ରୀ ଅନ୍ନ ଅଭିଜାନ ପ୍ରକଳ୍ପର ବିନ୍ଦୁମା କହଁର ଏବଂ ସାମୁହିକ ମାନସିକ ରୋଗ ପରିଚାଳନା ପ୍ରକଳ୍ପ ର ଆଲୋକ ସାମନ୍ତରାୟ ପ୍ରମୁଖ ପରିଚାଳନାରେ ସହ ଯୋଗ କରିଥିଲେ ।

# ଟିକିଲିପଡ଼ା-ଡୁମାମୁରା ରାସ୍ତା ମରାମତି କେବେ ?

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଟିକିଲିପଡ଼ା ଗ୍ରାମରୁ ଡୁମାମୁରା ଗ୍ରାମକୁ ସଂଯୋଗ କରୁଥିବା ପ୍ରାୟ ୫କିଲୋମିଟର ରାସ୍ତା ଅବସ୍ଥା ଏବେ ଅତି ସଂକଟାପନ୍ନ ଅବସ୍ଥାରେ ପହଂଚି ଏକ ମରଣଯନ୍ତାର କର୍ତବ୍ୟ ସମ୍ପାଦନ କରୁଛି । ଜମନକିରା ଆର ଡି ବିଭାଗ ଅଧୀନରେ ଥିବା ଏହି ରାସ୍ତା ବିଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅଧିକାରୀଙ୍କ ଆଖି ପଡ଼ିନାହିଁ । ରାସ୍ତା ନିର୍ମାଣ କରି ରାସ୍ତାର ରକ୍ଷଣା ବେକ୍ଷଣା ଦାୟିତ୍ୱ ଭୁଲି ଯାଇଥିବା ନେଇ ବିଭିନ୍ନ ସମୟରେ ଅଂଚଳବାସୀ ଅଭିଯୋଗ କରିଛନ୍ତି । ଆର ଡି ବିଭାଗ ଦ୍ୱାରା ଜମନକିରା ବ୍ଲକ ଅଂଚଳର ବିଭିନ୍ନ ଗ୍ରାମରେ ରାସ୍ତା ତିଆରି କରାଯାଇଛି । ମାତ୍ର ରାସ୍ତା ତିଆରି ପରେ ପ୍ରତ୍ୟେକ ୫ ବର୍ଷ ମଧ୍ୟରେ ରାସ୍ତା ଖରାପ ହେବା ପରେ ଉକ୍ତ ରାସ୍ତାର ପୁନଃରୁଦ୍ଧାର କାର୍ଯ୍ୟ କରିବାର ଦାଇତ୍ୱକୁ ଆର ଡି ବିଭାଗ ଅଣଦେଖା କରିଆସୁଛି । ବ୍ଲକର ଅନେକ ଅଂଚଳର ରାସ୍ତା ୫ ବର୍ଷ ରୁ ଅଧିକ ଲେଖାଏଁ ମରଣଯନ୍ତାର ସାଜିଥିଲେ ମଧ ବିଭାଗ ଏହା ଉପରେ କୌଣସି ଗୁରୁତ୍ୱ ଦେଉନଥିବା ବିଭିନ୍ନ ସମୟରେ ଅଂଚଳବାସୀ ଅଭିଯୋଗ କରିଆସୁଛନ୍ତି । ଏହି ପରି ଏକ ଅଭିଯୋଗ ଆସିଛି ଟିକିଲିପଡା ଡୁମାମୁରା ଗ୍ରାମରୁ । ସୂଚନା ମୁତାବକ ଜମନକିରା ବ୍ଲକ ଟିକିଲିପଡା ପଂଚାୟତ ଡୁମାମୁରା ଗ୍ରାମରୁ ଏନ ଏଚ ରାସ୍ତା କୁ ୨ କିମି ରାସ୍ତା ଆର ଡି ବିଭାଗ ପକ୍ଷରୁ ୧୦ ବର୍ଷ ପୂର୍ବେ ରାସ୍ତା ତିଆରି କରାଯାଇଥିଲା । ହେଲେ ପ୍ରତ୍ୟକ ୫ ବର୍ଷ ମଧ୍ୟରେ ରାସ୍ତା ଖରାପ ହେଲେ ରାସ୍ତା ର ପୁନଃରୁଦ୍ଧାର ପାଇଁ ବିଭାଗର ଦାଇତ୍ୱ ରହୁଥିବା ବେଳେ ଏହି ରାସ୍ତାକୁ ୧୦ ବର୍ଷ ରୁ ଉପରେ ହେବ ତଥାପି ରାସ୍ତା ମରାମତି ପାଇଁ ବିଭାଗ ଧାନ ଦେଉ ନାହିଁ । ଯାହା ଫଳରେ ଏବେ ରାସ୍ତା ତି ଆହୁରି ଆହୁରି ଖରାପ ହେବାକୁ ବସିଲାଣି । ଟିକିଲିପଡା ଡୁମାମୁରା ଗ୍ରାମର ଜନସଂଖ୍ୟା ପ୍ରାୟ ୨ ସହ ରୁ ଅଧିକ ରହୁଥିବା ବେଳେ ଏହି ରାସ୍ତା ଦେଇ ଦୈନନ୍ଦିନ ଦେବଗଡ଼ ଜିଲ୍ଲା ସୀମା ରୁ ଅନେକ ଗ୍ରାମର ଲୋକ ମଧ ଜମନକିରା କୁ ଯିବା ଆସିବା କରିଥାନ୍ତି । ଦୈନନ୍ଦିନ ଏହି ରାସ୍ତା ଦେଇ ଦୁଇ ଚକିଆ ଜାନ ଠୁ ଧରି ଛଅ ଚକିଆ ଜାନ ଯିବା ଆସିବା କରୁଥିବା ବେଳେ ରାସ୍ତାଟି ଏବେ ଆହୁରି ଖରାପ ହେବାକୁ ବସିଲାଣି । ପୁଣି ଡୁମାମୁରା ରେ ଏକ ଡ୍ୟାମ ରହୁଥିବା ବେଳେ ଏହା ଅଂଚଳରେ ଏକ ପିକନିକ ସ୍ପଟ ଭାବରେ ଖୁବ ପରିଚିତ । ଯାହା ଫଳରେ ଏଠିକାର ସୌନ୍ଦର୍ଯ୍ୟକୁ ଆକର୍ଷିତ ହୋଇ ଦୂରଦୂରାନ୍ତରୁ ଅନେକ ଯାତ୍ରୀ ଏଠାକୁ ଆସିଥାନ୍ତି । କିନ୍ତୁ ଏବେଏହି ରାସ୍ତାରେ ବିଭିନ୍ନ ସ୍ଥାନରେ ପିଚୁ ଉଠି ମେଟାଲ ଗୁଡିକ ସବୁ ବାହାରି ପଡିଛି ଅନେକ ସ୍ଥାନ ରେ ଅନେକ ବଡ଼ ବଡ଼ ଗର୍ତ ହୋଇଯାଇଛି । ଏମିତି କି ଏହି ରାସ୍ତାରେ ଥିବା ଦୁଇ ତିନିଟି କଲଭର୍ଟ ରେ ବଡ ବଡ଼ ଗର୍ତ ହୋଇ ଉଠିଥିବାରୁ ରାସ୍ତାରେ ଯିବା ଆସିବା କରୁଥିବା ଯାତ୍ରୀ ଅନେକ ସମୟରେ ଦୁର୍ଘଟଣା ର ଶିକାର ହେଉଛନ୍ତି । ଗ୍ରାମର ସଞ୍ଜୟ ବଂଚୁର କହନ୍ତି ଏହି ରାସ୍ତାରେ ଦୈନନ୍ଦିନ ଦୁର୍ଘଟଣା ଦେଖିବାକୁ ମିଳୁଛି ଏବଂ ତାଙ୍କୁ ହସ୍ପିଟାଲ କୁ ମଧ ହାମେ ନେଉଛୁ । ଏହାକୁ ନେଇ ଏବେ ବିଭାଗ କୁ ଅନେକ ଥର ଅବଗତ କରାଇଛୁ କିନ୍ତୁ ବିଭାଗ ପକ୍ଷରୁ ଏବେ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ । କୌଣସି ସମୟରେ କୌଣସି ବଡ଼ ଦୁର୍ଘଟଣା ଘଟେ ତାହା ହେଲେ ଏଥି ପ୍ରତି ସମ୍ପୂର୍ଣ ଦାୟୀ ବିଭାଗ ରହିବ ବୋଲି ମାଝୀ ଙ୍କ ସହ ଗ୍ରାମବାସୀ କହିଛନ୍ତି । ଏହାକୁ ନେଇ ଆର ଡି ଯନ୍ତ୍ରୀ ଅଶୋକକୁ ଦାସ ଙ୍କୁ ପଚାରିବାରୁ ସେ ରାସ୍ତା ଟି ସମ୍ବଲପୁର ଏବଂ ଦେବଗଡ଼ ଆରଡ଼ି ବିଭାଗ ରେ ଥିବାରୁ ବିଳମ୍ବ ହେଉଛି ଆମେ ଏହି ରାସ୍ତା ଖରାପଥିବା ଉଚ୍ଚ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ ଆମେ ଆଶାକରୁଛୁ ନଭେମ୍ବର ସୁଦ୍ଧା କାମ ଆରମ୍ଭ ହୋଇଯିବ ବୋଲି କହିଥିଲେ । ତେଣୁକରି ବିଭାଗୀୟ ଅଧିକାରୀ ଏବଂ ଉଭୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଅନୁଧ୍ୟାନ କରି ରାସ୍ତା କୁ ଉପଯୋଗୀ କରିବା ପାଇଁ ଗ୍ରାମବାସୀଙ୍କ ଦାବୀ ହେଉଛି ।

## କାର୍‌ରୁ ଦେଶୀ ବନ୍ଧୁକ ମିଳିବା ଘଟଣାରେ ଏସ୍‌ପିଙ୍କ ତଦନ୍ତ

ସୁବର୍ଣ୍ଣପୁର: ଦୁର୍ଘଟଣାଗ୍ରସ୍ତ କାରରୁ ଦେଶୀ ବନ୍ଧୁକ ମିଳିବା ଘଟଣାକୁ ନେଇ ସୁବର୍ଣ୍ଣପୁର ଏସପିଙ୍କ ତଦନ୍ତ ଆରମ୍ଭ । ସୋନପୁର-ସମ୍ବଲପୁର ରାସ୍ତାର ମାଟିଖାଇ ନୂଆଁ ବସ୍ତି ନିକଟରେ ଗତ ୨୫ ତାରିଖ ରାତିରେ ଏକ ଫରଚୁନର ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଯେଉଁଥିରେ ଜଣେ ନାବାଳକ ସମେତ ମୋଟ ତିନିଜଣ ଗୁରୁତର ହୋଇଥିଲେ ।ଗୁରୁତରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଉଲୁଣ୍ଡା ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଦୁର୍ଘଟଣାଗ୍ରସ୍ତ କାରରୁ ଏକ ଦେଶୀ ବନ୍ଧୁକ ସହ କିଛି ଜୀବନ୍ତ ଗୁଳି ଉଦ୍ଧାର ହୋଇଥିଲେ । ଉଦ୍ଧାର ଦେଶୀ ବନ୍ଧୁକ କେଉଁଠୁ ଆସିଥିଲା । କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ କାରରେ ଯାଉଥିବା ଲୋକମାନେ ଏହି ବନ୍ଧୁକକୁ ନେଇ ଯାଉଥିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି ।

# ନାରଦ ଜୟନ୍ତୀ ଓ ଅଷ୍ଟମ ସମ୍ମାନ ସମାରୋହ




ରାଉରକେଲା(ପିପିଏସ୍) : ରାଉରକେଲା ମହାନଗରର ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପଶ୍ଚିମ ତରଫରୁ ଆଦର୍ଶ ସାହିତ୍ୟ ଘର ଠାରେ ନାରଦ ଜୟନ୍ତୀ ଓ ଅଷ୍ଟମ ସମ୍ମାନ ସମାରୋହ ମହାସମାରୋହରେ ପାଳିତ ହୋଇଯାଇଛି । ବିଶ୍ୱ ସମ୍ବାଦ କେନ୍ଦ୍ରର ଆବାହକ ରାଜକୁମାର ନାଥଙ୍କ ସଭାପତିତ୍ୱ ଓ ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶ ଓ ମୁଖ୍ୟବକ୍ତା ଭାବେ ଡଃ ସନାତନ ପ୍ରଧାନ ଯୋଗଦେଇ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ ସମର୍ପଣ ଓ ସାମାଜିକ ପ୍ରତିବଦ୍ଧତା କୁ ଗୁରୁତ୍ୱାରୋପ କରିଥିବାବେଳେ ପ୍ରକୃତ ତଥ୍ୟ ପାଇବାକୁ ହେଲେ କୌଣସି ସ୍ତରକୁ ଯିବାକୁ ପ୍ରସ୍ତୁତ ହେବ ବୋଲି ମତ ରଖିଥିଲେ। ସମାଜ ପ୍ରତି ଦାୟିତ୍ୱବୋଧ ଓ ପ୍ରତିବଦ୍ଧତା ପାଇଁ ଆଜିର ଦିବସ ସଂକଳ୍ପ ଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଡ ପ୍ରଧାନ ରାଷ୍ଟ୍ର ଓ ବିଶ୍ୱର କଲ୍ୟାଣ ପାଇଁ ସାମ୍ବାଦିକଙ୍କ ଲକ୍ଷ୍ୟ ହେବା ସହ ପ୍ରଜ୍ଞା, ଜ୍ଞାନ,ବିଦ୍ୟା, ନିରପେକ୍ଷତା, ସ୍ପଷ୍ଟବାଦୀ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜନୀତି ଓ ରାଷ୍ଟ୍ରନୀତି ଶ୍ରେଷ୍ଠ ନୀତି ବୋଲି ମତ ରଖିବା ସହ ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରଖିବା ପାଇଁ ମତ ରଖି ନାରଦଙ୍କ ପରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଜଟାଧାରୀ ମାଝୀ ବକ୍ତବ୍ୟ ରଖିଥିଲା ବେଳେ ଗଗନ କୁମାର ସାଇଁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ଉତ୍ତରୀୟ ଓ ଶ୍ରୀଫଳ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ମନୋଜ କୁମାର ଚୈ ।ଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ସୁଶ୍ରୀ ଅଲିସା ନାଥ,ଦିଶା ଜୟସ୍ୱାଲ, ବିଭୂତି ଭୂଷଣ ପଲେଇ, ଦେବଦତ୍ତ ସାଇଁ, କରୁଣାକର ପାଟ୍ଟଶାଣୀ, ଶେଷଦେବ ସାଇଁ,ପଥ୍ୱନ ଶର୍ମା, ମହେଶ ନାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜଗନ୍ନାଥଙ୍କ ନୂତନ ରଥ ନିର୍ମାଣ କାର୍ଯ୍ୟ ଶେଷ

ଚମ୍ପୁଆ: ଚମ୍ପୁଆ ବ୍ଲକ ଷଡ଼ଙ୍ଗୀ ପଂଚାୟତ ଅନ୍ତର୍ଗତ ନିୟୁଣ୍ଡି ଗ୍ରାମରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ନୂତନ ରଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଦୀର୍ଘ ଷାଠିଏ ବର୍ଷ ଧରି ନିୟୁଣ୍ଡି ଗ୍ରାମରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ତେବେ ପୁରୁଣା ରଥ ଟିର କାଠ ଗୁଡ଼ିକ ନଷ୍ଟ ହୋଇଯିବା ଯୋଗୁଁ ରଥଟି ଜରାଜୀର୍ଣ୍ଣ ହୋଇ ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିବାରୁ ମହାପ୍ରଭୁଙ୍କ ପାଇଁ ଏକ ନୂତନ ରଥ ନିର୍ମାଣର ଆବଶ୍ୟକ ହୋଇ ପଡ଼ିଥିଲା । ନୀୟୁଣ୍ଡି ଗ୍ରାମର ଜଗନ୍ନାଥ ଟ୍ରଷ୍ଟ ବୋର୍ଡ, ରାଧାମାଧବ ଯୁବକ ସଂଘର ମିଳିତ ଉଦ୍ୟମ ଏବଂ ଷଡ଼ଙ୍ଗୀ ପଂଚାୟତର ଆଙ୍କୁଡ଼ି, ଝୁଟାପଡା, ଷଡ଼ଙ୍ଗୀ ଆଦି ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ନୂତନ ରଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ସମ୍ପୂର୍ଣ୍ଣ ହୋଇଛି । ଏହି ରଥର ନିର୍ମାଣ କାର୍ଯ୍ୟ ମଲ୍ଲିପଶି ଗ୍ରାମର ମୁଖ୍ୟ ରଥ ମହାରଣା ସୁଦର୍ଶନ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଗାର ଜଣ କାରିଗରଙ୍କ ଦ୍ୱାରା ରୀତି ନିତି ଅନୁସାରେ ନୂତନ ରଥର ନିର୍ମାଣ ଗତ ପାଂଚ ତାରିଖ ଠାରୁ ଆରମ୍ଭ ହୋଇ ଛବିଶ ତାରିଖରେ ଶେଷ ହୋଇଛି । ଦୀର୍ଘ ଦିନର ପ୍ରୟାସ ପରେ ପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅପାର କରୁଣାରୁ ଚଳିତ ବର୍ଷ ନୂତନ ରଥ ନିର୍ମାଣ ହୋଇ ପାରିଛି ବୋଲି ପ୍ରକାଶ କରିଛନ୍ତି ଗ୍ରାମବାସୀ ।

# ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ସୁବର୍ଣ୍ଣପୁର : ଅପରେସନ୍ ସିନ୍ଦୂରର ସଫଳତା କୁ ନେଇ ଜନସାଧାରଣଙ୍କ ମଧ୍ୟରେ ଉତ୍ସହ ସୃଷ୍ଟି କରିବା ସହ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆଜି ସୁବର୍ଷପୁର ବିଜେପି ନଗର ମଣ୍ଡଳ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ରେ ତ୍ରିରଙ୍ଗା ଯାତ୍ରା ଶୁଭାରମ୍ଭ ହୋଇଛି । ଏହି ଶୋଭାଯାତ୍ରା ସହର ପରିକାମ କରି ଲୋକଙ୍କ ମଧ୍ୟରେ ଦେଶପ୍ରେମ ବାର୍ତା ପହଚାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ବେଣୁଧର ଦାଶ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ନଗର ମଣ୍ଡଳ ସଭାପତି ସୁରେଶ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସରୁପ ପାତ୍ର, ବରିଷ୍ଠ କାର୍ଯ୍ୟକର୍ତା ଶିବରାମ ସାହୁ, କାଉନସିଲର ଗଙ୍ଗାଧର ଦରିଆ, ଦଶରଥି ମେହେର, ଗୁପ୍ତପ୍ରକାଶ ମିଶ୍ର, ବିବେକାନନ୍ଦ ମିଶ୍ର,ପ୍ରଫୁଲ୍ଲ ମେହେର, ଦେବାଶିଷ ପୂଜାରୀ, ଶୁଭ୍ରାଂଶୁ ଶେଖର ମିଶ୍ର, ପ୍ରମୁଖଙ୍କ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

# ଅଭିଯୋଗ ଶୁଣାଣି ଶିବିର

## ୬୧ଟି ଅଭିଯୋଗର ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଡୁଙ୍ଗୁରିପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୬୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୩ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୪ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ତନ୍ମଧ୍ୟରେ ୪ ଗୋଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିବା ବେଳେ ତତ୍କାଳ ୩ ଗୋଟି ଦରଖାସ୍ତର ସମାଧାନ କରାଯାଇଥିଲା । ଅନ୍ୟ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଡୁଙ୍ଗୁରିପାଲି ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଡ଼ଃ. ସୌମ୍ୟାରୁପା ରଥ, ଡୁଙ୍ଗୁରିପାଲି ପଂଚାୟତ ସମିତି ଅଧକ୍ଷା ଅହଲ୍ୟା ସାହୁ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ନିର୍ଝରିଣୀ ତରଫରୁ ନିଆରା କାର୍ଯ୍ୟକ୍ରମ

ବଲାଙ୍ଗିର: ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ତରଫରୁ ନିଆରା ସମ୍ପର୍କ ଲାଙ୍କ ମୁହଁରେ ହସ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବହୁମୁଖୀ ନିଆରା କାର୍ଯ୍ୟକ୍ରମ ଚଟୁଅନକାସ୍ଥିତ କମ୍ୟୁନିଟି ସେଂଟର ପରିସରରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ସନ୍ତୋଷ ନାଗ, ସମ୍ମାନିତ ଅତିଥି ଭାବରେ କାହ୍ନୁଚରଣ ମିଶ୍ର, ନରେନ୍ଦ୍ର ସୁନା, ନୀଳେନ୍ଦୁ ବେହେରା, ଅମିର ଛତ୍ରିଆ, ସସ୍ମିତା ମହାନନ୍ଦ, ଦେବାନନ୍ଦ ବଏ, କିଶୋର ବରିହା, ସହଦେବ ମାଝୀ, ରାଏସିଂ ପୁଟେଲ, ବାସନ୍ତୀ ସୁନାନୀ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ବିରଂଚି ନାରାୟଣ ଦାଶ ଉଦ୍ଦେଶ୍ୟ ଜ୍ଞାନ ଓ ଉପସଭାପତି ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ର୍ଥଣ କରିଥିଲେ । ପହେଲଗାମ ଆକ୍ରମଣରେ ମୃତ୍ୟୁବରଣ କରିଥିବା ମୃତକଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଭାରତର ବୀର ସୈନିକମାନଙ୍କୁ ଉତ୍ସାହ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଭାରତ ମାନଚିତ୍ର ଓ ଜାତୀୟ ପତାକା ଅଙ୍କନ କରିବାକୁ ଦିଆଯାଇଥିଲା । ଏଥିରେ ସତୁରୀରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ତାପରେ ବେଲୁନ ଫୁଙ୍କା, ବାଟି ଚାମଚ ଓ ଚିତ୍ରାଙ୍କନର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରୀଷ୍ମ ଅବକାଶରେ ମୋବାଇଲ ଛାଡି ପଠନ ପ୍ରବୃତ୍ତିକୁ ଆପଣେଇବା ସହିତ ଗ, କବିତା କିପରି ଲେଖିବେ ଓ ପଠନ ମନସ୍କ ହେବେତାହାରି ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଉପସ୍ଥିତ ସମସ୍ତଙ୍କୁ ଦୁଇଶହରୁ ଅଧିକ ଶିଶୁ ପତ୍ରିକା ବଂଟନ କରାଯାଇଥିଲା । ଉପସ୍ଥିତ ଛାତ୍ରଛାତ୍ରୀ ତଥା ଜନ ସାଧାରଣଙ୍କୁ ସିନ୍ଦୂର ଅପରେସନ ବିଷୟରେ ପ୍ରଶ୍ନ ପଚାରି ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଉପସ୍ଥିତ ଜନ ସାଧାରଣ ଭୂୟସୀ ପ୍ରଶଂସା କରିଥିଲେ ।

# ଆମ ପୋଲିସ୍ କାର୍ଯ୍ୟକ୍ରମ

## ନିଶା ନିବାରଣ ଓ ଗୁଣିଗାରେଡ଼ି ଦୂର ଉପରେ ଗୁରୁତ୍ୱ



ରାଉରକେଲା,(ପିପିଏସ୍): ରାଜଗାଙ୍ଗପୁର ପୋଲିସ ଏବଂ ଆମ ଜନତା ଙ୍କ ସହ ସମନୟନତା ରକ୍ଷା କରିବା ଲୋକଙ୍କ ମନରେ ଆମ ପୋଲିସ ଭାବନା ସୃଷ୍ଟି କରିବା ପାଇଁ ପ୍ରତି ମାସ ରେ ଜନତା ଙ୍କ ବିଭିନ୍ନ ସମସ୍ୟା କୁ ପ୍ରତି ଫଳିତ କରିବା ପୋଲିସ ଉକ୍ତ ସମସ୍ୟାଗୁଡିକ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଚେଷ୍ଟା କରି ଆମ ଜନତା ଙ୍କ ମନରେ ବିଶ୍ୱାସ ଜାଗ୍ରତ କରିବା ଏହାର ମୂଖ୍ୟ ଉଦ୍ଦେଶ୍ୟ ନେଇ ଆମ ପୋଲିସ ବୈଠକ ଅନୁଷ୍ଠିତ କରାଯାଉଛି । ଗତ ଆମ ପୋଲିସ ବୈଠକ ରେ ସହର ର ବିଭିନ୍ନ ୱାର୍ଡରେ ବୈଠକ କରିବା ପାଇଁ ସ୍ଥିର କରା ଯାଇ ଥିଲା ଏହି ପଦକ୍ଷେପକୁ ଜନତାଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା । ଏହି ମାସ ଆମ ପୋଲିସ ବୈଠକ ସହରର ୧୩ ନମ୍ବର ୱାର୍ଡର ବାରୁପଡାସ୍ଥିତ ଅଙ୍ଗନବାଡି କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସ୍ଥାନୀୟ ଏସଡିପିଓ ବିଭୁ ଭୂଷଣ ଭୋଇ, ଡିଏସ୍‌ପି ମନୋରଞ୍ଜନ ପ୍ରଧାନ, ଇନ୍ସପେକ୍ଟର ବିଜୟ କୁମାର ଦାଶ, ଏଏସଆଇ ଅଞ୍ଜଳି ଜେଜଓ୍ୱାର, ପୌର ଉପାଧକ୍ଷ ଏମ୍‌ଡି ଇର୍ଫାନ ଓ ବିଭିନ୍ନ ୱାର୍ଡର କିଛି କାଉନସିଲରମାନେ ଉପସ୍ଥିତ ଥିଲେ । ଆଲୋଚନାରେ ମୁଖ୍ୟତଃ ଗୁଣି ଗାରେଡ଼ିକୁ ଦୂର କରିବା ମଦପାନ ନକରିବା ପାଇଁ ପୋଲିସ ପରାମର୍ଶ ଦେଇଥିଲେ। କାଉନସିଲର କୁଶଳ ସିଂ ଉପସ୍ଥିତ ଜନତାଙ୍କୁ ମନରୁ ଗୁଣି ଗାରେଡ଼ି ଗୋଟିଏ ଭ୍ରାନ୍ତ ଧାରଣାକୁ ମନରୁ ଦୂର କରି ଲୋକଙ୍କୁ ଡାକ୍ତର ପାଖକୁ ଯାଇ ରୋଗ ନିରାକରଣ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ପୋଲିସ ଲୋକମାନଙ୍କୁ ନିଶା ନକରିବା ପାଇଁ ଉପଦେଶ ଦେବା ପରେ ଭାଟିର ମଦ ସହରର ବିଭିନ୍ନ ସ୍ଥାନରେ ଭାଟି ମଦ ଗଳି କନ୍ଦିରେ ବିକ୍ରି ହେଉଥିବା ଅଭିଯୋଗ କରିଥିଲେ । ଭାଟି କର୍ମଚାରୀମାନେ ମଦ ବିକ୍ରି କରିବା ପାଇଁ ନିର୍ଭୟ ପ୍ରତିଶୃତି ଦେଇ ବିକ୍ରି କରୁଥିବା ଉପସ୍ଥିତ ଜନତା ମତ ବ୍ୟକ୍ତ କରିଥିଲେ । ଶେଷରେ ଏସଡିପିଓ ବିଭୁ ଭୂଷଣ ଭୋଇ ଲୋକଙ୍କ ଅଭିଯୋଗ ଗୁଡିକ ଉପରେ ଧ୍ୟାନ ଦେଇ ତା ଉପରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ପ୍ରତିଶୃତି ଦେଇ ଥିଲେ।

# ସୋନପୁର ପ୍ରିମିଅର ଲିଗ୍ ୩ ଉଦ୍‌ଘାଟିତ

## ବିଜୟ ଫାଇଟର ବିଜୟୀ

ସୁବର୍ଣ୍ଣପୁର , (ହି ସ): ଏସପିଏଲ-୩ର ଶୁଭ ଉଦ୍‌ଘାଟନ ସ୍ଥାନୀୟ ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସୋନପୁର ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ କାଉନସିଲର ତଥା ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ପୀୟୂଷ କୁମାର ପଣ୍ଡା, ଏସପିଏଲ୍ କମିଟି ଅଧକ୍ଷ ବି.ସତ୍ୟ ନାରାୟଣ ରାଓ, ସଂପାଦକ ନବ କିଶୋର ମିଶ୍ର, ଜିଲ୍ଲା କ୍ରିକେଟ ସଂଘ ସଭାପତି ପ୍ରଦୀପ କୁମାର ସେଠୀ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରାମ ଇଲେଭେନ୍ ଓ ବିଜୟ ଫାଇଟର ଦଳ ମଧ୍ୟରେ ଆଜି ର ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ୨୦ ଓଭର ବିଶିଷ୍ଟ ମ୍ୟାଚ ରେ ରାମ ଇଲେଭେନ୍ ଦଳ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ବିନିମୟରେ ବିଜୟ ଫାଇଟର ଦଳ କୁ ୧୫୭ ରନ୍ ଟାର୍ଗେଟ ଦେଇଛି । ଦଳ ପକ୍ଷରୁ ଗୋବିନ୍ଦ ପାତ୍ର ସର୍ବାଧିକ ୯୪ ରନ୍ ସଂଗ୍ରହ କରି ଥିବା ବେଳେ ଶଙ୍କର ଘଡିଆ ୨ ଟି ଓ ଗଣେଶ ମହାପାତ୍ର ୨ ଗୋଟି ୱିକେଟ ହାସଲ କରିଥିଲେ । ମ୍ୟାଚର ଦ୍ୱିତୀୟ ଇନିଂସ ରେ ବିଜୟ ଫାଇଟର ଦଳ ୧୪ ଓଭର ରେ ମାତ୍ର ୨ ୱିକେଟ ହରାଇ ୧୫୯ ରନ କରି ୮ ୱିକେଟ ରେ ସହଜ ବିଜୟ ହାସଲ କରିଥିଲା । ଦଳ ପକ୍ଷରୁ ଶଙ୍ଖ ଘଡିଆ ୫୫ ରନ, ସିକନ୍ ସେଠୀ ଅପରାଜିତ ୬୮ ରନ ସଂଗ୍ରହ କରି ଥିବା ବେଳେ ବିଷ୍ଣୁ ନାୟକ ଓ ମନୋଜ ବଡଚାଟ ୧ ଟି ଲେଖାଏଁ ୱିକେଟ ହାସଲ କରିଥିଲେ । ଆଜି ର ଉଦଘାଟନୀ ସଭା ଓ ଖେଳ ର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ ବି.ଏସ.ରାଓ । ଅମ୍ପାୟାର ଶ୍ରିବନ୍ତ ନାୟକ ଓ ସୁଶାନ୍ତ ସେଠ ଖେଳ ପରିଚାଳନା କରିଥିବା ବେଳେ ଦିନେଶ ଘିବିଲା ଓ ବିଶ୍ୱନାଥ ନାୟକ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ । ଜିଲ୍ଲା କ୍ରିକେଟ ସଂଘ ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ପାତ୍ର, ସୁଧାଂଶୁ ଶେଖର ମିଶ୍ର, ବାଙ୍କା ବିହାରୀ ମହଲା, ପ୍ରଦୀପ୍ତ ସେଠୀ, ରାଜେନ୍ଦ୍ର ମିଶ୍ର , ପାର୍ଥ କର ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗଞ୍ଜେଇ ସହ ଅଟୋ ଜବତ

**ଭୁବନେଶ୍ୱର (ପିପିଏସ୍):** ଦାରୁଠେଙ୍ଗରୁ ଡାଲା ଅଟୋରେ ଗଞ୍ଜେଇ ରେଷ୍ଟାଲ କଲୋନୀକୁ ଆସୁଥିବା ବେଳେ ମାଡ଼ି ବସିଲା ନୂଆପଲ୍ଲୀ ଥାନା ପୁଲିସ । ଘଟଣାସ୍ଥଳରୁ ୩ଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହ ୨୫ କେଜି ଜବତ କରାଯାଇଥିବା ଗାଡିକୁ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ, ଟିକାବାଲିର ସୋନୁ ଦିଗାଲ, ବାଲିପାଟଣା ଅଞ୍ଚଳର ସୀମା ସନ୍ତୋଷ ଷଡଙ୍ଗୀ ଏବଂ ଉତ୍ତରପ୍ରଦେଶର ଛତିଶ କୁମାର । ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ଫୁଲବାଣୀରୁ ଗଞ୍ଜେଇ ଆଣି ଦାରୁଠେଙ୍ଗରେ ଲୁଚାଇ ରଖିଥିଲେ । ସେଠାରୁ ସେମାନେ ଏକ ଡାଲା ଅଟୋରେ ଭର୍ତ୍ତି କରି ରେଷ୍ଟାଲ କଲୋନୀକୁ ଆଣୁଥିଲେ । ହେଲେ ଖବର ପାଇ ବରମୁଣ୍ଡା ହାଇସ୍କୁଲ ନିକଟରେ ଉକ୍ତ ଗାଡିକୁ ଅଟକାଇଥିଲା ପୁଲିସ । ପରେ ଗାଡିକୁ ଯାଞ୍ଚ କରିବା ପରେ ସେଥିରୁ ୨୫ କେଜି ଗଞ୍ଜେଇ ଜବତ କରାଯାଇଥିଲା । ସେମାନେ ଜଣେ ଜଣେ ପେଶାଦାର ଅପରାଧି । କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରନ୍ତି ।

# ସରକାରୀ ବସ୍ ଛାତ୍ରଛାତ୍ରୀଙ୍କ ପାଇଁ ଦେୟମୁକ୍ତ କରିବାକୁ ଏଆଇଏସ୍ଏଫ୍‌ର ଦାବି

**ଭୁବନେଶ୍ୱର (ପିପିଏସ୍):** ଅଖିଳ ଭାରତ ଛାତ୍ର ସଙ୍ଘ(ଏଆଇଏସ୍ଏଫ୍) ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ବସ୍ ସେବା ଯୋଗାଇବା ଦାବିରେ ମଙ୍ଗଳବାର ଏକ ଶୋଭାଯାତ୍ରା କରାଯାଇଛି । ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନା କହିଛନ୍ତି ଯେ ଜାତୀୟ ଶିକ୍ଷାନୀତି ଲାଗୁ ହେବାପରେ ପ୍ରାୟ ୮ ହଜାର ପ୍ରାଥମିକ ବିଦ୍ୟାଳୟରେ ତାଲା ପଡ଼ିଛି । ବହୁ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ପଡ଼ିଛି । ପ୍ରତି ଶହେ ଜଣରେ ମାତ୍ର ୫୫ ରୁ ୬୦ଜଣ ଉଚ୍ଚଶିକ୍ଷା ପାଉଛନ୍ତି । ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା କିମ୍ବା ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଯୁବକ ଯୁବତୀଙ୍କ ପାଇଁ ସରକାର ଦେୟମୁକ୍ତ ଯାତାୟାତ ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ଶ୍ରୀମତୀ ଜେନା ଦାବି କରିଛନ୍ତି । ଓଏସ୍ଆର୍‌ଟିସି ପରିଚାଳିତ ସମସ୍ତ ସରକାରୀ ବସ୍‌ରେ ମାଗଣା ଯାତାୟତ ସୁବିଧା, ଘରୋଇ ବସ୍‌ରେ ୫୦% ଭଡ଼ା ଛାଡ଼ କରିବା ବାଧ୍ୟତାମୂଳକ କରିବା ଏବଂ କର୍ପୋରେଟ୍ ସଂସ୍ଥାଙ୍କ ସିଏସ୍ଆର୍ ପାଣ୍ଠି ବ୍ୟବହାର କରି ସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ବସ୍ ଚଳାଇବାକୁ ପଦକ୍ଷେପ ନେବା ପରି ୩ଟି ଦାବି କରିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ରାଜାରାମ ଡଙ୍ଗରୀ, ପପୁ ରାଉତ, ମନୋରଞ୍ଜନ ରାଉତ, ସାଗର ପ୍ରଧାନ, ଅମରେଶ ପରିଡ଼ା ଓ ସୋନାଲି ପ୍ରଧାନ ଉପସ୍ଥିତ ଥିଲେ ।

# ଷ୍ଟୁଆର୍ଟ ସ୍କୁଲର ଛାତ୍ରଙ୍କୁ ରାଜ୍ୟପାଳଙ୍କ ସମ୍ବର୍ଦ୍ଧନା



**ଭୁବନେଶ୍ୱର (ପିପିଏସ୍):** ଷ୍ଟୁଆର୍ଟ ସ୍କୁଲର ଛାତ୍ର ମିତ୍ରୟା ଅଭିଲାଶ ପଟ୍ଟନାୟକ ଦଶମ ଶ୍ରେଣୀ ପରୀକ୍ଷାରେ ଟପ୍ପର ହୋଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ସେ ଆଇସିଏସ୍‌ଇ ବୋର୍ଡ ପରୀକ୍ଷାରେ ୯୯ ପ୍ରତିଶତ ନମ୍ବର ରଖି ଟପ୍ପର ହେବା ସହ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି । ବିଦ୍ୟାଳୟର ଉନ୍ନତ ଓ ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସହାୟକ ହୋଇଥିବା ଅଭିଲାଶ କହିଛନ୍ତି । ଷ୍ଟୁଆର୍ଟ ସ୍କୁଲ ଅଧକ୍ଷା ଡ. ରଶ୍ମିରେଖା ସେନାପତି ଶୁଭେଚ୍ଛା ଜଣାଇଛନ୍ତି ।

# ମୋବାଇଲ୍ ଲୁଟ୍ ଅଭିଯୋଗରେ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଜରୁରୀ ଫୋନ୍ କଲ କରିବାକୁ ବାହାନାରେ ମୋବାଇଲ୍ ଛଡ଼ାଇ ନେଇ ଚମ୍ପଟ ମାରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ପୁଲିସ ।ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ବରମୁଣ୍ଡାର ମିଥୁନ ପାଇକରାୟ । ତା' ନିକଟରୁ ପୁଲିସ ୨୫ଟି ମୋବାଇଲ ଜବତ କରିଛି । ଅଭିଯୋଗ ଅନୁସାରେ, ଅଟୋରେ ଗତ ୧୯ ତାରିଖରେ ମିଥୁନ ଯାତ୍ରୀମାନଙ୍କ ସହିତ ରସୁଲଗଡ଼ରୁ ବରମୁଣ୍ଡା ଯାତ୍ରା କରୁଥିଲା । ମିଥୁନ ଅଭିଯୋଗକାରୀଙ୍କୁ ଏକ ଜରୁରୀ କଲ୍ କରିବା ପାଇଁ ତାଙ୍କ ମୋବାଇଲ୍ ଫୋନ୍ ମାଗିଥିଲେ । ତାଙ୍କ ଉପରେ ବିଶ୍ୱାସ ରଖି, ଅଭିଯୋଗକାରୀ ତାଙ୍କ ମୋବାଇଲ୍ ଫୋନ୍ ଦେଇଥିଲେ । କିନ୍ତୁ, ପରିସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତ ମୋବାଇଲ୍ ଫୋନ୍ ନେଇ ଅଟୋରୁ ପଳାଇ ଯାଇଥିଲେ । ତଦନ୍ତ ସମୟରେ, ଏକ ସୂଚନା ପାଇ ମିଥୁନଙ୍କ ବାସଭବନରେ ଚଢ଼ଉ କରି ପୁଲିସ ତାକୁ ଗିରଫ କରିଛି ।

# ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ଓାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କର୍ପୋରେଟର ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ନୂତନ କାର୍ଯ୍ୟର ଶୁଭ ଉଦ୍‌ଘାଟନ କରିଥିଲେ । ଏଥିରେ ଗଜପତି ନଗରର ରାସ୍ତା, ସାମନ୍ତ ବିହାର ପାର୍କର ପାଚେରୀ ଓ ଗଜପତି ନଗର ଉନ୍ନୟନ ପରିଷଦର ସମ୍ମୁଖ ଫେଭର ବ୍ଲକ କାର୍ଯ୍ୟ ରହିଛି । ଏହି ତିନୋଟି କାର୍ଯ୍ୟ ପାଇଁ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି । ଯୁବନେତା ପ୍ରସନ୍ନ କୁମାର ସାହୁ କର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମଜୁରି ଟଙ୍କା ଭାଗ ବଣ୍ଟାକୁ ନେଇ ଛୁରାମାଡ଼

**ଭୁବନେଶ୍ୱର (ପିପିଏସ୍):** ମଜୁରୀ ଟଙ୍କାକୁ ନେଇ ଛୁରାମାଡ଼ ଘଟଣାରେ ସହିଦନଗର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଶାନ୍ତିପଲ୍ଲୀ ବସ୍ତିର ସାଗର ନାୟକ । ପୁଲିସ ସୂଚନା ଅନୁସାରେ, ଶାନ୍ତିପଲ୍ଲୀ ବସ୍ତିର ପିଣ୍ଟୁ ଗୁଣିଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି । ୨୦୨୪ ଜୁଲାଇ ୨୪ ତାରି ଦିନ ପ୍ରାୟ ୪ଟା ସମୟରେ ପିଣ୍ଟୁର ସାନ ଭାଇ ବାପୁନ ଗୁଣି (୧୭) କ୍ୟାଟରିଂ କାମରୁ ରୋଜଗାର ହୋଇଥିବା ଟଙ୍କା ବାଣ୍ଟିବା ନେଇ ଅଭିଯୁକ୍ତ ସାଗର ସହିତ ବିବାଦ ହୋଇଥିଲା । ସକାଳେ ବାପୁନ ତାଙ୍କର ଭାଗ ଦାବି କରିଥିଲେ । ଯାହାକୁ ଦେବାକୁ ମନା କରିଥିଲା ସାଗର । ଅପରାହ୍ନରେ ସାଗର ପୁଣି ମନା କରିଦେଲେ । କ୍ରୋଧରେ ସାଗରୁ ତାଙ୍କ ହାତରେ ଥିବା ଏକ ଛୁରୀରେ ବାପୁନିକୁ ଭୁଷି ଦେଇଥିଲେ । ଫଳରେ ବାପୁନି ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଗଲେ । ଅଭିଯୋଗକାରୀଙ୍କ ସହିତ ସ୍ଥାନୀୟ ଲୋକମାନେ ହସ୍ତକ୍ଷେପ କରି ବାପୁନଙ୍କୁ ସାଗରଙ୍କ କବଳରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସାଗର ଫେରାର ଥିବା ବେଳେ ଆଜି ପୁଲିସ ତାର ଘରେ ଚଢ଼ଉ କରି ଗିରଫ କରିଛି ।

# ସମ୍ ହସ୍ପିଟାଲ୍-୨ରେ ଜରୁରିକାଳୀନ ଔଷଧ ଦିବସ

**ଭୁବନେଶ୍ୱର (ପିପିଏସ୍):** ଫୁଲନଖରାସ୍ଥିତ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ-୨ରେ ହସ୍ପିଟାଲ୍‌ର ଏମର୍ଜେନ୍ସି ମେଡିସିନ୍ ବିଭାଗ ପକ୍ଷରୁ ବିଶ୍ୱ ଜରୁରିକାଳୀନ ଔଷଧ ଦିବସ ପାଳିତ ହୋଇଯାଇଛି । ସମ ହସ୍ପିଟାଲ-୨, ରାପିଡୋ ଓ ସୋସାଇଟି ଅଫ୍ ଆକ୍ୟୁଟ କେୟାର୍, ଟ୍ରମା ଆଣ୍ଡ ଏମର୍ଜେନ୍ସି ମେଡିସନ୍ (ଏସ୍ଏସିଟିଇଏମ୍)ର ମିଳିତ ଉଦ୍ୟମରେ ସାରା ଓଡ଼ିଶା ନିମନ୍ତେ ଏହି ଦିବସ ପାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଅରକ୍ଷିତ ସ୍ୱାଇଁ, ସୋଆ ଉପକୁଳପତି ପ୍ରଫେସର ପ୍ରସନ୍‌ଜୀତ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଦିବସରେ ସମଗ୍ର ଦେଶର ୧୦୦୦ରୁ ଉର୍ଦ୍ଧ୍ୱ ରାପିଡୋ କ୍ୟାପ୍‌ଟେନ୍‌ମାନଙ୍କୁ ୧୬ଟି ସହରରେ ଶିକ୍ଷା ପ୍ରଦାନ କରାଯାଇଛି । ପ୍ରାରମ୍ଭରେ ଏମର୍ଜେନ୍ସି ମେଡିସିନ୍ ବିଭାଗର ଡାକ୍ତର ଦିବ୍ୟାଶା ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି

# ୩୦ରେ ଦେବ ବିବାହ, ଜମିବ ଶୋଭାଯାତ୍ରା

**ଭୁବନେଶ୍ୱର (ପିପିଏସ୍):** ପାଖେଇ ଆସୁଛି ଶୀତଷଷ୍ଠୀ ଯାତ୍ରା । ରାଜଧାନୀର ବିଭିନ୍ନ ଶୈବ ପୀଠରେ ପାଳିତ ହେବ ଠାକୁରଙ୍କ ବିବାହ ଉତ୍ସବ । ବିଶେଷକରି ରାଜଧାନୀର ଶ୍ରୀଲିଙ୍ଗରାଜଙ୍କ ଏହି ଯାତ୍ରା ପାଇଁ ଗତକାଲି ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ଶୀତଳଷଷ୍ଠୀ କମିଟିର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶୃଙ୍ଖଳିତ ଶୋଭାଯାତ୍ରା, ସାଜସଜ୍ଜା ଓ ପାରମ୍ପରିକ ଆକର୍ଷଣୀୟ ଶୋଭାଯାତ୍ରା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିପାଇଁ ପୁରୁଣା ଭୁବନେଶ୍ୱର ଉତ୍ସବ ମୁଖର ହୋଇପଡ଼ିଛି । ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ସମେତ କେଦାରଗୌରୀ ମନ୍ଦିରରେ ଜୋର୍‌ଦାର ପ୍ରସ୍ତୁତି କରାଯାଇଛି । ଯେଉଁଭଳି ଭାବରେ ମାନବ ବିବାହରେ ସାଜସଜା କରାଯାଏ ଠିକ୍ ସେହିପରି କନ୍ୟାପକ୍ଷ କେଦାରଗୌରୀ ମନ୍ଦିର ହୋଇଥିବାରୁ କେଦାରଗୌରୀ ମନ୍ଦିରକୁ ସଜ୍ଜିତ କରାଯାଉଛି । ଏଥିସହିତ ବିଶେଷ କରି ମନ୍ଦିରର ମୁଖ୍ୟ ଦ୍ୱାରରେ ଥିବା ସିଂହ, ବିବାହ ମଣ୍ଡପ ସମେତ ମନ୍ଦିର ଭିତରେ ଥିବା ଅନ୍ୟ ମନ୍ଦିର ଆଦିକୁ ରଙ୍ଗ କରାଯାଉଛି । ମନ୍ଦିର ଆଗରେ ଟେଣ୍ଟ ବନ୍ଧା ସରିଲାଣି । ଲାଇଟ୍ ମଧ ଲଗାଗଲାଣି । ଚଟାଣ କାମ ମଧ କରାଯାଉଛି ।



ଏଥିସହିତ କେଦାରଗୌରୀ ପୁଷ୍କରିଣୀକୁ ମଧ ବିଏମ୍‌ସି ପକ୍ଷରୁ ତିନି ଦିନ ହେଲା ସଫା କରାଯାଉଛି । ଏହି ସମସ୍ତ କାମରେ ପ୍ରାୟ ୧୦ ରୁ ୨୦ଜଣ କାରିଗର ଲାଗିଛନ୍ତି । ସେହିଭଳି ବିଏମ୍‌ସି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ସ୍ଥାପନ କରାଯାଇଛି । ମାନବ ବିବାହ ଭଳି ଦେବାଦେବୀଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ କରାଯିବ । ପ୍ରଭୁ ଲିଙ୍ଗରାଜ ଯେତେବେଳେ ବରଯାତ୍ରୀ ଆସି ପହଞ୍ଚିବେ ତାଙ୍କୁ ବରଣୀ କରି ନିଆଯିବ ଏବଂ ପୁଅ ଓ ଝିଅଙ୍କର ବାହାଘରରେ ଯାହା ଯାହା ରୀତିନୀତି ହୋଇଥାଏ ଠିକ୍ ପ୍ରଭୁଙ୍କର ନୀତିକାନ୍ତି କରାଯିବ । ମନ୍ଦିର ପକ୍ଷରୁ ଶ୍ରୀଲିଙ୍ଗରାଜଙ୍କୁ କେବଳ ଏହି ଇନ୍ଦ୍ରହାତୀ ଯୌତୁକରେ ଦିଆଯାଏ ବୋଲି କେଦାରଗୌରୀ ମନ୍ଦିରର ସେକ୍ରେଟେରୀ ନରେନ୍ଦ୍ର କୁମାର ମହାପାତ୍ର କହିଛନ୍ତି । ଲିଙ୍ଗରାଜ ମନ୍ଦିରରେ ମଧ ବାହାଘରର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏଥିସହିତ ମନ୍ଦିର ଆଗରେ ଟେଣ୍ଟ ସହିତ ଲାଇଟ୍‌ର ମଧ ବ୍ୟବସ୍ଥା କରାଯାଇଛି । ଶ୍ରୀ ଲିଙ୍ଗରାଜଙ୍କ ବାହାଘରରେ ପ୍ରାୟ ୧୦ ରୁ ୧୫ ହଜାର ଲୋକ ବିବାହ ଭୋଜି ଖାଇବାର ବ୍ୟବସ୍ଥା କରାଯାଇଛି । ଭଜନ ଓ କିର୍ତ୍ତନ ଆଦି କରାଯିବ ବୋଲି ଲିଙ୍ଗରାଜ ମନ୍ଦିରର ସେବାୟତ ମୌସମ୍ ବଡୁ କହିଛନ୍ତି । ସେହିଭଳି ଏକାମ୍ର କ୍ଷେତ୍ରରେ ଥିବା ଅନ୍ୟ ମନ୍ଦିରଗୁଡ଼ିକ ମଧ ରଙ୍ଗୀନ କରାଯିବା ସହ ବିଭିନ୍ନ ସାଜସଜ୍ଜା ଆରମ୍ଭ ହୋଇଛି । ପରିମଳ ଓ ଶୃଙ୍ଖଳିତ ବ୍ୟବସ୍ଥା ନିମନ୍ତେ ମନ୍ଦିର ଆୟୋଜକ ଏବଂ ବିଏମ୍‌ସି, ପୁଲିସ ପ୍ରଶାସନ ପକ୍ଷରୁ ଘନଘନ ବୈଠକ ବସିଛି । ଆସନ୍ତା ୨୯ ତାରିଖରେ ମହାପ୍ରଭୁଙ୍କ ମଙ୍ଗନ ଓ ୩୦ ରେ ଦେବ ବିବାହ । ସେହିଭଳି ଆସନ୍ତା ୩୧ ତାରିଖରେ ପ୍ରଭୁଙ୍କ ଶିତଳଷଷ୍ଠୀ ଅନୁଷ୍ଠିତ ହେବାକୁ ଯାଉଛି । ଦେବ ବିବାହ ପାଇଁ ଏକାମ୍ର କ୍ଷେତ୍ରରେ ଅଧିକାଂଶ ସେବାୟତ ଏବଂ ଅଞ୍ଚଳବାସୀଙ୍କ ଘରେ ଉତ୍ସବ ଲାଗି ରହିଥିବା ବେଳେ ବନ୍ଧୁବାନ୍ଧବ ଏବଂ ସମ୍ପର୍କୀୟ ଭିଡ଼ ଆରମ୍ଭ ହେଲାଣି । ଶୀତଳଷଷ୍ଠୀ ପୂର୍ବରୁ ଏକାମ୍ର କ୍ଷେତ୍ରରେ ଥିବା ବିଭିନ୍ନ ଧର୍ମଶାଳା, ହୋଟେଲ, ଲଜ୍‌ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଲାଣି । ଚଳିତ ବର୍ଷ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରାରେ ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବା ଯୋଜନା ରହିଛି । ଉତ୍ତରପ୍ରଦେଶର ଅଘୋରୀ ନୃତ୍ୟ, ଓଡ଼ିଶାର ଗୋଟିପୁଅ, ଘଣ୍ଟ, ବାରିପଦା ଛଉ, ସମ୍ବଲପୁରୀ, ଦୁଲଦୁଲି, ଗଞ୍ଜାମ ଯୋଡ଼ି ଶଙ୍ଖ, ଢୋଲ ମହୁରି, ବନ୍ୟ ଜନ୍ତୁ ବେଶ, କଣ୍ଢେଇ, ଘୋଡ଼ାନାଚ, ମୟୂରଭଞ୍ଜ ଛଉ, ଢୋଲ ମାଦଳ, ମହିଳା କଳସ ନୃତ୍ୟ, ଦେବାଦେବୀ ବେଶ, ବନାଟି ଆଦି ରାଜ୍ୟର ବିଭିନ୍ନ ଜିଲ୍ଲାର ପାରମ୍ପରିକ ବାଦ୍ୟ ସହ ୪୦ ପ୍ରକାର ନୃତ୍ୟ ପରିବେଷଣ ସହ ସଂଗୀତ ପରିବେଷଣରେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରାଯିବା ବୋଲି ମଙ୍ଗଳବାର କେଦାରଗୌରୀ ନିକଟ ମା ମଣ୍ଡପରେ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଶୀତଳଷଷ୍ଠୀ କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତରାୟଙ୍କ ସମେତ ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, ଉପସଭାପତି ବିଧାୟକ ବାବୁ ସିଂ, ଅନ୍ୟତମ ଉପସଭାପତି ସମୀର ମହାନ୍ତି, ମିଡିଆ କମିଟି ଅଧ୍ୟକ୍ଷ ସାମ୍ବାଦିକ ସନତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଡାକ୍ତରଙ୍କୁ ମାଡ଼; ୨ ଅଟକ, ଜଣେ ଫେରାର

**ଭୁବନେଶ୍ୱର (ପିପିଏସ୍):** ବାଲକାଟି ଫାଣ୍ଡି ପୁରୁଣା ଫାଣ୍ଡି ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଗାଡି ସାଇଡମରାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ ପୁଲିସ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ଅନ୍ୟଜଣେ ଫେରାର୍ ଅଛି । ୩ ଜଣ ଯୁବକ ଜଣେ ଡାକ୍ତରଙ୍କୁ ମାଡମାରି କାର ଭଙ୍ଗାରୁଜା କରିଛନ୍ତି । ଆକ୍ରମଣର ଶିକାର ହୋଇଛନ୍ତି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିଶିତରଞ୍ଜନ ଶତପଥୀ (୩୦) । ନିଶିତଙ୍କ ଶରୀରରେ ଗଭୀର ଆଘାତ ଲାଗିଛି । ଉତ୍ୟକ୍ତ ଲୋକେ ୨ ଜଣ ଗଣ୍ଡଗୋଳକାରୀଙ୍କୁ କାବୁ କରି ବାଲକାଟି ଫାଣ୍ଡି ପୁଲିସ ଜିମି ଦେଇଛନ୍ତି । ନିଶିତଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ରୁଜୁ ହୋଇଛି । ଫେରାର ଅନ୍ୟ ଯୁବକକୁ ପୁଲିସ ଗିରଫ କରିପାରିନି । ସୂଚନା ଅନୁସାରେ ନିଶିତରଞ୍ଜନ ଡ୍ୟୁଟି ସାରି ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ । ବାଲକାଟି ପୁରୁଣାଫାଣ୍ଡି ଛକ ନିକଟରେ ଗୋଟିଏ ବାଇକରେ ଯାଉଥିବା ୩ ଯୁବକ ତାଙ୍କ କାରକୁ ସାଇଡ ମାରିଥିଲେ । ନିଶିତରଞ୍ଜନ ବିରୋଧ କରିବାରୁ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗ୍ଲାସ ଭାଙ୍ଗି ମାଡ ମାରିଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଲୋକେ ୨ ଜଣ ଯୁବକଙ୍କୁ କାବୁ କରିବା ସହ ବାଲକାଟି ଫାଣ୍ଡି ପୁଲିସକୁ ଫୋନ କରି ଜଣାଇଥିଲେ । ଖବର ପାଇ ଫାଣ୍ଡି ପୁଲିସ ପହଞ୍ଚିବା ପୂର୍ବରୁ ଅନ୍ୟ ଜଣେ ଯୁବକ ଖସି ପଳାଇଥିଲା ।

# ଅନ୍ତର୍ଜାତୀୟ ଟ୍ରେଡ ଫେୟାର ବଢୁଛି ଭିଡ଼

**ଭୁବନେଶ୍ୱର (ପିପିଏସ୍):** ଗୁପ୍ତା ଇଭେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜନତାମଇଦାନରେ ଆରମ୍ଭ ହୋଇଛି ୧୧ତମ ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର । ଚଳିତ ମାସ ୨୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଟ୍ରେଡ୍ ଫେୟାରରେ ଦିନକୁ ଦିନ ବଢୁଛି ଗ୍ରାହକଙ୍କ ଭିଡ଼ । ଏଠାରେ ପ୍ରାୟ ୫୦୦ଟି ଷ୍ଟଲରେ ବିଭିନ୍ନ ଡିଜାଇନର ଫର୍ଣ୍ଣିଚର ଠାରୁ ଆରମ୍ଭ କରି ଘରସଜ୍ଜା ସମାଗ୍ରୀ, ଖାଦ୍ୟ, ପୋଷାକ ଆଦି କିଣିବାକୁ ପ୍ରତିଦିନ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି । ଏଠାରେ ବାଂଲାଦେଶୀ ଶାଢ଼ୀ, କୋରିଆର ମହିଳାଙ୍କ ପାଇଁ ବିଭିନ୍ନ ସାମଗ୍ରୀ କିଣିବାକୁ ଲମ୍ବା ଲାଇନ୍ ଲାଗୁଛି । ସେହିପରି ଇରାନ୍ ଖଜୁରୀ ସାଙ୍ଗକୁ ପ୍ରାୟ ୧୦୦ ପ୍ରକାରର ଡ୍ରାଏଫ୍ରୁଟସ୍ ଉପଲବ୍ଧ ରହିଛି । ତା' ସାଙ୍ଗକୁ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଗୁଡ଼ିକ ମଧ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରୁଛି । ବିଭିନ୍ନ ଦେଶ ତଥା ସିଙ୍ଗାପୁର, ଇରାନ୍, ଦୁବାଇରୁ ଆସିଥିବା ପୋଷାକ ସାଙ୍ଗକୁ କସମେଟିକ୍ସ ପ୍ରତି ଯୁବଗୋଷ୍ଠୀଙ୍କ ଡିମାଣ୍ଡ ବଢୁଥିବା ବେଳେ ଆଣ୍ଟିକ୍, ମେଟାଲ, ଷ୍ଟୋନ୍ ଡିଜାଇନ୍ ଅଳଙ୍କାର, ଓ୍ୱାଲ ଫ୍ରେମ୍, ଚମଡ଼ାରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ଖଦୀରୁ ପ୍ରସ୍ତୁତ ପୋଷାକ ଓ ଶାଢ଼ୀ ସାଙ୍ଗକୁ ଷ୍ଟାଚ୍ୟୁ, ପ୍ରସାଧନ ସାମଗ୍ରୀ ମଧ ରହିଛି । ମେଳା ପରିସରରେ ରହିଥିବା ଫୁଡକୋର୍ଟ୍‌ରେ ମଧ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି । ତେବେ ୧୧ଦିନ



ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ସମ୍ବଲପୁର ଆଦିର ପ୍ରସିଦ୍ଧ ଶାଢ଼ୀ ଓ ପୋଷାକ ଷ୍ଟଲରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି । ସେହିପରି ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସମେତ ମାର୍ବଲ ମଧରେ ମେଳା ପରିସରକୁ ୫ଲକ୍ଷ ଗ୍ରାହକଙ୍କ ଆଗମନ ହେବ ବୋଲି ଆୟୋଜନ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି । ଏହି ମେଳା ଆସନ୍ତା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

# 'ଆମ ବସ୍' ଭଡ଼ା କମାଇବା ଦାବିରେ ବିକ୍ଷୋଭ



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ଆମ ବସ୍ ଭଡ଼ା ହ୍ରାସ ସହ ସହରରେ ଆହୁରି ଅଧିକ ସଂଖ୍ୟକ ବସ୍ ଚଳାଇବା ପାଇଁ ଦାବି କରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିଭଳି ସାଧାରଣ ଭାବେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯିବା ପାଇଁ ଜଣ ଜଣକୁ ତିନୋଟି ବସ ବଦଳାଇବାକୁ ପଡୁଛି । ଏହି କ୍ଷେତ୍ରରେ ତାଙ୍କୁ ମାସିକ ଟିକଟ ଥିଲେ ମଧ୍ୟ ତାଙ୍କୁ ଅଧିକ ପଇସା ଦେବାକୁ ପଡୁଛି, ଫଳରେ ସାଧାରଣ ଲୋକଙ୍କୁ ଏନେଇ ସମସ୍ୟା ଭୋଗିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି । ବସ୍ ଭଡା ବୃଦ୍ଧି ବିରୋଧରେ ଏହି ଅନ୍ୟାୟକୁ ବନ୍ଦ କରି ପୂର୍ବରୁ ଥିବା ୭୫୦ଟଙ୍କା ମାସିକିଆ ପାସ୍ ମାଧ୍ୟମରେ ସାରା ମାସ ଉଭୟେ ଏସି ଓ ନନ୍ ଏସି ବସ୍‌ରେ ଅନ୍‌ଲିମିଟେଡ ବସଯାତ୍ରା କରିବାର ସୁଯୋଗ ପ୍ରଦାନ କରିବା ଓ ଭିଡ କମାଇବା ପାଇଁ ଅଧିକ ବସ୍ ଚଳାଇବା ସଂଘର ମୁଖ୍ୟ ଦାବି ରହିଛି । ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ପଟିଆସ୍ଥ ଆମ ବସ୍ ସେବା ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ଆମ ବସ୍ ସେବାର ଜେନେରାଲ ମ୍ୟାନେଜରଙ୍କୁ ପ୍ରଦାନ କରିଛନ୍ତି । ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ସଂଗଠକ ରାଜେନ୍ଦ୍ର ବର୍ମା, ସନ୍ତୋଷ ରଥ, ପ୍ରଭାମଞ୍ଜୁଳା ବ୍ରହ୍ମ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଛନ୍ତି ।

# ପିସିସି ପକ୍ଷରୁ ପଣ୍ଡିତ ନେହରୁଙ୍କ ଶ୍ରାଦ୍ଧବାର୍ଷିକୀ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ନେହେରୁ ପାର୍କରେ ଥିବା ପଣ୍ଡିତ ଜବାହରଲାଲ ନେହରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ଥିବା ପଣ୍ଡିତ ନେହରୁଙ୍କ ପ୍ରତମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏଥିରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ସୁରେଶ କୁମାର ରାଉତରାୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

# 'ଓଁକାର' ଗଲେ ନରୀ ପଣ୍ଡା

**ଭୁବନେଶ୍ୱର (ପିପିଏସ୍):** କଳାକାର କେବେ ମୂଲ୍ୟାୟନ ନ ଥାଏ । ଯେଉଁ ପାର୍ଟି ମୋତେ ସୁଯୋଗ ଦେଇଛନ୍ତି ତାହା ମୋ ପାଇଁ ବଡ଼କଥା । ଦରମା କମ୍ ଥାଉ ଅବା ଅଧିକ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ତା ଠାରୁ ବଡ଼କଥା ହେଉଛି ପୂର୍ବଭଳି ମୁଁ ମୁହଁରେ ପୁଣି ପାଉଡର ମାଖି ପାରିବି ବୋଲି କହିଛନ୍ତି ଯାତ୍ରା ଜଗତର ହାସ୍ୟ ଅଭିନେତା ନରୀ ପଣ୍ଡା । ନୂର୍ବ ଯାତ୍ରା ପାର୍ଟିର ମାଲିକଙ୍କ ସହ ଦୀର୍ଘଦିନ ଧରି ବିବାଦ ଲାଗିରହିଥିବା ବେଳେ ବର୍ତ୍ତମାନ ସେ ଓଁଙ୍କାର ଗଣନାଟ୍ୟରେ ଅଭିନୟ କରିବେ ନରୀ ପଣ୍ଡା । ଯେଉଁ ଘଟଣା ପାଇଁ ତାଙ୍କୁ ଯାତ୍ରା ପାର୍ଟିରୁ ବ୍ୟାନ୍ କରାଯାଇଥିଲା ତାହାର ସତ୍ୟାସତ୍ୟ ଖୁବଶିଘ୍ର ଲୋକଲୋଚନକୁ ଆସିବ ବୋଲି ଅଭିନେତା ନରୀ ପଣ୍ଡା କହିଛନ୍ତି ।

# ସତ୍ୟବାନ ଫେରାର ଘଟଣାରେ ପାଲଟା ଅଭିଯୋଗ ଆଣିଲେ ପୁଅଘର ଲୋକେ

**ଭୁବନେଶ୍ୱର (ପିପିଏସ୍):** ସତ୍ୟବାନ ଫେରାର ଘଟଣାରେ ପାଲଟା ଅଭିଯୋଗ ଆଣିଲେ ପୁଅଘର ଲୋକେ । ପୁଅର ବାପା କହିଛନ୍ତି ଯେ ମୋ ପୁଅର ସବୁ ଲୁଟିନେଲା, ମୋ ପୁଅକୁ ଫସାଇଦେଲା । ଏବେ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛି ଝିଅ । ସୋମବାର ସାବିତ୍ରୀରେ ବିବାହ ଧୋକାର ଅଭିଯୋଗ ଆଣିଥିବା ଯୁବତୀଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି ଯୁବକଙ୍କ ବାପା । କେବଳ ସେତିକି ନୁହେଁ, ଯୁବତୀ ଜଣଙ୍କ ବିବାହିତା । ତାଙ୍କର ୮ ବର୍ଷର ପିଲା ମଧ ଥିବା ଅଭିଯୋଗ କରିଛନ୍ତି ପୁଅର ବାପା । ପୁଅକୁ ବ୍ଲାକମେଲ କରି ଯୁବତୀ ଲକ୍ଷାଧିକ ଟଙ୍କା ନେଇଥିବା ବେଳେ ନଗଦ ଟଙ୍କା ଓ ସୁନା ମଧ ନେଇଯାଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି ପରିବାର ଲୋକ । ଯୁବତୀ ଜଣଙ୍କ ଏୟାରପୋର୍ଟ ଥାନାର ଦ୍ୱାରସ୍ଥ ହେବା ସହ ଯୁବକ ଜଣଙ୍କ ତାଙ୍କୁ ମନ୍ଦିରରେ ବିବାହ କରିଥିବା ନେଇ ଅଭିଯୋଗ କରିଥିଲେ । ଏପରିକି ତାଙ୍କ ଅଜାଣତରେ ଯୁବକ ଜଣକ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିବା ନେଇ ଏତଲାରେ ଦର୍ଶାଇଥିଲେ । ତେବେ ପୁଲିସ ଘଟଣାର ତଦନ୍ତ କରୁଛି । ଗତକାଲି ଯୁବତୀ ଅଭିଯୋଗ କରିଥିଲେ ଯେ, ୨୦୨୩ ଏପ୍ରିଲ ମାସରୁ ଫେସ୍‌ବୁକ୍ ମାଧ୍ୟମରେ ଝରଣାସାହିର ଏନ୍.ବାଲାଜି ରାଓ ପରିଚୟ ହୋଇଥିଲେ । ଉଭୟ କିଛି ଦିନ କଥା ବାର୍ତ୍ତା ହେବା ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ୨୦୨୩ ମେ ୫ ତାରିଖରେ ବାଲାଜିଙ୍କ ସହ ପ୍ରଥମ ଭେଟ ହୋଇଥିଲା । ଯୁବତୀ ଜଣଙ୍କ ଭୁବନେଶ୍ୱର ଆସି ତାଙ୍କ ସହ ଭେଟ କରିବା ପରେ ପୁଣି ଗାଁକୁ ଫେରି ଯାଇଥିଲେ । ଏହାର ୫ ଦିନ ପରେ ଭୁବନେଶ୍ୱରରେ ବସ୍‌ରେ ବସି କନ୍ଧମାଳ ଯାଇଥିବା ବାଲାଜି ରାଓ । ସେଠାରେ ଯୁବତୀ ତାଙ୍କୁ ରହିବା ପାଇଁ ଲଜ୍ ବୁଝି ଦେଇଥିଲେ । ସକାଳୁ ଉଭୟ ପୁଣି ଗାଁ ନିକଟରେ ଥିବା ଏକ ଓ୍ୱାଟରଫଲ୍‌କୁ ବୁଲିବାକୁ ଯାଇଥିଲେ । ଫେରିବା ପରେ ପୁଣି ଏକ ନାରୟଣୀ ମନ୍ଦିରରେ ବିବାହ କରିଥିଲେ । ହେଲେ କେହି ସେଠାରେ ସାକ୍ଷୀ ନ ଥିଲେ । ପରେ ଗତ ୧୨ ତାରିଖରେ ମଧ କୋର୍ଟ ମ୍ୟାରେଜ ପାଇଁ ଆବେଦନ କରିଛନ୍ତି । ଏହା ପରେ ତାଙ୍କୁ ସ୍ତ୍ରୀର ଅଧିକାର ଦେଇ ଭୁବନେଶ୍ୱର ଆଣି ସତ୍ୟନଗରରେ ଘର ଭଡ଼ା ନେଇ ରହୁଥିଲେ । ଚିଲିକା ତାଙ୍କୁ ଘରକୁ ନେବା କଥା କହିବାରୁ ଆସନ୍ତା ଅଗଷ୍ଟ ମାସରେ ନେବେ ବୋଲି କହିଥିଲେ । ହେଲେ ଏହା ପରେ ସେ ଆଉ ଫୋନ୍ ଉଠାଇ ନଥିଲେ କି ତାଙ୍କ ମା' ନମ୍ବର ଦେଇନଥିଲେ । ଯୁବତୀଙ୍କ ସନ୍ଦେହ ହେବାରୁ ସେ ପଚାରିପଚାରି ବାଲାଜି ରାଓଙ୍କ ଘରକୁ ଯାଇଥିଲେ । ସେଠାରେ ଦେଖିବା ପରେ ଘର କାନ୍ଥରେ ବାଜାଲିଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

# କମିସନରେଟ୍ ପୁଲିସ: ମାମଲା ତୁଳନାରେ ନାହାନ୍ତି କର୍ମଚାରୀ, ବଢୁଛି ଚାପ

**ଭୁବନେଶ୍ୱର (ପିପିଏସ୍):** କମିସନରେଟ୍ ପୁଲିସରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି । ମାମଲା ତୁଳନାରେ କର୍ମଚାରୀ ନଥିବାରୁ କାମ ଜନିତ ଚାପ ବଢ଼ିବାରେ ଲାଗିଛି । ସେଥିରେ ପୁଣି ଗଦାଗଦା ଫାଇଲ ସାଙ୍ଗକୁ ଆଇନଶୃଙ୍ଖଳା ଦାୟିତ୍ୱ । ଏଥିପାଇଁ ଅନେକ ମାମଲାର ତଦନ୍ତ ଆଗେଇପାରୁ ନାହିଁ । କେତେକ କ୍ଷେତ୍ରରେ ତଦନ୍ତ ମଧ ଠିକ୍ ଭାବେ ହେଉନାହିଁ । ଯେଉଁଥିପାଇଁ ଅଭିଯୋଗକାରୀ ନ୍ୟାୟ ପାଇପାରୁ ନାହିଁ ଏବଂ ଦୋଷୀ ସହଜରେ ଖସି ଯାଉଛି ।
ପ୍ରକାଶ ଥାଉ କି କମିସନରେଟ୍ ପୁଲିସର ଲୋକଙ୍କସଂଖ୍ୟା ବୃଦ୍ଧି ସାଙ୍ଗକୁ ସ୍ୱଳ୍ପସଂଖ୍ୟକ ପୁଲିସ ମାମଲାକୁ ଗୁରୁତର ଭାବେ ପ୍ରଭାବିତ କରୁଛି । ବିଶେଷ ମାମଲା ଶେଷ କରିବା ପାଇଁ ଦିଆଯାଉଥିବା ଟାର୍ଗେଟ ସେମାନଙ୍କୁ ମାନସିକ ଚାପକୁ ନେଇ ଆସୁଛି । ରାଜଧାନୀର ଅନେକ ପୁଲିସ ଭିଭିଆଇପି ସୁରକ୍ଷାରେ ନିୟୋଜିତ ରହୁଛନ୍ତି । କହିବାକୁ ଗଲେ କମିଶନରେଟ ପୁଲିସ ଦିନକୁ ୧୮ ଘଣ୍ଟାରୁ ଅଧିକ ସମୟ ଧରି କାମ କରୁଛନ୍ତି । ଅନେକ ଥାନା ଅଧିକାରୀ ମଧ ଆଇନ୍ ଶୃଙ୍ଖଳା ଏବଂ ଭିଭିଆଇପିଙ୍କୁ ସୁରକ୍ଷା ଦୃଷ୍ଟିରୁ ଘରକୁ ନଯାଇ ଥାନାରେ ରହି ଯାଉଛନ୍ତି । ଅନେକ ଦିନରେ ଭିଭିଆଇପିଙ୍କ ଗ୍ରସ୍ତ ପରେ ଥାନାରେ ଡିସିଓଙ୍କୁ ଛାଡିଦେଲେ ବାକି ପୁଲିସଙ୍କୁ ଥାନାରେ ଦେଖିବାକୁ ମିଳୁ ନାହିଁ । ଯଦି କେହି ଅଭିଯୋଗ କରିବାକୁ ଥାନାକୁ ଯାଉଛନ୍ତି ତେବେ ଥାନାରେ କହି ନାହିଁ କହି ଫେରାଇ ଦେଉଛନ୍ତି । ଏହିଭଳି ପ୍ରତିଦିନ ପୁଲିସକୁ ଭିଭିଆଇପି ଏବଂ ଲ ଆଣ୍ଡ ଅର୍ଡର କାର୍ଯ୍ୟକ୍ରମ ରହୁଛି । ତା ଭିତରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରହୁଛି । କମିଶନରେଟ୍ ପୁଲିସର ଏଭଳି ଅବସ୍ଥାକୁ ଦେଖି 'ଲ ଆଣ୍ଡ ଅର୍ଡର ଏବଂ ତଦନ୍ତ ପକ୍ରିୟାକୁ ଅଲଗା କରିବା ପାଇଁ ଗୃହ ବିଭାଗକୁ ପରାମର୍ଶ ଦିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ 'ଲ ଆଣ୍ଡ ଅର୍ଡର ଏବଂ ତଦନ୍ତ ପକ୍ରିୟା ଅଲଗା ହୋଇ ପାରିଲା ନାହିଁ । ଯାହାର ପ୍ରଭାବ ପୁଲିସ ତଦନ୍ତ ଉପରେ ପଡୁଛି । କାରଣ ଥାନାକୁ ଆସୁଥିବା ଏକାଧିକ ମାମଲାର ସଠିକ୍ ତଦନ୍ତ ହୋଇପାରୁନି । କୌଣସି ଅଧିକାରୀ ତଦନ୍ତ କରିବାକୁ ଯିବା ସମୟରେ ଭିଭିଆଇପି ଏବଂ ଭିଆଇପି ସୁରକ୍ଷା ପାଇଁ ନିର୍ଦ୍ଦେଶ ଆସୁଛି । ଫଳରେ ସଠିକ୍ ଭାବେ ତଦନ୍ତ ହୋଇ ନ ପାରିବାରୁ ଅଭିଯୁକ୍ତ ଖସିଯିବାରେ ସକ୍ଷମ ହୋଉଛି । ଯଦି ପୁଲିସ କୌଣସି ଅଭିଯୁକ୍ତକୁ ଗିରଫ କରୁଛି ତେବେ ତରବିଆ ଭାବେ ତଦନ୍ତ କରୁଥିବାରୁ କୋର୍ଟରେ ପ୍ରମାଣ ଦାଖଲ କରିପାରୁନି । ଯାହାଫଳରେ ଅଭିଯୁକ୍ତ କୋର୍ଟରୁ ନିର୍ଦ୍ଦେଶରେ ଖଲାଇ ହୋଇଯାଉଛନ୍ତି । ଅନ୍ୟ ରାଜ୍ୟରେ ଏହାକୁ ନଜରରେ ରଖି 'ଲ ଆଣ୍ଡ ଅର୍ଡର' ଏବଂ ତଦନ୍ତକୁ ଅଲଗା କରାଯାଇଛି । ସବୁ ଥାନାରେ ଏଥିପାଇଁ ଅଲଗା ଅଲଗା ପୁଲିସ ଟିମ୍ ରହିଛି । କିନ୍ତୁ ଆଜି ପର୍ଯ୍ୟନ୍ତ କମିଶନରେଟ୍ ପୁଲିସର ହୋଇପାରିନି । ଓଡ଼ିଶା ପୁଲିସରେ ଏବେ ପାଖାପାଖି ୨୦ ପ୍ରତିଶତ ପଦବୀ ଖାଲି ପଡିଛି । ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲା ନୁହେଁ କମିଶନରେଟ୍ ପୁଲିସରେ ମଧ ଏକାଧିକ ପୁଲିସ ପଦବୀ ଫାଙ୍କା ପଡିଛି । ଯେଉଁଥି ପାଇଁ ଲ ଆଣ୍ଡ ଅର୍ଡର ଏବଂ ଭିଭିଆଇ ସୁରକ୍ଷା ପାଇଁ ମାନବ ସମ୍ବଳର ଅଭାବ ଦେଖା ଯାଉଛି । ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି । ବିପିଆରଡି ନିର୍ଦ୍ଦେଶାବଳୀ ଅନୁସାରେ, ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ହାରାହାରି ଭାବେ ୧୪୦ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବା କଥା । ଏହି ଆଧାରରେ ଓଡ଼ିଶାରେ ମଞ୍ଜୁରିପ୍ରାପ୍ତ ପୁଲିସ ପଦବୀ ସଂଖ୍ୟା ୯୮ ରହିଛି । କିନ୍ତୁ ଖାଲି ପଡିଥିବା ପଦବୀକୁ ବିଚାର କଲେ ଆମ ରାଜ୍ୟରେ ଏବେ ମାତ୍ର ୮୩ଜଣ କାର୍ଯ୍ୟ କରୁଛନ୍ତି । ପୁଲିସ କର୍ମଚାରୀ ଆଇନ୍ ଶୃଙ୍ଖଳା, ଭିଭିଆଇପି ଡ୍ୟୁଟି ଆଦିରେ ବ୍ୟସ୍ତ ରହୁଥିବାରୁ ମାମଲାର ତଦନ୍ତ ହୋଇପାରୁନି । ପ୍ରତି ବର୍ଷ ଗୋଟିଏ ଗୋଟିଏ ଥାନାରେ ୭ରୁ ୮ଶହ ମାମଲା ରୁଜୁ କରାଯାଉଛି । କିନ୍ତୁ ମାମଲା ଅନୁସାରେ ତଦନ୍ତ ଶେଷ ହୋଇପାରୁନି । ଯାହାଫଳରେ ବର୍ଷକୁ ବର୍ଷ ମାମଲା ପଡି ରହୁଛି । ଥାନାରେ ମାନବସମ୍ବଳର ଅଭାବ ରହୁଥିବା ହାତ ଗଣତି କର୍ମଚାରୀଙ୍କ ଉପରେ ଏହାର ପ୍ରଭାବ ପଡୁଛି । ଯେଉଁଥି ପାଇଁ ସେମାନେ ଫାଇଲ୍ ଚାଷ କରି କରି ଦିନ ଯାଉଛି ।

## ଆମେରିକାରେ କରୋନାରେ ସପ୍ତାହରେ ୩୫୦ ମୃତ

ୱାସିଂଟନ୍: ଭାରତରେ କରୋନା ଭୂତାଣୁ ମାମଲା ଗମ୍ଭୀର ହୋଇନାହିଁ । ମାତ୍ର ଆମେରିକାରେ କରୋନା ଚିନ୍ତା ବଢାଇଛି । ଆମେରିକାରେ ପ୍ରତ୍ୟେକ ସପ୍ତାହରେ ୩୫୦ ଜଣଙ୍କ ମୃତ୍ୟୁ କୋଭିଡ୍ କାରଣରୁ ହୋଇଛି । ଆମେରିକା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ୩୫୦ ନାଗରିକଙ୍କ ମୃତ୍ୟୁ ଗତ ସପ୍ତାହେ ମଧ୍ୟରେ ହୋଇଛି । ଅଧିକାଂଶଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି । ଆମେରିକାରେ କରୋନା ଭୂତାଣୁର ନୂଆ ସବ୍ ଭାରିଆଣ୍ଟ ଏନବି.୧.୮.୧ ଡରେଇବାକୁ ଲାଗିଲାଣି । ଆମେରିକାରେ ୨୦୨୧ ସମୟରେ ନିୟମିତ ପ୍ରାୟ ୨୬ ହଜାର ମୃତ୍ୟୁ ହୋଇଥିଲା । ଚୀନ ସହ ସିଙ୍ଗାପୁର, ହଂକଂ, ଥାଇଲ୍ୟାଣ୍ଡ ଭଳି ସ୍ଥାନରେ ଏହି ନୂଆ ସବ୍ ଭାରିଆଣ୍ଟ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି ।

ଆମେରିକା ବିମାନବନ୍ଦରରେ ବିଦେଶ ଫେରସ୍ତା ଯାତ୍ରୀଙ୍କ ଯାଞ୍ଚ ରେ ଏହି ସବ୍ ଭାରିଆଣ୍ଟ ମିଳିଥିଲା । ନ୍ୟୁୟର୍କ, କାଲିଫର୍ଣ୍ଣିଆ, ୱାଶିଂଟନ ଆଦି ଅନେକ ସହରରେ ଏହା ଦ୍ରୁତ ଗତିରେ ବ୍ୟାପୁଥିବା ଦେଖାଯାଇଛି । ଜାପାନ୍, ଦକ୍ଷିଣ କୋରିଆ, ଫ୍ରାନ୍ସରେ ମଧ୍ୟ ଏହି ଭାଇରସ୍ ପହଞ୍ଚି ସାରିଛି । ଡାକ୍ତରମାନେ କହିଛନ୍ତି ଯେ ଅନେକ ରୋଗୀ ଆରମ୍ଭରେ ଚିକିତ୍ସାକୁ ଅଣଦେଖା କରି ଥାନ୍ତି । ସଂକ୍ରମଣ ଗୁରୁତର ହେବା ପରେ ହିଁ ହସ୍ପିଟାଲରେ ପହଞ୍ଚନ୍ତି ଏବଂ ପରେ ସେମାନଙ୍କୁ ବଞ୍ଚାଇବା କଷ୍ଟକର ହୋଇଯାଏ। ପୂର୍ବରୁ ପ୍ରଚଳିତ କୋଭିଡ୍ ଟିକାର ହ୍ରାସ ପାଉଥିବା ପ୍ରଭାବକୁ ମଧ୍ୟ ଏହାର କାରଣ ଭାବରେ ବିବେଚନା କରାଯାଉଛି। ସିଡିସି କହିଛି ଯେ ୧୮ ବର୍ଷରୁ ଅଧିକ ବୟସର ୨୩ ପ୍ରତିଶତ ଲୋକଙ୍କୁ ୨୪ ଏପ୍ରିଲ ପର୍ଯ୍ୟନ୍ତ ନୂତନ କୋଭିଡ୍-୧୯ ଟିକା ଦିଆଯାଇଛି।

# ମୋଦୀଙ୍କୁ ଖୋଲା ଚିଠି ଲେଖିଲେ ବାଲୋଚିସ୍ତାନ ନେତା

ଇସଲାମାବାଦ୍ : ବାଲୋଚିସ୍ତାନର ମାନବାଧିକାର କର୍ମୀ ଏବଂ ସାମ୍ବାଦିକ ମୀର ୟାର ବାଲୁଚ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି। ଚିଠିରେ ସେ ପାକିସ୍ତାନକୁ କଡ଼ା ଟାର୍ଗେଟ କରିଛନ୍ତି। ଏହି ଚିଠିରେ ସେ ୧୯୯୮ ମସିହାରେ ପାକିସ୍ତାନ ଦ୍ୱାରା ବାଲୋଚିସ୍ତାନରେ କରାଯାଇଥିବା ପରମାଣୁ ପରୀକ୍ଷଣକୁ ନରସଂହାରର ଆରମ୍ଭ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ପାକିସ୍ତାନର ପରମାଣୁ ଅସ୍ତ୍ର ଜବତ କରିବାକୁ ବିଶ୍ୱକୁ ନିବେଦନ କରିଛନ୍ତି। ସେ ମୋଦିଙ୍କୁ ମଧ୍ୟ ନିବେଦନ କରିଛନ୍ତି, ଭାରତ ସ୍ୱାଧୀନତା ସଂଗ୍ରାମରେ ବାଲୋଚିସ୍ତାନର ଚାଗାଇରେ ପାକିସ୍ତାନ ଦ୍ୱାରା କରାଯାଇଥିବା ପରମାଣୁ ପରୀକ୍ଷଣ ସହିତ ଚିଠି ଆରମ୍ଭ କରିଥିଲେ। ସେ ଲେଖିଛନ୍ତି, ନୱାଜ ସରିଫ ସରକାରଙ୍କ ସହମତିରେ ପାକିସ୍ତାନୀ ସେନା ବାଲୋଚିସ୍ତାନ ଭୂମିକୁ ନଷ୍ଟ କରିଥିଲା। ଏହି ବିସ୍ଫୋରଣ ଯୋଗୁ ଚାଗାଇ ଏବଂ ରାସ କୋହ ପାହାଡ଼ରେ ଏବେ ବି ବିସ୍ଫୋରକର ଗନ୍ଧ ଆସୁଛି। ଏହି ପରୀକ୍ଷଣ ଯୋଗୁ ଅନେକ ଫାର୍ମ ନଷ୍ଟ ହୋଇଛି, ଗାଈଗୋରୁ ମରିଛନ୍ତି, ପିଲାମାନେ ଅକ୍ଷମ ହୋଇ ଜନ୍ମ ହେଉଛନ୍ତି। ଚିଠିରେ ବାଲୋଚିସ୍ତାନ ନେତା ପାକିସ୍ତାନ ସେନା ଏବଂ ଓଏସଓକୁ ଆତଙ୍କବାଦୀ ସଂଗଠନର ସିଧାସଳଖ ଉତ୍ପତ୍ତିକର୍ତ୍ତା ବୋଲି କହିଛନ୍ତି।



ସେ ଦାବି କରିଛନ୍ତି, ଓଏସଓ ପ୍ରତି ମାସରେ ଏକ ନୂତନ ଆତଙ୍କବାଦୀ ସଂଗଠନ ସୃଷ୍ଟି କରେ ଏବଂ ସେମାନଙ୍କୁ ଭାରତ, ଆଫଗାନିସ୍ତାନ, ବାଲୋଚିସ୍ତାନ, ଏପରିକି ଆମେରିକା ଏବଂ ଇସ୍ରାଏଲ ବିରୋଧରେ ବ୍ୟବହାର କରେ। ପାକିସ୍ତାନ ହେଉଛି ଆତଙ୍କବାଦର ଜନନୀ। ଏହାର ମୂଳ ଉପାଡ଼ି ନ ପଡ଼ିବା ପର୍ଯ୍ୟନ୍ତ ଆତଙ୍କବାଦ ଶେଷ ହେବ ନାହିଁ। ବାଲୋଚିସ୍ତାନ ନେତା ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ବାଲୋଚିସ୍ତାନର ସୁନା, ତମ୍ବା, ଗ୍ୟାସ, ତେଲ ଏବଂ ୟୁରାନିୟମ ଲୁଟ କରି ନିଜର ଦୁର୍ବଳ ଅର୍ଥନୀତି ଚଳାଉଛି ଏବଂ ଏହି ଟଙ୍କାରେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଇ ଦେଉଛି। ଚିଠିରେ ଚାଇନା କଥା ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିରେ ସେ କହିଛନ୍ତି, ଚାଇନା ବାଲୋଚିସ୍ତାନରେ ସମୁଦ୍ର ଘାଟି ଏବଂ ଏସିଆର ସର୍ବବୃହତ ବିମାନବନ୍ଦର ନିର୍ମାଣ କରିଛି। ଏହା ସହିତ, ଚାଇନା ପ୍ରତ୍ୟେକ ସ୍ତରରେ ପାକିସ୍ତାନର ସେନାକୁ ସମର୍ଥନ କରୁଛି। ବାଲୋଚିସ୍ତାନ ନେତା ଦାବି କରିଛନ୍ତି, ଯେତେବେଳେ ଭାରତ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା, ବାଲୋଚିସ୍ତାନ ଲୋକମାନେ ଖୋଲାଖୋଲି ଭାବରେ ଭାରତକୁ ସମର୍ଥନ କରିଥିଲେ। ସେ ଚିଠିରେ କହିଛନ୍ତି, ଯଦି ଅପରେଶନ ସିନ୍ଦୂର ଆଉ ଗୋଟିଏ ସପ୍ତାହ ଜାରି ରହିଥାନ୍ତା, ତେବେ ଆଜି ଆମେ ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ଭାରତ ଏବଂ ବିଶ୍ୱ ସହିତ କଥା ହୋଇଥାନ୍ତୁ। ଚିଠିର ଶେଷରେ, ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିବେଦନ କରିଛନ୍ତି, ଭାରତ ବାଲୋଚିସ୍ତାନ ସହିତ ସରକାରୀ ସମ୍ପର୍କ ସ୍ଥାପନ କରିବା ଉଚିତ ଏବଂ ଦିଲ୍ଲୀରେ ବାଲୋଚିସ୍ତାନର ଏକ ଦୂତାବାସ ଖୋଲିବା ଉଚିତ।

## ପୁଣି ହେବ ମକ୍ ଡ୍ରିଲ୍




ନୂଆଦିଲ୍ଲୀ : ଦେଶରେ ପୁଣି ଥରେ ମକ୍ ଡ୍ରିଲ୍ ପାଇଁ ପ୍ରସ୍ତୁତି ଚାଲିଛି । ପାକିସ୍ତାନକୁ ଲାଗିଥିବା ରାଜସ୍ଥାନ, ଗୁଜରାଟ, ପଞ୍ଜାବ ଏବଂ ଜମ୍ମୁ-କାଶ୍ମୀରରେ ଗୁରୁବାର ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ମକଡ୍ରିଲକୁ ନେଇ କଳ୍ପନାଜଳ୍ପନା ବଢିଯାଇଛି। କାରଣ ଚଳିତ ମାସ ୭ ତାରିଖରେ ଦେଶ ବିଭିନ୍ନ ରାଜ୍ୟରେ ମକଡ୍ରିଲ ହୋଇଥିଲା । ସେହିଦିନ ରାତିରେ ହିଁ ଭାରତୀୟ ବାୟୁସେନା ଅପରେସନ୍ ସିନ୍ଦୂର କରିଥିଲା।ଏହା ମାଧ୍ୟମରେ ଭାରତ ପାକିସ୍ତାନ ଅଧିକୃତ କଶ୍ମୀର ଓ ପାକିସ୍ତାନର ବିଭିନ୍ନ ସ୍ଥାନରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରିଦେଇଥିଲା। ଏଣୁ ପୁଣି ଥର କମଡ୍ରିଲ କରାଯାଉଥିବାରୁ କେବଳ ଭାରତର ସାଧାରଣ ଲୋକମାନେ ନୁହନ୍ତି, ପାକିସ୍ତାନର ମଧ୍ୟ ଉତ୍କଣ୍ଠା ବଢିଯାଇଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରାୟ ୩୩୦୦ କିଲୋମିଟର ସୀମା ଅଛି। ଭାରତର ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ ଏବଂ ଗୁଜରାଟ ପାକିସ୍ତାନକୁ ସ୍ପର୍ଶ କରିଥାଏ। ଏସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ହିଁ ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି । ଅପରେସନ ସିନ୍ଦୂର ସମୟରେ ପାକିସ୍ତାନ ପକ୍ଷରୁ ଏସବୁ ରାଜ୍ୟଗୁଡ଼ିକୁ ହିଁ ଟାର୍ଗେଟ୍ କରାଯାଇଥିଲା ଓ ଡ୍ରୋନ ଆକ୍ରମଣ କରାଯାଇଥିଲା । ଏଣୁ ଭବିଷ୍ୟତରେ ସମାନ ପରିସ୍ଥିତି ଉପୁଜିଲେ ତାହାର ମୁକାବିଲା ପାଇଁ ଲୋକମାନଙ୍କୁ ପ୍ରସ୍ତୁତ କରାଯାଉଛି ।

## ରେଲୱେ ଷ୍ଟେସନ୍‌ରେ ଭିଡ଼ିଓ କରିବା ମନା


ନୂଆଦିଲ୍ଲୀ : ପୂର୍ବ ରେଳବାଇ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହାର ଅଧିକାର କ୍ଷେତ୍ର ଅନ୍ତର୍ଗତ ଷ୍ଟେଶନଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ କିମ୍ବା ଭିଡିଓ ନ କରିବାକୁ ଅନୁରୋଧ କରିଛି। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ଜ୍ୟୋତି ମାଲହୋତ୍ରାଙ୍କ ମାମଲାକୁ ଧ୍ୟାନରେ ରଖି ରେଳବାଇ ଏହି ପଦକ୍ଷେପ ନେଇଛି। ପୂର୍ବ ରେଳବାଇ କହିଛି ଯେ ସମ୍ପୃକ୍ତ ଅଧିକାରୀମାନେ ନଜର ରଖିବେ ଏବଂ ନିଶ୍ଚିତ କରିବେ ଯେ କେହି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ ନେଇପାରିବେ ନାହିଁ। ପୂର୍ବ ରେଳବାଇର ଜଣେ ମୁଖପାତ୍ର କହିଛନ୍ତି, 'ଷ୍ଟେଶନ ପରିସର ଏବଂ ପ୍ଲାଟଫର୍ମର ଫଟୋଗ୍ରାଫ କିମ୍ବା ଭିଡିଓ ନେବା ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି। ଏବେ ଆମେ ସାରା ଦେଶରେ ସୃଷ୍ଟି ହେଉଥିବା ପରିସ୍ଥିତି ଏବଂ ସୁରକ୍ଷା ସତର୍କତା ସହିତ ନଜର ରଖିବାକୁ ନିଷ୍ପତ୍ତି ନେଇଛୁ।' ଅଧିକାରୀ କହିଛନ୍ତି ଯେ କିଛି ବ୍ଲଗର କିମ୍ବା ୟୁଟ୍ୟୁବର ରେଳ ଷ୍ଟେଶନଗୁଡ଼ିକର 'ଭିଡିଓ ବ୍ଲଗ' ତିଆରି କରିବାକୁ ଚେଷ୍ଟା କରନ୍ତି, ଯାହା ଖୁବ୍ ଚିନ୍ତାଜନକ। ସେ କହିଛନ୍ତି ଯେ ସମସ୍ତ ବିଭାଗ ଏବଂ ବିଭାଗରେ କଟକଣା ଜାରି ଅଛି, କିନ୍ତୁ କେତେକ ଲୋକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଚାହୁଁନାହାଁନ୍ତି। ସେ କହିଛନ୍ତି, 'ଆମେ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଏବେ ଏପରି କାର୍ଯ୍ୟକଳାପ କରନ୍ତୁ ନାହିଁ। ସୁରକ୍ଷା ସହିତ ଆପତ୍ତି କରାଯାଇପାରିବ ନାହିଁ, ତେଣୁ ଏହି କଟକଣା ଜରୁରୀ ଥିଲା। ମୁଖପାତ୍ର କହିଛନ୍ତି ଯେ ଯଦି ଗଣମାଧ୍ୟମ କିମ୍ବା ନ୍ୟୁଜ ଚ୍ୟାନେଲଗୁଡ଼ିକୁ କୌଣସି କାର୍ଯ୍ୟକ୍ରମ କଭରେଜ କରିବାକୁ ପଡ଼େ, ତେବେ ଏଥିପାଇଁ ସ୍ୱତନ୍ତ୍ର ଅନୁମତି ନିଆଯାଇପାରିବ, କିନ୍ତୁ ସାଧାରଣ ନାଗରିକଙ୍କୁ ଷ୍ଟେଶନ କିମ୍ବା ଏହା ପରିସରର ଫଟୋ ଉଠାଇବା କିମ୍ବା ଭିଡିଓ ତିଆରି କରିବାର ଅନୁମତି ନାହିଁ। ସେ ପୁଣି ଥରେ କହିଛନ୍ତି ଯେ ଏପରି କଟକଣା ପୂର୍ବରୁ ରହିଛି, କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ କଡ଼ାକଡ଼ି ପାଳନ କରିବା ଆବଶ୍ୟକ। ତେଣୁ, ଏହାକୁ ପୁଣି ଥରେ ଦୋହରାଇ ଦିଆଯାଉଛି ଏବଂ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉଛି।"

## ସାଇଲେଣ୍ଟ ହାର୍ଟ ଆଟାକର କାରଣ ହୋଇପାରେ କରୋନା



ନୂଆଦିଲ୍ଲୀ : ଦେଶରେ ପୁଣି ଥରେ କରୋନା ଭାଇରସ ପଜିଟିଭ ମାମଲା ବୃଦ୍ଧି ପାଇବା ଆରମ୍ଭ କରିଛି। କୋଭିଡ ୧୯ର ସକ୍ରିୟ ମାମଲା ୧୦୪୭କୁ ବୃଦ୍ଧି ପାଇଛି। ଏହି ସମୟରେ, କରୋନା ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ସୂଚନା ସାମ୍ନାକୁ ଆସିଛି। ଏକ ଗବେଷଣା ଅନୁଯାୟୀ, କରୋନା ୧୯ର ଡେଲ୍ଟା ଭାରିଆଣ୍ଟ ନୀରବ ହୃଦଘାତ ବା ସାଇଲଣ୍ଟ ହାର୍ଟ ଆଟାକର ବିପଦ ସୃଷ୍ଟି କରିପାରେ। ଏହି ଭାରିଆଣ୍ଟ ଯୋଗୁ ଶରୀରରେ ଅନେକ ପ୍ରକାରର ସମସ୍ୟା ଆସୁଛି। ଦେଶରେ କରୋନାର ଅନେକ ଭାରିଆଣ୍ଟ ଚିହ୍ନଟ ହୋଇଛି। ସୂଚନାଯୋଗ୍ୟ, ଓଏଞ୍ଜ ଇନ୍ଦୋର କୋଭିଡ ଉପରେ ଏକ ଅଧ୍ୟୟନ କରିଛି। ଏହା ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ (ଓଉଗଜ) ସହିତ ମିଳିତ ଭାବରେ କରୋନା ବିଷୟରେ ଅନେକ ପ୍ରକାରର ସୂଚନା ପ୍ରଦାନ କରିଛି। ଅଧ୍ୟୟନରୁ ଜଣାପଡିଛି ଯେ କରୋନାର ଡେଲ୍ଟା ଭାରିଆଣ୍ଟ ନୀରବ ହୃଦଘାତର ବିପଦ ସୃଷ୍ଟି କରିପାରେ। କରୋନାର ବିଭିନ୍ନ ଭାରିଆଣ୍ଟ ଶରୀରକୁ ଅନେକ ଉପାୟରେ ପ୍ରଭାବିତ କରେ। ଡେଲ୍ଟା ଭାରିଆଣ୍ଟ ଶରୀରକୁ କିପରି ପ୍ରଭାବିତ କରେ ଗବେଷଣାରୁ ଜଣାପଡିଛି ଯେ କରୋନା ୧୯ର ନୂତନ ଭାରିଆଣ୍ଟ ଶରୀରକୁ କିପରି ପ୍ରଭାବିତ କରେ। ଏଥିପାଇଁ, ଅତି କମରେ ୩୧୩୪ କୋଭିଡ ପଜିଟିଭ ଲୋକଙ୍କ ତଥ୍ୟ ବ୍ୟବହାର କରାଯାଇଛି। ଏଥିରେ ପ୍ରଥମ ଏବଂ ଦ୍ୱିତୀୟ ତରଙ୍ଗର କରୋନା ପ୍ରଭାବିତ ବ୍ୟକ୍ତି ଅନ୍ତର୍ଭୁକ୍ତ। ଡେଲ୍ଟା ସହିତ, ଆଲଫା, ବିଟା ଏବଂ ଗାମା ଭାରିଆଣ୍ଟକୁ ନେଇ ବି ଗବେଷଣା କରାଯାଇଛି। କୋଭିଡର ଡେଲ୍ଟା ଭାରିଆଣ୍ଟ ଫୁସଫୁସ ସହିତ ଅନ୍ୟାନ୍ୟ ଅଙ୍ଗକୁ ମଧ୍ୟ ପ୍ରଭାବିତ କରେ। ଏହା ନୀରବ ହୃଦଘାତର କାରଣ ମଧ୍ୟ ହୋଇପାରେ। ଡେଲ୍ଟା ଭାରିଆଣ୍ଟ ଜୈବ ରାସାୟନିକ ସନ୍ତୁଳନକୁ ବିଚଳିତ କରେ। ଏହା ସହିତ ଥାଇରଏଡ ହରମୋନ ଉତ୍ପାଦନ ମଧ୍ୟ ପ୍ରଭାବିତ ହୁଏ। ଓଉଗଜର ମହାନିର୍ଦ୍ଦେଶକ ଡକ୍ଟର ରାଜୀବ ବହଲ ସମ୍ପ୍ରତି କୋଭିଡର ନୂତନ ମାମଲା ସମ୍ପର୍କରେ ପ୍ରତିକ୍ରିୟା ଦେଇଥିଲେ। ସେ କହିଥିଲେ ଯେ ଭାରତରେ କୋଭିଡ-୧୯ ସଂକ୍ରମଣ ବୃଦ୍ଧି ପାଉଛି, କିନ୍ତୁ ଏଗୁଡ଼ିକ ଗୁରୁତର ନଥିବାରୁ ଚିନ୍ତା କରିବାର କିଛି ନାହିଁ। ବହଲ ଆଶ୍ୱାସନା ଦେଇଛନ୍ତି ଯେ ସରକାର ସକ୍ରିୟ ଭାବରେ ମାମଲାଗୁଡ଼ିକ ଉପରେ ନଜର ରଖିଛନ୍ତି।

## ଆମେରିକାକୁ ଧମକ ଦେଲା ଋଷ୍




ୱାଶିଂଟନ୍ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଚାଲିଥିବା ରାଜନୈତିକ ବିବାଦ ଏବେ ସାର୍ବଜନୀନ ଧମକ ସ୍ତରରେ ପହଞ୍ଚିଛି। ଏପରି ଦେଖାଯାଉଛି ଯେ ଚୁକ୍ତି ପ୍ରସ୍ତୁତକାରୀ ଟ୍ରମ୍ପ ଏବଂ ପୁଟିନଙ୍କ ମଧ୍ୟରେ ବନ୍ଧୁତା ଭାଙ୍ଗିବାକୁ ଯାଉଛି। ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ସାମ୍ପ୍ରତିକ ବୟାନରୁ ବନ୍ଧୁତାରେ ଫାଟ ସ୍ପଷ୍ଟ ଭାବରେ ଅନୁମାନ କରାଯାଇପାରେ। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏକ କଡ଼ା ବିବୃତ୍ତି ଜାରି କରି ଋଷିଆକୁ ସିଧାସଳଖ ଚେତାବନୀ ଦେଇଛନ୍ତି ଯେ ପୁଟିନ ନିଆଁ ସହିତ ଖେଳୁଛନ୍ତି, ଏବଂ ଫଳାଫଳ ବହୁତ ଖରାପ ହୋଇପାରେ। ଏହି ବିବୃତ୍ତି ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ମଧ୍ୟ ରୁଷ ଉପରେ ଅଧିକ କଠୋର କଟକଣା ଲଗାଇବାକୁ ଘୋଷଣା କରିଛି। ଏଥିରେ ପ୍ରତିରକ୍ଷା ଏବଂ ଶକ୍ତି କ୍ଷେତ୍ରକୁ ଟାର୍ଗେଟ କରାଯାଇଛି। ଋଷିଆ ସୁରକ୍ଷା ପରିଷଦର ଉପ-ସଭାପତି ଏବଂ ପୂର୍ବତନ ରାଷ୍ଟ୍ରପତି ଦିମିତ୍ରୀ ମେଦଭେଦେବ ଟ୍ରମ୍ପଙ୍କ ଧମକର ଜବାବ ବହୁତ କଠୋର ସ୍ୱରରେ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଆମେରିକା ଅନୁଭବ କରେ ଯେ ଏହାଠାରୁ ଖରାପ କିଛି ହୋଇପାରେ, ତେବେ ସେମାନେ ତୃତୀୟ ବିଶ୍ୱଯୁଦ୍ଧ ସମ୍ମୁଖରେ କିଛି ନୂତନ ପରିଭାଷିତ କରିବା ଉଚିତ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ରୁଷ ଆମେରିକାର କୌଣସି ଧମକରେ ପଡ଼ିବ ନାହିଁ। ଯୁଦ୍ଧରେ ପଛକୁ ହଟିବା ମନୋଭାବରେ ମଧ୍ୟ ନାହିଁ। ପ୍ରକୃତରେ, ରୁଷ ଏବଂ ଆମେରିକା ମଧ୍ୟରେ ଏପରି ବୟାନବାଜି କେବଳ ବାକ ଯୁଦ୍ଧ ନୁହେଁ, ବରଂ ବିଶ୍ୱ ରଣନୈତିକ ଉତ୍ତେଜନାର ଏକ ସଙ୍କେତ ମଧ୍ୟ।

ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ରାଷ୍ଟ୍ରପତି ହେବା ପରଠାରୁ ବ୍ୟକ୍ତିଗତ ଭାବରେ ପୁଟିନଙ୍କୁ ଭେଟିବାକୁ ଚେଷ୍ଟା କରୁଥିଲେ। ସେ ମସ୍କୋକୁ ସାକ୍ଷାତ କରିବା ପାଇଁ ପ୍ରସ୍ତାବ ପଠାଇଥିଲେ, କିନ୍ତୁ ପ୍ରତ୍ୟେକ ଥର କୌଣସି ପ୍ରତିକ୍ରିୟା ମିଳିଲା ନାହିଁ କିମ୍ବା ପରିସ୍ଥିତିକୁ ଉଲ୍ଲେଖ କରି ରୁଷ ବୈଠକକୁ ସ୍ଥଗିତ ରଖିଥିଲା। ଟ୍ରମ୍ପଙ୍କ ନିକଟତମ ସୂତ୍ର କହୁଛନ୍ତି ଯେ ଟ୍ରମ୍ପ ଆଶା କରିଥିଲେ ଯେ ପୁଟିନ ତାଙ୍କ ସହିତ ଖୁବ ଶୀଘ୍ର ଚୁକ୍ତି ଟେବୁଲରେ ବସିବେ, କିନ୍ତୁ ରୁଷ ଆଉ ପୂର୍ବ ପରି ଆଚରଣ କରୁନାହିଁ। ଟ୍ରମ୍ପ ନିର୍ବାଚନ ପ୍ରଚାର ସମୟରେ ଅନେକ ଥର କହିଥିଲେ ଯେ ମୁଁ କ୍ଷମତାକୁ ଆସିବା ମାତ୍ରେ, ମୁଁ ୨୪ ଘଣ୍ଟା ମଧ୍ୟରେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବି। କିନ୍ତୁ ବର୍ତ୍ତମାନ ସେ କ୍ଷମତାରେ ଥିବାରୁ, ଚାରି ମାସରୁ ଅଧିକ ସମୟ ବିତିଗଲାଣି ଏବଂ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କ୍ରେମଲିନର ନୀରବତା, ୟୁକ୍ରେନର ଆଭ୍ୟନ୍ତରୀଣ ବାଧ୍ୟବାଧକତା ଏବଂ ୟୁରୋପୀୟ ସଂଘର ଚାପ ଶାନ୍ତି ଆଲୋଚନାର ସମ୍ଭାବନାକୁ ପ୍ରାୟ ସମାପ୍ତ କରିଦେଇଛି। ସେହି ସମୟରେ, ଯଦି ହ୍ୱାଇଟ ହାଉସ ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଟ୍ରମ୍ପ ଶାନ୍ତି ଆଲୋଚନାରୁ ଓହରି ଯିବାକୁ ମଧ୍ୟ ଚିନ୍ତା କରୁଛନ୍ତି। ଏହା ଆମେରିକାର ପ୍ରତିଛବିକୁ ଧକ୍କା ଦେଇପାରେ।


## ଇସ୍ରାଏଲ ଆକ୍ରମଣରେ ହମାସର ଗାଜା ମୁଖ୍ୟ ସିନୱାର ମୃତ

ତେଲ୍ ଅଭିବ : ଗାଜାରେ ହମାସର ମୁଖ୍ୟ କମାଣ୍ଡର ମହମ୍ମଦ ସିନୱାରକୁ ଇସ୍ରାଏଲୀ ସେନା ଏକ ଏୟାରଷ୍ଟ୍ରାଇକରେ ମାରିଦେଇଛି। ଗତ ବର୍ଷ ଇସ୍ରାଏଲ ସେନା ହମାସର ମିଲିଟାରି ମୁଖ୍ୟ ୟାହ୍ୟା ସିନୱାରକୁ ହତ୍ୟା କରିବା ପରେ ତାର ସାନଭାଇ ମହମ୍ମଦ ସିନୱାର ଗଜାରେ ହମାସରୁ ନେତୃତ୍ୱ ନେଉଥିଲା । ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ବୁଧବାର ଘୋଷଣା କରିଛନ୍ତି ଯେ ହମାସର ଗାଜା ମୁଖ୍ୟ ମହମ୍ମଦ ସିନୱାରଙ୍କୁ ଇସ୍ରାଏଲୀ ସେନା ହତ୍ୟା କରିଛି। ମେ ୧୪ ତାରିଖରେ ଇସ୍ରାଏଲ ଦ୍ୱାରା କରାଯାଇଥିବା ଏକ ବଡ଼ ବିମାନ ଆକ୍ରମଣରେ ହମାସ ମୁଖ୍ୟ ଗୁରୁତର ଆହତ ହୋଇଥିବା ରିପୋର୍ଟ ଆସିଥିଲା। ସେତେବେଳେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ମହମ୍ମଦ ସିନୱାରଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି କି ନାହିଁ ତାହା ନିଶ୍ଚିତ କରି ନଥିଲା। କିନ୍ତୁ ବର୍ତ୍ତମାନ ତାଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନିଜେ ମଧ୍ୟ ଏହା ଘୋଷଣା କରିଛନ୍ତି। ମହମ୍ମଦ ସିନୱାର ଏକ ବଙ୍କରରେ ଲୁଚି ରହିଥିଲା ଯାହାକୁ ହମାସ ଏକ କମାଣ୍ଡ ସେଣ୍ଟର ଭାବରେ ବ୍ୟବହାର କରୁଥିଲା। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ମେ ୧୪ ତାରିଖରେ ଏକ ଡ୍ରୋନ୍ ସାହାଯ୍ୟରେ ମହମ୍ମଦ ସିନୱାରର ଆଡ୍ଡା ଉପରେ ଆକ୍ରମଣ କରି ତାହାକୁ ଧ୍ୱଂସ କରିଦେଇଥିଲା। ଆକ୍ରମଣରେ ଗୁରୁତର ଆହତ ହୋଇଥିବା ସିନୱାରକୁ ଖାନ ୟୁନିସରେ ଥିବା ୟୁରୋପୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ମୃତ୍ୟୁବରଣ କରିଥିଲା ।

## ଦୁଇଥର ଅସ୍ତ୍ରବିରତି ପାଇଁ ଭାରତ ସହ ସମ୍ପର୍କ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର ଜରିଆରେ ଆତଙ୍କବାଦୀଙ୍କ ଉପରେ ଶକ୍ତିଶାଳୀ ଆକ୍ରମଣ କରି ପ୍ରତିଶୋଧ ନେଇଥିଲା। ଏହି ଆକ୍ରମଣ ପରେ ପାକିସ୍ତାନ କ୍ରମାଗତ ଭାବେ ଅସ୍ତ୍ରବିରତି ଉଲ୍ଲଘଂନ କରି ଚାଲିଥିଲା। ଏହାର ବି କଡ଼ା ଜବାବ ଦେଇଥିଲା ଭାରତ। ଏହାପରେ ଭାରତ-ପାକିସ୍ତାନ ମଧ୍ୟରେ ଅନିର୍ଦ୍ଦିଷ୍ଟକାଳ ଯାଏ ଅସ୍ତ୍ରବିରତି ଜାରି ରହିବା ନେଇ ସେନା ପକ୍ଷରୁ ସୂଚନା ଦିଆଯାଇଥିଲା। ସମ୍ପ୍ରତି ଅସ୍ତ୍ରବିରତିକୁ ନେଇ ଏକ ନୂଆ ସୂଚନା ସାମ୍ନାକୁ ଆସିଛି। ବିଶେଷ ସୂତ୍ରରୁ ଖବର ମିଳିଛି, ଅସ୍ତ୍ରବିରତି ପାଇଁ ପାକିସ୍ତାନ ଭାରତକୁ ଥରେ ନୁହେଁ ଦୁଇଥର ସମ୍ପର୍କ କରିଥିଲା। ପ୍ରଥମେ ମଇ ୭ ତାରିଖରେ ପାକିସ୍ତାନର ନିର୍ଦ୍ଦେଶକ ଜେନେରାଲ ଅଫ ମିଲିଟ୍ରି ଅପରେସନ୍ସ ପକ୍ଷରୁ ଔପଚାରିକ ଭାବେ ବାର୍ତ୍ତା ସହିତ ଅସ୍ତ୍ରବିରତି ପାଇଁ ଭାରତ ସହ ସମ୍ପର୍କ କରାଯାଇଥିଲା। ଏହାପରେ ପୁଣି ମଇ ୧୦ ତାରିଖ ସନ୍ଧ୍ୟା ୩.୩୫ ମିନିଟରେ ଡିଜିଏମଓସ୍ତରରେ ଆଲୋଚନା ହୋଇଥିଲା। ଏହାପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଯାଇଥିଲେ। କାରଣ ଉଦ୍ଦେଶ୍ୟ ଥିଲା ଯୁଦ୍ଧ ବାତାବରଣକୁ ଶାନ୍ତ କରିବା। ଅପରେସନ ସିନ୍ଦୂର ଆକ୍ରମଣରେ ପାକିସ୍ତାନରେ ପ୍ରାଣ ହରାଇଥିବା ମୃତକଙ୍କ ସଂଖ୍ୟା ୧୬୦ ହୋଇଯାଇଛି। ପାକିସ୍ତାନ ସେନାର ୪୦ଜଣ ସେ ?ନିକଙ୍କ ମୃତ୍ୟୁ ହୋଇଥିବା ବେଳେ ପାକିସ୍ତାନ ମାତ୍ର ୧୧ଜଣ ସେ ?ନିକଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଛି।

## ଜଷ୍ଟିସ୍ ଯଶୱନ୍ତଙ୍କ ବିରୋଧରେ ଆସିପାରେ ମହାଭିଯୋଗ ପ୍ରସ୍ତାବ



ନୂଆଦିଲ୍ଲୀ : ଦୁଇ ମାସ ତଳେ ଦିଲ୍ଲୀ ହାଇକୋର୍ଟର ବିଚାରପତିଙ୍କ ଘରୁ ପୁଳା ପୁଳା ଟଙ୍କା ମିଳିବା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଘରୁ ପ୍ରାୟ ୧୫ କୋଟି ନଗଦ ମିଳିଥିଲା, ଯାହାକି ସେତେବେଳେ କେବଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିନଥିଲା ବରଂ ଦେଶର ନ୍ୟାୟପାଳିକାକୁ ମଧ୍ୟ ସନ୍ଦେହ ଦୃଷ୍ଟିରେ ଦେଖିଥିଲା । ଏବେ ଏହି ଘଟଣାରେ ନରେନ୍ଦ୍ର ମୋଦି ସରକାର ସମ୍ପୃକ୍ତ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି । ଆସନ୍ତା ମୌସୁମୀ ଅଧିବେଶନରେ ଏହି ପ୍ରସ୍ତାବ ଆସିପାରେ । ସୂତ୍ର ମୁତାବକ, ଯଦି ନ୍ୟାୟଧୀଶ ଯଶୱନ୍ତ ବର୍ମା ନିଜ ଆଡୁ ଇସ୍ତଫା ନ ଦିଅନ୍ତି ତାହେଲେ ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ଆଣିବା ନେଇ ବିଚାର କରାଯିବ । ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ୩ ଜଣିଆ କମିଟି ପୂର୍ବରୁ ଜଷ୍ଟିସ୍ ବର୍ମାଙ୍କ ଦିଲ୍ଲୀ ସ୍ଥିତ ସରକାରୀ ବାସଭବନରୁ ଟଙ୍କା ବାହାରିବା ଘଟଣାକୁ ନିଶ୍ଚିତ କରିସାରିଛନ୍ତି । ମାର୍ଚ୍ଚ ୧୪ ହୋଲି ଦିନ ରାତିରେ ବିଚାରପତିଙ୍କ ଘରୁ ଏହି ଟଙ୍କା ବାହାରିଥିଲା । ସେଦିନ ରାତିରେ ହଠାତ୍ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା । ଅଗ୍ନିଶମ ବାହିନୀ ନିଆଁ ଲିଭାଇବାକୁ ଆସି ଗୋଟିଏ ଘରେ ଏତେ ପରିମାଣରେ ଟଙ୍କା ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହା ପରେ ଘଟଣା ସାମ୍ନାକୁ ଆସିଥିଲା । ମେ' ୮ରେ ଦେଶର ତତ୍କାଳୀନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଜଷ୍ଟିସ ବର୍ମାଙ୍କ ବିରୋଧରେ ଦୁର୍ନୀତି ତଦନ୍ତ ପାଇଁ ଗଠିତ ତିନି ଜଣିଆ ଇନ୍-ହାଉସ କମିଟିର ରିପୋର୍ଟକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିଲେ । ମିଡିଆ ରିପୋର୍ଟ ଅନୁସାରେ, ବର୍ତ୍ତମାନ ରାଷ୍ଟ୍ରପତି ପୂର୍ବତନ ସିଜେଆଇଙ୍କ ଏହି ସୁପାରିଶକୁ ରାଜ୍ୟସଭା ଅଧ୍ୟକ୍ଷ ଓ ଲୋକସଭା ବାଚସ୍ପତିଙ୍କ ନିକଟକୁ ପଠାଇଛନ୍ତି। ତେଣୁ ଆସନ୍ତା ମୌସୁମୀ ଅଧିବେଶନରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିବା ନେଇ ସୂତ୍ରରୁ ସୂଚନା ମିଳିଛି । ତେବେ ରାଜ୍ୟସଭାରେ ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବର ବିଚାର ପାଇଁ ଅତିକମରେ ୫୦ ସଦସ୍ୟଙ୍କ ସମର୍ଥନ ଏବଂ ଲୋକସଭାରେ ଅନ୍ୟୁନ୍ୟ ୧୦୦ ଜଣ ସଦସ୍ୟଙ୍କ ସମର୍ଥନ ମିଳିବା ଆବଶ୍ୟକ ।

# ବେଜିଂ ବଜାରରେ ଅଶାନ୍ତିର ମାହୋଲ

ନୂଆଦିଲ୍ଲୀ : ଚୀନ୍ ଯେଉଁ ପରିସ୍ଥିତିକୁ ଡରୁଥିଲା, ଶେଷରେ ସେମିତି କିଛି ଘଟଣା ସାମ୍ନାକୁ ଆସିଛି। ବିଶ୍ୱର ସର୍ବବୃହତ କାର୍ ବଜାରରେ ବର୍ଦ୍ଧିତ ମୂଲ୍ୟ ଯୁଦ୍ଧ ବଡ଼ ଧରଣର ଅସ୍ଥିରତା ସୃଷ୍ଟି କରିଛି। ସୋମବାର ଦିନ ଚୀନ୍‌ର ସର୍ବବୃହତ ବୈଦ୍ୟୁତିକ ଯାନବାହାନ କମ୍ପାନୀ ବିୱାଇଡି ଏକ ବଡ଼ ମୂଲ୍ୟ ହ୍ରାସ ଘୋଷଣା କରିବା ପରେ ଚୀନ୍‌ର ସର୍ବବୃହତ କାର୍ ନିର୍ମାତାଙ୍କ ସେୟାର ଦ୍ରୁତଗତିରେ ହ୍ରାସ ପାଇଛି। ବିୱାଇଡିର ଏହି ପଦକ୍ଷେପ ପରେ, ଅନ୍ୟ କାର୍ କମ୍ପାନୀଗୁଡ଼ିକ ଖୋଲାଖୋଲି ଭାବରେ 'ପ୍ରାଇସ୍‌ୱାର' ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ଏବେ ବିୱାଇଡିର ସବୁଠାରୁ ଶସ୍ତା ମଡେଲ୍ ସିଗଲ୍ ହ୍ୟାଚବ୍ୟାକ୍‌ର ପ୍ରାରମ୍ଭିକ ମୂଲ୍ୟ ପ୍ରାୟ ୧୦,୦୦୦ ଡଲାରରୁ ହ୍ରାସପାଇ ୭,୭୬୫ ଡଲାର ପାଖାପାଖି ପହଞ୍ଚିଛି। ଚୀନ୍ ଶିଳ୍ପ ବିଶେଷଜ୍ଞମାନଙ୍କର ବିଶ୍ୱାସ ରହିଛି ଯେ, ବିୱାଇଡି ଦ୍ୱାରା ମୂଲ୍ୟ ହ୍ରାସ ଅନ୍ୟ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସାବ୍ୟସ୍ତ ହୋଇପାରେ, କାରଣ ଏହି କମ୍ପାନୀଗୁଡ଼ିକ ମୂଲ୍ୟ ହ୍ରାସ ଯୋଗୁଁ ବର୍ଦ୍ଧିତ କ୍ଷତି ସହି ପାରିବେ ନାହିଁ। ବିଶେଷଜ୍ଞମାନେ କହିଛନ୍ତି ଯେ ଚୀନ୍‌ର ଅଟୋ କ୍ଷେତ୍ରର ଅସ୍ଥିରତା ଆଗାମୀ ଏକ ଭୟଙ୍କର ପରିସ୍ଥିତିକୁ ସୂଚିତ କରୁଛି। ଏହି ପ୍ରକାରର ପ୍ରାଇସ୍ ୱାର ନେଟା ଏବଂ ପୋଲଷ୍ଟାର ଭଳି ଷ୍ଟାର୍ଟଅପ୍ ଉପରେ ଚାପ ପକାଇବ, ଯାହା ଦୁର୍ବଳ ହୋଇପାରେ। ଶୁକ୍ରବାର ଦିନ, ଗ୍ରେଟ୍ ୱାଲ୍ ମୋଟର୍ସର ସଭାପତି ୱେଇ ଜିଆନଜୁନ୍ ଏକ ସାକ୍ଷାତକାର ସମୟରେ ଚେତାବନୀ ଦେଇଥିଲେ ଯେ ଚୀନ୍‌ର ଅଟୋ କ୍ଷେତ୍ରର ଅବସ୍ଥା ଖରାପ। ପ୍ରାଇସ୍ ୱାର୍ ଯୋଗୁଁ କମ୍ପାନୀଗୁଡ଼ିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଅଟୋ ଶିଳ୍ପରେ ଉତ୍ତେଜନାର ଆଉ ଏକ କାରଣ ମଧ୍ୟ ରହିଛି। ବର୍ତ୍ତମାନ, ରଏଟର୍ସ ରିପୋର୍ଟ କରିଛି ଯେ ଚୀନ୍ ବାଣିଜ୍ୟ ନିୟାମକ ଶିଳ୍ପରେ ଚାଲିଥିବା ଏକ ଠକେଇର ତଦନ୍ତ କରୁଛନ୍ତି। ପ୍ରକୃତରେ, ଅଟୋ ନିର୍ମାତା ଏବଂ ଡିଲରମାନେ ଲକ୍ଷ୍ୟ ପୂରଣ କରିବା ପାଇଁ ଜାଲିଆତି ଭାବରେ ବିକ୍ରୟ ରେକର୍ଡରେ ନୂଆ କାର ପଞ୍ଜିକରଣ କରୁଛନ୍ତି। ଉଦାହରଣ ସ୍ୱରୂପ, ଅନେକ ଡିଲର ଲକ୍ଷ୍ୟ ପୂରଣ କରିବା ପାଇଁ ପୂର୍ବରୁ ନୂଅ କାର ପଞ୍ଜିକରଣ କରନ୍ତି, ତା'ପରେ ସେହି ବ୍ୟବହୃତ କାରଗୁଡ଼ିକୁ ଗ୍ରାହକମାନଙ୍କୁ ରିହାତି ସହିତ ବିକ୍ରି କରାଯାଏ। ସୋମବାର ଦିନ ହଂକଂ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ବିୱାଇଡି କମ୍ପାନୀ ଲିମିଟେଡର ସେୟାର ୮.୬% ହ୍ରାସରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ କିଲି ଅଟୋ ୯.୫% ହ୍ରାସ ପାଇଥିଲା। ନିୟୋ ଏବଂ ଲିପମୋଟୋର ପରି ଅନ୍ୟାନ୍ୟ କମ୍ପାନୀ ୩% ରୁ ୮.୫% ହ୍ରାସ ପାଇ ବନ୍ଦ ହୋଇଥିଲା। ଗତ ଦଶନ୍ଧିରେ, ଚୀନର କାର ବଜାରରେ ଅନେକ ଷ୍ଟାର୍ଟଅପ୍



କମ୍ପାନୀ ଉଭା ହୋଇଛନ୍ତି, ଯାହା ଦ୍ରୁତ ଗତିରେ ବଢୁଥିବା ଇଲେକ୍ଟ୍ରିକ୍ ଯାନ ସେଗମେଣ୍ଟ ଯୋଗୁଁ ଘଟିଛି। କିନ୍ତୁ ବର୍ତ୍ତମାନ ବଜାରରେ ପ୍ରତିଯୋଗିତା ବୃଦ୍ଧି ଯୋଗୁଁ, ପ୍ରାଇସ୍ ୱାର ପ୍ରାଧାନ୍ୟ ବିସ୍ତାର କରିଛି। ଏହି କାରଣରୁ, ଅଧିକାଂଶ କମ୍ପାନୀ ବିପୁଳ କ୍ଷତିରେ ଅଛନ୍ତି। ଗବେଷଣା ସଂସ୍ଥା ଜାଟୋ ଡାଇନାମିକ୍ସ ଅନୁଯାୟୀ, ଆଜି ଚୀନ୍‌ରେ କାର୍ଯ୍ୟ କରୁଥିବା ୧୬୯ଟି ଅଟୋମେକରଙ୍କ ମଧ୍ୟରୁ ଅଧାରୁ ଅଧିକଙ୍କର ପାଖରେ ୦.୧% ରୁ କମ୍ ବଜାର ଅଂଶ ରହିଛି। ପୂର୍ବରୁ, କମ୍ପାନୀଗୁଡ଼ିକ ଇଉଇଝ ଭଳି ପ୍ରିମିୟମ୍ ଫିଚର୍ଗୁଡ଼ିକ ପାଇଁ ଅଧିକ ଟଙ୍କା ନେଉଥିଲେ, କିନ୍ତୁ ବର୍ତ୍ତମାନ ଏହି ଫିଚର୍ଗୁଡ଼ିକ ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେଉଛି। ଗତ ସପ୍ତାହରେ, ଚୀନ୍‌ର ରାଜ୍ୟ ଯୋଜନାକାରୀ ସତର୍କ କରାଇ ଦେଇଥିଲେ ଯେ କିଛି ଶିଳ୍ପରେ ପ୍ରତିଯୋଗିତା ଅତ୍ୟଧିକ ତୀବ୍ର ହେଉଛି। କିଛି କମ୍ପାନୀ ମୂଲ୍ୟଠାରୁ କମ୍ ମୂଲ୍ୟରେ ସେମାନଙ୍କର କାର ବିକ୍ରି କରୁଛନ୍ତି। ନିରପେକ୍ଷ ପ୍ରତିଯୋଗିତା ଶେଷ ହେବାକୁ ଯାଉଛି। ଚୀନ୍‌ରେ ପ୍ରତିଯୋଗିତା ଏବଂ କ୍ଷତି ଯୋଗୁଁ, କିଛି ବିଦେଶୀ କମ୍ପାନୀ ଚୀନ୍ ବାହାରେ ବିକଳ୍ପ ବଜାର ଖୋଜୁଛନ୍ତି। ଭାରତ ଏକ ବଡ଼ ଏବଂ ଦ୍ରୁତ ଗତିରେ ବଢୁଥିବା ଅଟୋ ବଜାର, ଯେଉଁଠାରେ ଶସ୍ତା ଶ୍ରମ, ସରକାରୀ ସମର୍ଥନ ଏବଂ ସ୍ଥିର ଚାହିଦା ଭଳି ସୁବିଧା ଉପଲବ୍ଧ। ଏପରି ପରିସ୍ଥିତିରେ, କମ୍ପାନୀଗୁଡ଼ିକ ଭାରତରେ ଏକ ନୂଆ ଉତ୍ପାଦନ କେନ୍ଦ୍ର କିମ୍ବା ରପ୍ତାନି ଆଧାର ସ୍ଥାପନ କରିପାରିବେ। ଏହା ବ୍ୟତୀତ, ଯଦି ଚୀନ୍‌ରେ ମୂଲ୍ୟ ଯୁଦ୍ଧ ଯୋଗୁଁ ଉତ୍ପାଦନ ହ୍ରାସ ପାଏ, ତେବେ ଅନ୍ତର୍ଜାତୀୟ ବଜାରରେ ଚୀନ୍ ଯୋଗାଣକାରୀଙ୍କ ଦଖଲ ଦୁର୍ବଳ ହୋଇପାରେ। ଏହା ଯୋଗୁଁ, ଭାରତୀୟ ଅଟୋ ପାର୍ଟସ୍ କମ୍ପାନୀ ଏବଂ ଇଭି କମ୍ପୋନେଣ୍ଟ ନିର୍ମାତାମାନଙ୍କୁ ନୂଆ ବଜାର ମିଳିପାରିବ।

# ସିରୀୟସ ସ୍ୱିସିଆଲିଟି କେମିକାଲର ଜନଶୁଣାଣି

## ଟଙ୍କା ବଣ୍ଟା ଓ ପୁଲିସ ଛାଉଣୀରେ କାର୍ଯ୍ୟକ୍ରମ ଶେଷ

ଯାଜପୁର (ପିପିଏସ): କଳିଙ୍ଗନଗର ଶିଳ୍ପାଞ୍ଚଳର ଯଖପୁରା ଠାରେ ପ୍ରତିଷ୍ଠା ହେବାକୁ ଥିବା ଏସ୍ ଏସ ସି ପି ଏଲ୍‌ର ଜନଶୁଣାଣୀ ବୁଧବାର ଦାନଗଦୀ ଭବନରେ ସଫଳ ହୋଇଛି। ପ୍ରସ୍ତାବିତ ଗ୍ରୀନ ଫିଲ୍ଡ ପ୍ରକଳ୍ପ ୨ ଲକ୍ଷ ଟିପିଏ କ୍ଷମତା ବିଶିଷ୍ଟ କୋଇଲା ଟାର ଡିଷ୍ଟିଲେସନ ୟୁନିଟ୍ ଓ ୧ ଲକ୍ଷ ଟିପିଏ କ୍ଷମତା ବିଶିଷ୍ଟ କାର୍ବନ ବ୍ଲାକ୍ ସହିତ ୧୧ ମେଗାୱାଟ୍ ସହ ଉତ୍ପାଦନ ପାୱାର ପ୍ଲାଣ୍ଟ ପାଇଁ ପରିବେଶ ମଞ୍ଜୁରି ନିମନ୍ତେ ଏଥିପାଇଁ ଜନଶୁଣାଣି ହୋଇଥିଲା।

ଏଥିରେ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସପନ ନନ୍ଦ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପକ୍ଷରୁ ଆଞ୍ଚଳିକ ପରିବେଶ ଯନ୍ତ୍ରୀ ମଦନ ସାହୁ ଯୋଗଦେଇଥିଲେ। ମୋଟ ୭୨ ଜଣ ଜନଶୁଣାଣିରେ ଭାଗ ନେଇ ୭୦ ଜଣ ଶିଳ୍ପ ପ୍ରତିଷ୍ଠା ସପକ୍ଷରେ ଯୁକ୍ତି ରଖିଥିଲେ। ଜଣେ ବିରୋଧ କରିଥିଲେ ଆଉ ଅନ୍ୟ ଜଣେ ପ୍ରଭାବିତ ଅଂଚଳର ହୋଇ ନ ଥିବାରୁ ତାଙ୍କ କଥା କାଟ ଖାଇଥିଲା। ଦାନଗଦି ଭବନରେ କେମିକାଲ କାରଖାନା ଏଜେଣ୍ଟ ସାଜିଥିବା ଦଲାଲ ସକାଳ ୬ ରୁ ବହୁ ବାହାର ଲୋକଙ୍କୁ ଅଣାଯାଇ ସଭାସ୍ଥଳରେ ବସାଯାଇ ଥିଲା ଯାହା ଫଳରେ କି ବହୁ ସ୍ଥାନୀୟ ଲୋକେ



ବସିବାକୁ ଜାଗା ପାଇ ନଥିଲେ। ନିଜର ଦାବିକୁ ଉପସ୍ଥାପନା କରିପାରିନଥିଲେ। ବିରୋଧ କରିବାକୁ ଆସିଥିବା ସ୍ଥାନୀୟ ଯୁବକଙ୍କୁ ପୁଲିସ ଭୟ ଦେଖେଇ ସଭାସ୍ଥଳରୁ ଫେରେଇ ଦିଆ ଯାଇଥିଲା। ଟଙ୍କା ଓ ବାହୁବଳ ସହ ପୁଲିସ ଭୟ ଦେଖେଇ ଜନ ଶୁଣାଣିକୁ ସଫଳ କରିବାକୁ ସମ୍ପୃକ୍ତ କେମିକାଲ କାରଖାନା କାରଖାନା ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳ ବାସୀ ନିନ୍ଦା କରିଛନ୍ତି। ଏପରିକି ଉପସ୍ଥିତ ଥିବା ସାମ୍ବାଦିକ ମାନେ କାରଖାନାର କେତେ ପରିମାଣ ଜାଗା ନେଇଚି ଭୂତଳ ଜଳ କି ନଦୀ ଜଳ କେତେ ନିଯୁକ୍ତି ପାଇବେ ସେ ବିଷୟରେ ବି ସୂଚନା ଦିଆଯାଇନଥିଲା। ଏସ ଏସ ପି ଏଲ ତରଫରୁ କେମିକାଲ ପକ୍ଷରୁ ମହାପ୍ରବନ୍ଧକ ପତଞ୍ଜଳି ପରିମି, ପ୍ରୋଜେକ୍ଟ ମୁଖ୍ୟ ଦ୍ୱୟ ନିହାରରଞ୍ଜନ ପଣ୍ଡା ଓ ଶିବରାମ ପଟ୍ଟନାୟକ ଯୋଗ ଦେଇ ଭବିଷ୍ୟତରେ କମ୍ପାନୀ ସ୍ଥାନୀୟ ଲୋକଙ୍କ ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନ ଓ ଜିଲ୍ଲା ପୁଲିସ ତରଫରୁ ଶାନ୍ତି ଶୃଙ୍ଖଳା ପାଇଁ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ଶିଳ୍ପମନ୍ତ୍ରୀଙ୍କ ପାରାଦୀପ ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା

ପାରାଦୀପ (ପିପିଏସ୍): ଗତକାଲି ଅପରାହ୍ନ ରେ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷୀଣ ଗୃହ, ପାରାଦୀପ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ମାନ୍ୟବର ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ, ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ସହ ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକ ଉଦ୍ୟମ



ରହିଲେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିବ। ଏହି ବୈଠକ ରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଉନ୍ନୟନ ମୂଳକ କର୍ଯ୍ୟର ପ୍ରଗତି ତଥା କାର୍ଯ୍ୟକାରିତା ବିଷୟ ରେ ସମୀକ୍ଷା କରିଥିଲେ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଟାର୍ଗେଟ କେତେ ପୂରଣ ହେଲା ଏବଂ କେତେ ବାକି ରହିଲା ତାର ବିସ୍ତୃତ ବିବରଣୀ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ପଚାରି ବୁଝିଥିଲେ। ଆଗାମୀ ଦିନରେ ଆଉ କଣ କରାଗଲେ ସରକାରଙ୍କ ଯୋଜନା ଆହୁରି ସଠିକ୍ ଭାବେ ଲୋକମାନଙ୍କ ପାଖେ ପହଞ୍ଚି ପାରିବ ତାର ପୁଙ୍ଖାନୁପୁଙ୍ଖ ଆଲୋଚନା ଅଧିକାରୀ ମାନଙ୍କ ସହ କରାଗଲା। ଏହି ବୈଠକରେ ସମସ୍ତ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ନିଜ ନିଜ ବିଭାଗର କାର୍ଯ୍ୟକାରିତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଭବାନୀଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅଧ୍ୟକ୍ଷ ପାରାଦୀପ ପୌର ପରିଷଦ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ, ପାରାଦୀପ ପୌର ପରିଷଦ ଅଭିଷେକ ପଣ୍ଡା, ମଣ୍ଡଳ ଉନ୍ନୟନ ଅଧିକାରୀ, କୁଜଙ୍ଗ, ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର କୁଜଙ୍ଗ ସ୍ୱରୁପ୍ ନନ୍ଦନ ବେହେରା ଏବଂ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଜେଡିକୁ ଶକ୍ତ ଧକ୍କା: ସଦସ୍ୟ ପଦରୁ ଇସ୍ତଫା ଦେଲେ ପୂର୍ବତନ ରାଜ୍ୟ ବିଜେଡି ସଂପାଦକ ଇଂ ପ୍ରୟାସକାନ୍ତି ସାମଲ

ଭଦ୍ରକ, (ପିପିଏସ୍) ରାଜ୍ୟ ବିଜେଡି ସରକାରରେ ମନ୍ତ୍ରୀ ପଦ ପାଇଥିବା ଭଦ୍ରକର ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ଜ୍ୟେଷ୍ଠପୁତ୍ର ତଥା ପୂର୍ବତନ ରାଜ୍ୟ ବିଜେଡି ସଂପାଦକ ଇଂ ପ୍ରୟାସକାନ୍ତି ସାମଲ ଆଜି ତାଙ୍କର ଭଦ୍ରକ ନୂଆବଜାରସ୍ଥିତ ବାସଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ବିଷୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଇଂ ଶ୍ରୀ ସାମଲ ବିଜେଡି ସରକାରରେ ବହୁ ପଦପଦବୀରେ ଥାଇ ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ପଦ ମଧ୍ୟ ମଣ୍ଡନ କରିଥିଲେ। ଏପରିକି ସେ ରାଜ୍ୟ ବିଜେଡିର ସଂପାଦକ ମଧ୍ୟ ମଣ୍ଡନ କରିଥିଲେ। ସେ ଏବେ ଭଦ୍ରକ ବରପଦା ଇଂଜିନିୟରିଂ କଲେଜର ସଭାପତି ଅଛନ୍ତି। ଆଜି ସେ ନିଜର ବ୍ୟକ୍ତିଗତ କାରଣ ଯୋଗୁଁ ଇସ୍ତଫା ଦେବା ପ୍ରସଙ୍ଗକୁ ଉତ୍ଥାପନ କରି ରାଜନୀତିରୁ କିଛିଦିନ ପାଇଁ ସନ୍ୟାସ ନେବା ବିଷୟ କହିଛନ୍ତି। ତେବେ ସେ ଯେଭଳି ଲୋକଙ୍କ ସୁଖଦୁଃଖରେ ପୂର୍ବରୁ ଥିଲେ, ସେହିଭଳି ରହିବେ ବୋଲି କହିଛନ୍ତି। କିନ୍ତୁ କୌଣସି ବ୍ୟାନର ତଳେ ନରହି ସାଧାରଣ ଲୋକଙ୍କ ଭଳି କାର୍ଯ୍ୟ କରିବାର ସିଦ୍ଧାନ୍ତ ନେଇଥିବାରୁ ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ନିଜର ଇସ୍ତଫା ପତ୍ର ପଠାଇଥିବା ବିଷୟ କହିଛନ୍ତି। ଦଳ ସହିତ ତାଙ୍କର କୌଣସି ବାଦ ବିବାଦ ନଥିବାର ସୂଚାଇ ଯେଉଁ ମହାନ୍ ଦଳ ତାଙ୍କୁ ବହୁ ପଦପଦବୀରେ ରଖାଇବା ସହ ବରିଷ୍ଠ ଆଗଧାଡିର ବଡଭାଇମାନେ ତାଙ୍କୁ ସହଯୋଗ କରିଥିବା ବିଷୟ କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଆଶୀର୍ବାଦରେ ୨୦୦୨-୦୩ ରେ ସେ ରାଜ୍ୟ ସଂପାଦକ ପଦ ଓ ପରେ ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ପଦ ମଣ୍ଡନ କରିଥିଲେ। ଏପରିକି ତାଙ୍କର ରାଜନୈତିକ ଜୀବନକୁ ଗଢି



ତୋଳିବାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କର ବ୍ୟକ୍ତିଗତ ସଚିବ ପାଣ୍ଡିଆନ ସାର୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏବଂ ଯେହେତୁ ତାଙ୍କ ପରିବାରର ତିନି ତିନି ଜଣ ରାଜନୈତିକ ଦଳ (ବିଶେଷକରି ବିଜେଡି) ରେ ରହିଛନ୍ତି, ତେଣୁ ମୁଁ ନିକଟ ଅତୀତରେ ଅନ୍ୟ କୌଣସି ଦଳରେ ସାମିଲ ହେବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ଯେଉଁଭଳି ଲୋକଙ୍କ ସହ ସେମାନଙ୍କର କାର୍ଯ୍ୟ କରୁଥିଲି, ସେହିଭଳି ରହିବା ସହ ମୋର ପିତା ଓ କନିଷ୍ଠ ଭ୍ରାତାଙ୍କୁ ପରୋକ୍ଷରେ ସହାୟତା କରିବି ବୋଲି କହିଥିଲେ। ବିଶେଷକରି ତାଙ୍କର ବିଜେଡି ଦଳ ସରକାରରେ ଥିବା ସମୟରେ ସେ ଲୋକଙ୍କୁ ସେବା ଯୋଗାଇବାକୁ ସହଜ ହେଉଥିଲା। କିନ୍ତୁ ଏବେ ଆମ ସରକାର ନଥିବାବେଳେ ଲୋକଙ୍କ ସହ କିଭଳି ମିଶିପାରିବି, ତାହା ମୁଁ ପରୀକ୍ଷା କରିବି। ବରପଦା କଲେଜ ସଂପର୍କରେ ସୂଚନା ଦେବାକୁ ଯାଇ ସେ ବର୍ତ୍ତମାନର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଜିଲାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ କଲେଜଟିକୁ କିଭଳି ସୁରୁଖୁରୁରେ ଚଳାଯାଇପାରିବ, ସେ ଦିଗରେ ସରକାରଙ୍କ ସହମତି ଲୋଡି ସେମାନଙ୍କ ଠାରୁ ଯଥେଷ୍ଟ ସହଯୋଗ ପାଇଥିବା ବିଷୟ ସେ କହିଛନ୍ତି। ଏବଂ ଏହି ଇସ୍ତଫା ଦେବା ପରେ ତାଙ୍କର କାଲିଠାରୁ ସେ ଏକ ନୂଆ ସକାଳ ଦେଖିବେ। ଏବଂ କଲେଜର ଯେଉଁ ପୂର୍ବ ସୁନାମ ଥିଲା, ତାହା ଫେରାଇ ଆଣିବା ସହ ଅଗ୍ରଗତି ଦିଗରେ ସମୟ ଦେଇ କିଭଳି ସରକାରଙ୍କ ଅଧୀନକୁ ଏହା ଯାଇପାରିବ, ସେ ଦିଗରେ କାର୍ଯ୍ୟ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ। ଏବଂ ତାଙ୍କ କଲେଜ ରିଜୋଲ୍ୟୁସନରେ ବିଶ୍ୱବିଦ୍ୟାଳୟ ପାଇଁ ଯେଉଁ ୨୦ ଏକର ଜମି ମଂଜୁର ହୋଇଥିଲା, ସେ ଦିଗରେ ମନ୍ତ୍ରୀଙ୍କୁ ଅନୁରୋଧ କରିବେ ବୋଲି କହିଛନ୍ତି। ଏବଂ ଯେଉଁ ଦଳର ସମର୍ଥନରେ ଭଦ୍ରକ ବରପଦା କଲେଜ ଭଳି ଏକ ପୁରାତନ ଶିକ୍ଷାନୁଷ୍ଠାନରେ ଗୋଟିଏ ପରିବାରର ତାଙ୍କ ପିତା ସଭାପତି ଥାଇ ସେ ସଂପାଦକ ପଦ ଅଳଙ୍କୃତ କରିଥିଲେ, ତାହା ତାଙ୍କ ପାଇଁ ନିଶ୍ଚିତ ଭାବେ ଗର୍ବ ଓ ଗୌରବର ବିଷୟ ହୋଇଥିବାରୁ ଏବେ ଅଧିକ ସମୟ କଲେଜ ସମସ୍ୟାର ସମାଧାନ ଦିଗରେ ଦେବେ ବୋଲି କହିଛନ୍ତି।

## ଜମିବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ, ଗଡ଼ିଲା ମୁଣ୍ଡ

ନୟାଗଡ଼ (ପିପିଏସ୍): ଜମି କିଣା ବିକାକୁ କେନ୍ଦ୍ର କରି ସଦର ଥାନା ଅଧୀନ ଦୁରଦୁରା ଗାଁର ସଂଘର୍ଷ ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ସଦର ଥାନା ଅଧୀନ ଦୁରଦୁରା ଗାଁର ବାବୁ ସ୍ୱାଇଁ (୪୩)। ଆହତ ତିନି ଜଣ ହେଲେ ବାବୁଙ୍କ ଭାଇ ଅମର ସ୍ୱାଇଁ, ଜମି ବିକ୍ରି କରୁଥିବା ଭ୍ରମର ବାଡ଼ତିଆ ଓ ତାଙ୍କ ପୁଅ ମନୋଜ ବାଡ଼ତିଆ। ଏ ସମସ୍ତଙ୍କୁ ଭୁବନେଶ୍ୱର ସ୍ଥିତ ଏମସକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ତିନି ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା ଚଳାଇଛି।

ନୟାଗଡ଼ ଏସଡିପିଓ ଜ୍ୟୋତି ରଂଜନ ସାମନ୍ତରାୟଙ୍କ ସୂଚନା ମୁତାବକ, ମୃତ ବାବୁ ଓ ଗୁରୁତର ଅମର ହେଉଛନ୍ତି ଦୁଇ ଭାଇ। ସେମା ?ନେ ଭୁବନେଶ୍ୱରରେ ରହି ରାଜମିସ୍ତ୍ରୀ କାର୍ଯ୍ୟ କରନ୍ତି। ସେମାନେ ଏକ ଜାଗା କିଣିବା ପାଇଁ ଗୁରୁତର ଆହତ ଭ୍ରମରଙ୍କୁ ୧.୧୦ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ମାତ୍ର ଭ୍ରମରଙ୍କ ଭାଇ ଦୁଃଖିଶ୍ୟାମ ଏହି ଜମିକୁ ବିକ୍ରି ନ କରି ନିଜେ ରଖିବାକୁ ଚାହୁଁଥିଲେ। ଫଳରେ ଦୀର୍ଘ ଦୁଇ ବର୍ଷ ହେଲା ଏହି ଜମି ବିକ୍ରି ହୋଇପାରୁନଥିଲା। ଗତକାଲି ଭ୍ରମର ଜମି ବିକ୍ରି କରିବା ପାଇଁ ଫୋନ୍ ଯୋଗେ ବାବୁଙ୍କୁ ଭୁବନେଶ୍ୱରରୁ ଡକାଇଥିଲେ। ଆଜି ଦୁଇ ଭାଇ ଜାଗା ନିକଟରେ ପହଞ୍ଚି ମାପଚୁପ କରୁଥିବା ବେଳେ ଦୁଃଖିଶ୍ୟାମଙ୍କ ସହ ତାଙ୍କର ଦୁଇ ପୁଅ ରମେଶ ଓ ମାନସ ସେଠାରେ ପହଞ୍ଚିଥିଲେ।

## ନଦୀବନ୍ଧ ଓ ରାସ୍ତା ସଂପ୍ରସାରଣ କାର୍ଯ୍ୟ ପରିଦର୍ଶନ କଲେ ଅଧିକ୍ଷଣ ଯନ୍ତ୍ରୀ

ଗୋପ, (ପିପିଏସ): ବୁଧବାର ପୂର୍ବାହ୍ନରେ ଜଳସଂପଦ ବିଭାଗ ଅକ୍ଷଣ ଯନ୍ତ୍ରୀ ପ୍ରିତମ କୁମାର ପୋଥାଳ ଗୋପ ଜଳସଂପଦ ବିଭାଗ ଅଧୀନରେ ଚାଲିଥିବା ନଦୀବନ୍ଧ ସୁଦୃଢ଼ୀକରଣ ଓ ଗୋପ-କୁଶୁପୁର କେନାଲ ବନ୍ଧ ରାସ୍ତା ସଂପ୍ରସାରଣ କାର୍ଯ୍ୟ ବୁଲି ଦେଖୁଛନ୍ତି। ସୂଚନା ମୁତାବକ, ଗୋପ ଜଳସଂପଦ ବିଭାଗ ଅଧୀନରେ ଥିବା ଷୋଳପୁର ଠାରୁ ମଦରଙ୍ଗ ପର୍ଯ୍ୟନ୍ତ ନଦୀବନ୍ଧ ରହିଥିବାବେଳେ ତିନିମୁହାଣୀ ନିକଟରେ ୧୦୦ ମିଟରରୁ ଉର୍ଦ୍ଧ୍ୱ ନଦୀବନ୍ଧ ବିଭିନ୍ନ ସମୟରେ ଦହୁଥିବା ଯୋଗୁଁ ଏହାର ସ୍ଥାୟୀ ପ୍ରତିକାର ଲାଗି ଦାବି ହୋଇ ଆସୁଥିଲା। ପରେ ଜଳସଂପଦ ବିଭାଗ ପକ୍ଷରୁ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇ ଏହି କାର୍ଯ୍ୟ କରାଯାଇଥିବାବେଳେ ଏବେ ଟପ୍ ୱାଲ କାର୍ଯ୍ୟ ଚାଲିଛି। ମାତ୍ର ଏଥିରେ ବ୍ୟାପକ ଅନିୟମିତତା ଓ ଦୁର୍ନିତୀ ହୋଇଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିବାବେଳେ ଜଳସଂପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଘଟଣାସ୍ଥଳରେ ପଂହଚି କାର୍ଯ୍ୟ ବୁଲି ଦେଖୁଛନ୍ତି।

ସେହିପରି ବିଭିନ୍ନ ସମୟରେ ଗୋପ ବଜାରରେ ଟ୍ରାଫିକ୍ ଜାମ୍ ହେଉଥିବା ଓ ଏହାର ସ୍ଥାୟୀ ସମାଧାନ ଲାଗି ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହେବା ପରେ ଜନସାଧାରଣଙ୍କ ହିତକୁ ଆଖି ଆଗରେ ରଖି ବାଇ ପାସ୍ ରାସ୍ତା ନିର୍ମାଣ ଲାଗି କାର୍ଯ୍ୟ ହାତକୁ ନିଆଯାଇଥିଲା। ଜଳସଂପଦ ବିଭାଗ ପକ୍ଷରୁ ଗୋପ ବାଂଚ କେନାଲର ବାମପାର୍ଶ୍ୱ ନଦୀବନ୍ଧ ସଂପ୍ରସାରଣ କରାଯିବାକୁ ଜଳସଂପଦ ବିଭାଗ ପକ୍ଷରୁ ପାଖାପାଖି ୮ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ତହସିଲ ଛକ ଠାରୁ ଏହି ରାସ୍ତା ବାହାରି କୁଶୁପୁର ନିକଟରେ ପଂହଚିବା ଲାଗି କାର୍ଯ୍ୟ ଜାରି ରହିଥିବାବେଳେ ଏହି ରାସ୍ତା କାର୍ଯ୍ୟକୁ ଅକ୍ଷଣ ଯନ୍ତ୍ରୀ ଶ୍ରୀ ପୋଥାଳ ବୁଲି ଦେଖିବା ସହ ସଠିକ୍ ଭାବେ କାର୍ଯ୍ୟ ହେଉଥିବା ଓ କିଛି ସ୍ଥାନରେ ତ୍ରୁଟି ଥିବା ଦେଖିବାକୁ ପାଇଥିଲେ। ତେବେ ତୁରନ୍ତ ତ୍ରୁଟି ସଂଶୋଧନ କରିବା ସହ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ କରିବାକୁ ଯନ୍ତ୍ରୀ ମହେଶ୍ୱର ବେହେରାଙ୍କୁ ପରାମର୍ଶ ଦେଇଥିଲେ। ତେବେ ଏହି ପରିଦର୍ଶନ ସମୟରେ ଜଳସଂପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜିବ ନାରାୟଣ ସାହୁ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

 କେନ୍ଦ୍ରାପଡା (ପିପିଏସ୍): କେନ୍ଦ୍ରାପଡା ସହର ଉପକଣ୍ଠ ପାଳକଣା ଗ୍ରାମର ବିଶିଷ୍ଟ ସମାଜସେବୀ ତଥା କୋରୋ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବଂଗତ କୃଷ୍ଣଚନ୍ଦ୍ର ସେଠୀ (ପଣ୍ଡିତ)ଙ୍କ ଅବର୍ତ୍ତମାନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ତଥା ସତୀର୍ଥର ମିଳିତ ସୌଜନ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସତୀର୍ଥର ସଭାପତି କବି ଅମର ପ୍ରସାଦ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ରାଜଶ୍ରୀର ସମ୍ପାଦକ ଆଶୁକବି ହେମନ୍ତ ଜେନା ଏବଂ ନୁପୁର ଅନୁଷ୍ଠାନର ସଞ୍ଚାଳକ କବି ଅଶୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ରାଜୀବ ଭବନରେ ଅନୁଷ୍ଠିତ ଉକ୍ତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ମନ୍ମଥନାଥ ବରାଳ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ତଥା ରାଜଶ୍ରୀର ସଭାପତି କାଶୀନାଥ ରାଉତରାୟ, ଶିକ୍ଷାବିତ ରଘୁନାଥ ରାଉତ, କୋରୋ ସେବା ସମବାୟ ସମିତି ସଭାପତି ରଞ୍ଜିତ ପ୍ରସାଦ ଜେନା, କଂଗ୍ରେସ ନେତା ଭାଗିରଥି ଜେନା ଏବଂ ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ପରିଡ଼ା, ହରିପଦ ବେହେରା, ଭରତ ଚନ୍ଦ୍ର ଦାସ ଏବଂ ତଅପୋଇ ମଲ୍ଲିକ ପ୍ରମୁଖ ସ୍ୱର୍ଗତ୍ କୃଷ୍ଣଚନ୍ଦ୍ର ସେଠୀଙ୍କ ଉତ୍ସର୍ଗୀକୃତ ସେବା ଜୀବନର ସଫଳତା ଉପରେ ଆଲୋକପାତ କରି ଶ୍ରଦ୍ଧା ନିବେଦନ କରିଥିଲେ। ଇତ୍ୟବସରରେ ଅମର ପ୍ରସାଦ ରାଉତ ବେଦପାଠ ଓ ବସନ୍ତ କୁମାର ମଲ୍ଲିକ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜୀବନ ତମାମ ଜାତୀୟ କଂଗ୍ରେସ ଦଳର ଶୃଙ୍ଖଳିତ ସଦସ୍ୟ ଭାବେ ନିଷ୍ଠାର ସହିତ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ କୋରୋ ଗ୍ରାମ ପଞ୍ଚାୟତର ଚାରିଥର ୱାର୍ଡ ସଦସ୍ୟ, ଗ୍ରାମ ପଞ୍ଚାୟତର ସରପଞ୍ଚ, କୋରୋ ସେବା ସମବାୟ ସମିତିର କର୍ମଚାରୀ ଏବଂ ଡାଇରେକ୍ଟର ଭାବେ କାର୍ଯ୍ୟ କରିବା ସହିତ ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡ଼ିତ ହୋଇ ସମାଜସେବାରେ ସେ ନିଜକୁ ଉତ୍ସର୍ଗ କରିଥିଲେ ବୋଲି ଶ୍ରଦ୍ଧାଳୁ ମାନେ ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ ପରମାନନ୍ଦ ଥାଟୋଇ, କୃପାସିନ୍ଧୁ ସାହୁ, କୃଷ୍ଣଚନ୍ଦ୍ର ମଲ୍ଲିକ, ଆଡଭୋକେଟ ବିଜୟ କୁମାର ପରିଡ଼ା, ନାଟ୍ୟକାର ରାଜୁ ସାମଲ, ସାମ୍ବାଦିକ ଦେବାଶିଷ ସ୍ୱାଇଁ, ବ୍ୟଙ୍ଗକବି ଅପର୍ତ୍ତି ଚରଣ ସେଠୀ, ସମାଜସେବୀ କୃତିବାସ ଜେନା, ହିରଣ୍ୟ ବେହୁରା, ବାବାଜୀ ଚରଣ ମଲ୍ଲିକ, ଯୁବନେତା ରାଜେଶ ପଣ୍ଡା, ଅକ୍ଷୟ କୁମାର ତରାଇ, ଜଗନ୍ନାଥ ନାୟକ, ମହେଶ୍ୱର ନାୟକ, ରବୀନ୍ଦ୍ରନାଥ ଭଳ, ଶଙ୍କର୍ଷଣ ସାହୁ ଆଦି ସ୍ମୃତି ଚାରଣ କରିଥିଲେ। ସର୍ବଶ୍ରୀ ରବୀନ୍ଦ୍ର ପଣ୍ଡା, ରମାକାନ୍ତ ସାହୁ, ଲକ୍ଷ୍ମୀଧର ବେହେରା, ଦାମୋଦର ମଲ୍ଲିକ, ବିଷ୍ଣୁ ଚରଣ ସେଠୀ, ହରେକୃଷ୍ଣ ଜେନା ଏବଂ ଅକ୍ଷୟ କୁମାର ସେଠୀ ଆଦି ଉତ୍ସବ ପରିଚାଳନା କରିଥିଲେ।



# ନୟାଗଡ ଚେସ୍ ଆସୋସିଏସନର ଭିନ୍ନ ପରିକଳ୍ପନା

ନୟାଗଡ଼,: ସ୍ଥାନୀୟ ଏନଏସି ହାଇସ୍କୁଲ ଠାରେ ଗତ ୧୬ ତାରିଖରୁ ଆରମ୍ଭ ହୋଇ ଦୀର୍ଘ ୧୨ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମ କାଳୀନ ଚେସ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି।ନୟାଗଡ଼ ଜିଲ୍ଲା ଚେସ ଆସୋସିଏସନ ଏବଂ ଅଲ ଓଡ଼ିଶା ଚେସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଅଲ ଓଡ଼ିଶା ଚେସ ଆସୋସିଏସନର ସମ୍ପାଦକ ଇଂ ଦେବବ୍ରତ ଭଟ୍ଟ ଯୋଗଦାନ କରି ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଚେସ ଖେଳ ଶୃଙ୍ଖଳା ଜ୍ଞାନ ଶିଖାଇବା ସହିତ ସମସ୍ୟା ସମାଧାନରେ ସହାୟକ ହୋଇଥାଏ ବୋଲି କହିଥିଲେ। ସେହିପରି ଭଲ ଚେସ ଖେଳୁଥିବା ପିଲାମାନେ ଭଲ ପାଠ ପଢ଼ନ୍ତି ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିବା ସହିତ ନୟାଗଡ଼ ଜିଲ୍ଲାର ସମସ୍ତ ଚେସ କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରତିଶୃତି ପ୍ରଦାନ କରିଥିଲେ।ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଓ କ୍ରୀଡ଼ା ଅଧିକାରୀ ଅନିଲ କୁମାର ଦାଶ ଯୋଗ ଦେଇ ଚଳିତ ଶିକ୍ଷାବର୍ଷରୁ ବିଦ୍ୟାଳୟ ସ୍ତରରେ ଚେସ ଖେଳକୁ ଅଧିକ ଲୋକପ୍ରିୟ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲ୍ଲା ଚେସ ସଂଘ ଉପ ସଭାପତି ବାଲାରସେନ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦଯାପନୀ ସଭାରେ କୋଷାଧ୍ୟକ୍ଷ ତାରୁନ ଖାଁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ସାହୁ ସ୍ୱାଗତ ଭାଷଣ ଏବଂ ଶିବିରର ଆଭିମୁଖ୍ୟ ଏବଂ ଫଳାଫଳ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଚେସ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ରିତେଶ କୁମାର ରଥ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ସଦସ୍ୟ ଧିରେନ ପ୍ରଧାନ,ଅଜିତ କୁମାର ମିଶ୍ର, ଶିଶିର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିକଟରେ ଆସାମର ଗୌହାଟି ଠାରେ ଅନୁଷ୍ଠିତ ସର୍ବଭାରତୀୟ ଆସାମ ପ୍ରିମିୟର ଲିଗରେ ଓଡ଼ିଶା ଦଳ ଚମ୍ପିୟାନ ହୋଉଥିବାରୁ ବିଜୟୀ ଦଳକୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ। ପ୍ରଶିକ୍ଷଣ ଶିବିରକୁ ପ୍ରଶିକ୍ଷକ ଭାବେ ଜୟ ପ୍ରକାଶ ବୈରୀଗଞ୍ଜନ, ବାଲାରସେନ ପାତ୍ର,ଶିଶିର କୁମାର ନାୟକ, ଏବଂ ହାଡୁବନ୍ଧୁ ସାହୁ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର, ମଞ୍ଜିତ ଜେନା ଏବଂ ଚିତ୍ତରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**AFFIDAVIT**

By virtue of an affidavit before The Executive Magistrate, Cuttack, I Khulana Dalei, D/O - Padmalabha Dalei of Sankarpur, PO - Sankarpur, P.S.- Choudwar, Dist - Cuttack declare that my name is Khulana Dalei as per HSC Certificate while my nick name Anjali Rout is mentioned in Aadhar card. That Khulana Dalei and Anjali Rout is one and same person. Henceforth, I shall be known as Khulana Dalei for all purposes.

**Khulana Dalei**

## ଶ୍ରୀଜଗନ୍ନାଥଙ୍କ ୩ରଥ ନିର୍ମାଣ ଶୁଭାରମ୍ଭ

ଚୌଦ୍ୱାର, (ପିପିଏସ୍): ଚଳିତ ବର୍ଷ ହେବାକୁଥିବା ରଥଯାତ୍ରା ପାଇଁ ଚୌଦ୍ୱାର ମଙ୍ଗଳାସାହି ସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଦୀର୍ଘ ବର୍ଷଧରି ଗୋଟିଏ ରଥରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପରିଚାଳନା କମିଟି ତରଫରୁ ଚଳିତ ବର୍ଷ ୩ଟି ରଥ ନିର୍ମାଣ କରାଯାଉଛି ଯାହାକି ଚୌଦ୍ୱାର ସହରରେ ପ୍ରଥମ। ବୁଧବାର ସକାଳୁ ମହାପ୍ରଭୁଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ରଥ ନିର୍ମାଣରେ ନିୟୋଜିତ ବିଶ୍ୱକର୍ମା ମାନଙ୍କୁ ମନ୍ଦିର ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯିବା ସହିତ ପୂଜାର୍ଚ୍ଚନା କରାଯାଇ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କମିଟିର ସଭାପତି ହୃଷିକେଶ ସାହୁ, ବିମଳ କୁମାର ବେଉରା, ହରିହର ସାହୁ, ଦିଲ୍ଲିପ କୁମାର ସାହୁ, ଅକ୍ଷୟ କୁମାର ସାହୁ,ବୈକୁଣ୍ଠ ମହାରଣା, ପୂଜକ ଶତୃଘ୍ନ ମିଶ୍ର, ମହନ୍ତ ହରେକୃଷ୍ଣ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

GOVT. OF ODISHA
DEPARTMENT OF PANCHAYATI RAJ & DRINKING WATER OFFICE OF THE PANCHAYAT SAMITI, KANTAPADA, CUTTACK
Phone No.7008045394
Email ID- ori-kantapara@nic.in
'E'-PROCUREMENT NOTICE NO:-2232, DATED-23.05.2025

| | | |
|---|---|---|
| 1. | Name of work & Tender Cost (Rs. In Rupees) | Construction of GPLF Office Building-cum-Market Complex, Govindpur GP |
| | | Tender Cost-Rs. 22,49,232/- |
| | | 2. Construction of GPLF Office Building-cum-Market Complex, Postal GP |
| | | Tender Cost- Rs. 22,49,232/- |
| | | 3. Construction of Conference Hall & Compound Wall at Kantapada Block |
| | | Tender Cost-Rs. 31,65,438/- |
| 3 | Class of contractor | B & C |
| 4 | Period of completion | 6 months |
| 5 | Date and time of availability of bid documents in the portal | 29.05.2025 AT 10:00 A.M |
| 6 | Last date/Time for receipt of bids in the portal | 13.06.2025 Up to 05:00 P.M |
| 7 | Date and time of opening of bid | 16.06.2025 AT 12 Noon. |
| 8 | Name and address of the Officer Inviting Bid | Block Development Officer, KANTAPADA, O/o the Panchayat Samiti, KANTAPADA, Cuttack. |

Further details can be seen from the Govt. web site www.tendersodisha.gov.in.

Sd:/-Block Development Officer, KANTAPADA

i-126 OIPR- 19292/11/0002/2526

### ଜିଲ୍ଲା ସ୍ୱାସ୍ଥ୍ୟ ଅବସ୍ଥା ବିପର୍ଯ୍ୟସ୍ତ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନବ ଅଧିକାର ସୁରକ୍ଷା ମଞ୍ଚର ୮ଦଫା ଦାବି

ବ୍ରହ୍ମପୁର(ପିପିଏସ୍): ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗଞ୍ଜାମ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସଜାଡ଼ିବା ଦାବି ନେଇ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶାର ଯେକୌଣସି ଅଞ୍ଚଳରେ ଦୁର୍ଘଟଣାର ୪୮ଘଣ୍ଟା ପର୍ଯ୍ୟନ୍ତ ଚିକିତ୍ସା ପାଇଁ କଟକ ଓ ଭୁବନେଶ୍ୱରର କିଛି ଘରୋଇ ହସ୍ପିଟାଲରେ ଚିକିତ୍ସା ଖର୍ଚ୍ଚ ମାଗଣା ହେବା ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି କିନ୍ତୁ କଟକ, ଭୁବନେଶ୍ୱର ଗଞ୍ଜାମ ଜିଲ୍ଲା ଠାରୁ ୨୦୦କି.ମିରୁ ଅଧିକ। ସେଠାକୁ ପହଞ୍ଚିବାକୁ ହେଲେ ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିପାରେ ଓ ରାସ୍ତାରେ ଲୋକଟିର ଜୀବନ ମଧ୍ୟ ଚାଲିଯାଇପାରେ। ଏଣୁ ଦକ୍ଷିଣ ଓଡିଶାବାସୀଙ୍କ ନିର୍ଭରଯୋଗ୍ୟ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ ଓ ଜିଲ୍ଲା ମୁଖ୍ୟ ସିଟି ହସ୍ପିଟାଲରେ ଅତି ଉନ୍ନତ ଚିକିତ୍ସା ବ୍ୟବସ୍ଥା କରାଯାଉ, ଏମ୍‌କେସିଜି ମେଡିକାଲରେ ଥିବା ଟ୍ରମା କେୟାର ବିଭାଗକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ସହ ସିଟି ହସ୍ପିଟାଲରେ ନୂତନ ଭାବେ ଟ୍ରମା କେୟାର ବିଭାଗ ଖୋଲାଯାଉ। ବର୍ତ୍ତମାନ ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁର ଠାରେ କୌଣସି ଘରୋଇ ହସ୍ପିଟାଲରେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ବ୍ୟବସ୍ଥା କରାଯାଉ। ଯାହାଫଳରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଏଠି ଚିକିତ୍ସା ପାଇପାରିବେ ଦ୍ୱିତୀୟରେ ଲୋକଙ୍କୁ ଉଚିତ ଦରରେ ଔଷଧ ଯୋଗାଣ ନିମନ୍ତେ ଉଦ୍ଦିଷ୍ଟ କେନ୍ଦ୍ର ସରକାର ଅଧିନସ୍ତ ବିଭିନ୍ନ ଜେନେରିକ ଔଷଧ ଯଥା ଗ୍ୟାଷ୍ଟ୍ରିକ, ଥଣ୍ଡା ଔଷଧ ଭଳି ଅନେକ ଔଷଧ ନିର୍ଦ୍ଧାରିତ ଦରରୁ ଶହ ଶହ ଟଙ୍କା ଉଚ୍ଚ ଦରରେ ବଜାରରେ ବିକ୍ରି କରି ଖାଉଟିଙ୍କୁ ଲଗାମହୀନ ଭାବେ ଲୁଟାଯାଉଛି। ଏହି ଔଷଧ କଳା ବଜାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ କମିଶନ କାରବାରରେ ଲିପ୍ତ ରହି ଘରୋଇ ରୋଗ ନିଦାନ କେନ୍ଦ୍ରରେ ପରୀକ୍ଷା କରିବାକୁ ବାଧ କରୁଥିବା ଅସାଧୁ ଡାକ୍ତରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଗଞ୍ଜାମ ଜିଲ୍ଲାର ଏକ ମାତ୍ର ବ୍ରହ୍ମପୁର ସିଟି ହସ୍ପିଟାଲରେ ଭିନ୍ନକ୍ଷମ ପ୍ରମାଣ ପତ୍ର ଦିଆଯିବା ନିୟମ ରହିଥିଲେ ବି ଦୀର୍ଘ ୬ମାସ ଉର୍ଦ୍ଧ୍ୱରୁ ହିତାଧିକାରୀଙ୍କୁ ପ୍ରମାଣ ପତ୍ର ଦିଆଯାଇନାହିଁ। ଯାହାଫଳରେ ପ୍ରମାଣ ପତ୍ର ନପାଇ ହିତାଧିକାରୀ ବିଭିନ୍ନ ସୁବିଧାରୁ ବଞ୍ଚିତ ହେବା ସହ ହସ୍ପିଟାଲକୁ ବାରମ୍ବାର ଧାଇଁ ନା ନା ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି। ଏଣୁ ଭିନ୍ନକ୍ଷମଙ୍କ ପ୍ରତି ନିର୍ଯ୍ୟାତନା ବନ୍ଦ କରି ତୁରନ୍ତ ପ୍ରମାଣ ପତ୍ର ପ୍ରଦାନ, ସିଟି ହସ୍ପିଟାଲର ଫିଜିଓଥେରାପି ବିଭାଗଟି ଅଘୋଷିତ ଭାବେ ଅଧିକାଂଶ ଦିନ ବନ୍ଦ ରଖି ଏଠାରେ ନିୟୋଜିତ କର୍ମଚାରୀ ନିଜର ଘରୋଇ ଫିଜିଓଥେରାପି କେନ୍ଦ୍ରକୁ ରୋଗୀ ଚାଲାଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଅଲଟ୍ରାସାଉଣ୍ଡ ଓ ଅନ୍ୟ କିଛି ଜରୁରୀ ପରୀକ୍ଷା ସୀମିତ ସଂଖ୍ୟାର ହେଉଥିବାରୁ କିଛି ସିକ୍ୟୁରିଟି ଗାର୍ଡ ଓ କର୍ମଚାରୀ ମାନେ ଟଙ୍କା କାରବାର କରି ନିଜ ଲୋକଙ୍କୁ ସୁଯୋଗ ଦେଉଛନ୍ତି। ଯାହାଫଳରେ ସକାଳୁ ଆସି ଧାଡିରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଶେଷରେ ଦୂର ଦୁରାନ୍ତରୁ ଆସିଥିବା ରୋଗୀ ନିରାଶ ହୋଇ ଫେରୁଛନ୍ତି ବା ଘରୋଇ କେନ୍ଦ୍ର ଗୁଡିକୁ ଯାଇ ହଜାର ହଜାର ଟଙ୍କା ଦେଇ ଶୋଷଣର ଶିକାର ହେଉଛନ୍ତି। ଏଣୁ ଅଲଟ୍ରାସାଉଣ୍ଡ ସଂଖ୍ୟା ବୃଦ୍ଧି ସହ ଲାଞ୍ଚ କାରବାର କରି ରୋଗୀଙ୍କୁ ହଇରାଣ କରିବା ବନ୍ଦ, ସିଟି ହସ୍ପିଟାଲ ସମେତ ଜିଲ୍ଲାର ସମସ୍ତ ହସ୍ପିଟାଲରେ ବିଭିନ୍ନ ପରୀକ୍ଷା ଓ ଡାକ୍ତର ପରାମର୍ଶ ନିମନ୍ତେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା ଦିଆଯିବା, ଦୀର୍ଘ ମାସରୁ ଫିଲ୍ମ ନାହିଁ କହି ବନ୍ଦ ପଡ଼ିଥିବା ଦାନ୍ତର ଏକ୍ସ-ରେ ତୁରନ୍ତ ନିୟମିତଭାବେ କରାଯିବା ଆଦି ପ୍ରମୁଖ ଦାବି ନେଇ ସିଡିଏମ୍‌ଓ ଡ଼ା.ଭବାନୀ ଶଙ୍କର ମିଶ୍ରଙ୍କ ସହ କର୍ମକର୍ତ୍ତା ମାନେ ଆଲୋଚନା କରିଥିଲେ। ଆବାହକ ଆଇନଜୀବି ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକଙ୍କ ସମେତ ସମାଜସେବୀ ମନୋଜ କୁମାର ତରାଇ, ଦୁର୍ଯ୍ୟୋଧନ ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ଆର.ସତ୍ୟ ନାରାୟଣ ରାଓ, ସୁରେନ୍ଦ୍ର ନାଥ ପଣ୍ଡା, ଏସ୍.ଶାମ୍ବାଶିବା ରାଓ, ହୃଷିକେଶ ପାତ୍ର, ଏମ୍.ଏସ୍. ମଲ୍ଲିକ, ସାଧୁଚରଣ ବେହେରା, ଜୟକୃଷ୍ଣ ନାୟକ, ମହମ୍ମଦ ଆସଲାମ, ମହେଶ୍ୱର ବାଡ଼ତ୍ୟା, ଅଶୋକ ଦଳାଇ, ଆଦିତ୍ୟ ନାରାୟଣ ରଥ, ବିରେନ କୁମାର ବେହେରା, ପି.ନାଗେଶ୍ୱର ରାଓ, ବିଜୟ କୁମାର ପାଢ଼ୀ ଆଦି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

Government of India
Ministry of Social Justice and Empowerment
Department of Empowerment of Persons with Disabilities (Divyangjan)
5th Floor, Pt. Deendayal Antoyadaya Bhawan, CGO Complex, Lodhi Raod, New Delhi

INVITING ONLINE APPLICATIONS FOR NATIONAL AWARDS FOR EMPOWERMENT OF PERSONS WITH DISABILITIES FOR THE YEAR-2025

The Rashtriya Purashkar Portal for receiving applications/ nominations for National Awards for Empowerment of Persons with Disabilities, for the year 2025 are now open w.e.f. 15th May 2025 to 15th July, 2025 The details are as under:

(i) Applications/ Nominations may be filed on Rashtriya Puraskar Portal (www.awards gov in).

(ii) All Applications/Nominations for the National Awards for the year 2025 received upto 15th July, 2025 will be considered.

(iii) Application for the year 2025 is to be submitted online on the Rashtriya Puraskar Portal (www.awards.gov.in) only The nomination should contain all relevant details specified in the Tormat available on the above portal including clearly bringing out the notable and inspiring achievements in narrative form. The supporting documents relating to the achievements should niso be uploaded on the portal,

**(iv) Application in physical form or any other form will not be accepted.**

(v) For eligibility critena and other details, Guidelines for National Awards for Empowerment of Persons with Disabilities available on website of the Department (www.depwd gov in) as well as on the Rashtriya Puraskar Portal (www.awards.gov.in jmay be referred to.

cbc 38117/11/0001/2526




# ଆଇପିଏଲ୍ ମହାସମର

# ଆର୍‌ସିବି ମଧ୍ୟରେ କ୍ୱାଲିଫାୟାର ମ୍ୟାଚ୍ ରଦ୍ଦ



## କିଏ ଖେଳିବ ଫାଇନାଲ ?

ନୂଆଦିଲ୍ଲୀ : ଆଇପିଏଲ୍ ୨୦୨୫ରେ ଲିଗ୍ ପର୍ଯ୍ୟାୟ ମ୍ୟାଚ ସମାପ୍ତ ହୋଇଛି। ଏବେ ମେ' ୨୯ରୁ ପ୍ଲେଅଫ୍ ମ୍ୟାଚ୍ ଆରମ୍ଭ ହେବ। କ୍ୱାଲିଫାୟର -୧ ମ୍ୟାଚ ମୋହାଲିର ମୁଲାନପୁର କ୍ରିକେଟ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯିବ। ଏହି ହାଇ-ଭୋଲଟେଜ ମ୍ୟାଚ୍ ପାଇଁ କ୍ରିକେଟ ପ୍ରଶଂସକଙ୍କ ଉତ୍ସାହିତ ଅଛନ୍ତି। ଏସବୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ଏହି ମ୍ୟାଚ ବାତିଲ ହୁଏ, ତେବେ କେଉଁ ଦଳ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ, ବିସିସିଆଇ ପ୍ଲେ ଅଫ ପାଇଁ ସ୍ୱତନ୍ତ୍ର ନିୟମ ପ୍ରସ୍ତୁତ କରିଛି।

ଆଇପିଏଲ୍‌ର କ୍ୱାଲିଫାୟର -୧ ହେଉଛି ପ୍ଲେଅଫ୍‌ର ପ୍ରଥମ ବଡ଼ ପର୍ଯ୍ୟାୟ, ଯେଉଁଥିରେ ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ -୨ ଦଳ ପରସ୍ପରକୁ ମୁହାଁମୁହିଁ ହୁଅନ୍ତି। ଏହି ମ୍ୟାଚର ବିଜୟୀ ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରେ, ଯେତେବେଳେ ପରାଜିତ ଦଳ କ୍ୱାଲିଫାୟର -୨ ରେ ଆଉ ଏକ ସୁଯୋଗ ପାଏ। ଜଉଇ ଏବଂ ପଞ୍ଜାବ କିଙ୍ଗସ ଉଭୟ ଶକ୍ତିଶାଳୀ ଦଳ, ଏବଂ ଏହି ସିଜନରେ ସେମାନଙ୍କର ପ୍ରଦର୍ଶନ ପ୍ରଶଂସକଙ୍କ ହୃଦୟ ଜିତିଛି। ଜଉଇ ଏହାର ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ସନ୍ତୁଳିତ ବୋଲିଂ ପାଇଁ ଜଣାଶୁଣା, ଯେତେବେଳେ ପଞ୍ଜାବ କିଙ୍ଗ୍ସର ଶକ୍ତି ସେମାନଙ୍କର ବିସ୍ଫୋରକ ବ୍ୟାଟିଂ ଏବଂ ଅଭିଜ୍ଞ ବୋଲରମାନଙ୍କ ମଧ୍ୟରେ ନଜର ଆସିଛି।

କିନ୍ତୁ ଆଇପିଏଲ୍ ଭଳି ଏକ ବଡ଼ ଟୁର୍ଣ୍ଣାମେଣ୍ଟରେ, ପାଗର ଅନିଶ୍ଚିତତା ସର୍ବଦା ଏକ ଚ୍ୟାଲେଞ୍ଜ ହୋଇଆସିଛି। ସେହି ସମୟରେ, କ୍ୱାଲିଫାୟର-୧ ମ୍ୟାଚ ପାଇଁ କୌଣସି ରିଜର୍ଭ ଡେ' ରଖାଯାଇନାହିଁ। ଯଦି ବର୍ଷା, ଖରାପ ପାଗ କିମ୍ବା ଅନ୍ୟ କୌଣସି କାରଣରୁ ଏହି ମ୍ୟାଚ୍ ବାତିଲ ହୁଏ, ତେବେ ଗୋଟିଏ ଦଳ ସିଧାସଳଖ ଫାଇନାଲରେ ପହଞ୍ଚିବ। ଏହି ପରିସ୍ଥିତିରେ, ଲିଗ ପର୍ଯ୍ୟାୟର ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ଦଳକୁ ସୁବିଧା ମିଳିବ ଏବଂ ଫାଇନାଲକୁ ଟିକେଟ ମିଳିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ, ଲିଗ ପର୍ଯ୍ୟାୟରେ ପଞ୍ଜାବ ପ୍ରଥମ ସ୍ଥାନରେ ରହିଛି ଏବଂ ଆରସିବି ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ଅର୍ଥ ହେଉଛି ଯଦି କ୍ୱାଲିଫାୟର-୧ ବାତିଲ ହୁଏ, ତେବେ ପଞ୍ଜାବ ଫାଇନାଲରେ ପହଞ୍ଚିବ ଏବଂ ଆରସିବିକୁ କ୍ୱାଲିଫାୟର-୨ ଖେଳିବାକୁ ପଡିବ।

ଆଇପିଏଲ୍ ୨୦୨୫ ର ଲିଗ ପର୍ଯ୍ୟାୟରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ପଞ୍ଜାବ କିଙ୍ଗ୍ସର ପ୍ରଦର୍ଶନ ଅନ୍ୟ ଦଳ ତୁଳନାରେ ବହୁତ ଭଲ ଥିଲା। ପଞ୍ଜାବ କିଙ୍ଗ୍ସ ୧୪ଟି ମ୍ୟାଚ୍‌ରୁ ୯ଟିରେ ବିଜୟୀ ହୋଇଥିଲା ଏବଂ କେବଳ ୪ଟି ମ୍ୟାଚ୍ ହାରିଥିଲା। ସେହିଭଳି ଗୋଟିଏ ମ୍ୟାଚ୍ ଅନିର୍ଣ୍ଣାୟକ ଥିଲା। ଅପରପକ୍ଷେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ ଲିଗ ପର୍ଯ୍ୟାୟରେ ୯ଟି ମ୍ୟାଚ ଜିତିଥିଲା ଏବଂ କେବଳ ୪ଟି ମ୍ୟାଚ ହାରିଥିଲା। କିନ୍ତୁ ନେଟ ରନ ରେଟ ଯୋଗୁ ଏହା ପଞ୍ଜାବଠାରୁ ପଛରେ ପଡ଼ିଯାଇଥିଲା।

# ଏସୀୟ ଦୌଡ଼କୁଦ: ଗୁଲବୀରଙ୍କୁ ସ୍ୱର୍ଣ୍ଣ, ସର୍ବିନଙ୍କୁ କାଂସ୍ୟ




ଗୁମି (ଦକ୍ଷିଣ କୋରିଆ): ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୭ତମ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରୁ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଗୁଲବୀର ସିଂହ। ଦ୍ୱିତୀୟ ପଦକଟି କାଂସ୍ୟ ରୂପରେ ମିଳିଛି ସର୍ବିନ ସେବାଷ୍ଟିଏନ୍‌ଙ୍କ ଜରିଆରେ। ପୁରୁଷ ବର୍ଗର ୧୦,୦୦୦ ମିଟର୍ ଦୌଡ଼ରେ ୨୬ ବର୍ଷୀୟ ଗୁଲବୀର ୨୮ ମିନିଟ୍ ୩୮.୬୩ ସେକେଣ୍ଡ୍ ସମୟ ନେଇ ଶୀର୍ଷରେ ରହିଥିଲେ। ଏହା ତାଙ୍କ ପ୍ରଥମ ଏସୀୟ ଦୌଡ଼କୁଦ ପଦକ। ୨୦୨୩ ହଙ୍ଗ୍‌ଜୁ ଏସୀୟ କ୍ରୀଡ଼ାରେ କାଂସ୍ୟ ଜିତିଥିବା ଗୁଲବୀର ସ୍ୱର୍ଣ୍ଣ ଜିତିବା ପରେ ଉଲ୍ଲସିତ ହୋଇପଡ଼ିଥିଲେ। 'ସମୟ ନିର୍ବିଶେଷରେ ମୋର ଅସଲ ଲକ୍ଷ୍ୟ ଥିଲା ପ୍ରଥମରେ ରହିବା। ଦେ?ଡ଼ ପାଇଁ ନିର୍ଦ୍ଧାରିତ କୌଶଳକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିପାରିଥିବାରୁ ମୁଁ ବହୁତ ଖୁସି' ବୋଲି ଗୁଲବୀର୍ ପ୍ରକାଶ କରିଛନ୍ତି। ଏହା ମୋ ବିଶ୍ୱ ମାନ୍ୟତାକୁ ଆଗକୁ ନେବ ଏବଂ ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଟୋକିଓ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଟିକେଟ୍ ସମ୍ଭାବନାକୁ ଉଜ୍ଜ୍ୱଳ କରିବ' ବୋଲି ଗୁଲବୀର୍ ଆଶା ପ୍ରକଟ କରିଛନ୍ତି। ଉତ୍ତରପ୍ରଦେଶର ଆଲିଗଡ଼ ଜିଲ୍ଲା ସୀର୍ସାରେ ଏକ କୃଷକ ପରିବାରରେ ଜନ୍ମିତ ଗୁଲବୀର ଚଳିତ ବର୍ଷ ପ୍ରାରମ୍ଭରେ ୨୭.୦୦.୨୨ ଟାଇମିଂ ସହ ଜାତୀୟ ରେକର୍ଡ କରିଥିଲେ।

**ମହିଳା ରିଲେରେ ଭାଗନେବେ ଶ୍ରାବଣୀ**

ଅନ୍ୟପକ୍ଷରେ ଭାରତ ପାଇଁ ଦ୍ୱିତୀୟ ପଦକଟି ମିଳିଛି ୨୦ କିଲୋମିଟର ଚାଲିରୁ। ୧ ଘଣ୍ଟା ୨୧ ମିନିଟ୍ ୧୩.୬୦ ସେକେଣ୍ଡ୍ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଅନୁ ରାଣୀ ଆଶାଜନକ ପ୍ରଦର୍ଶନ କରିନପାରି ୫୮.୩୦ ମିଟର ଜାଭିଲିନ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ରହିଥିଲେ। ପୂର୍ବରୁ ଅନୁରାଣୀ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ଜିତିବା ସହ ଏବେ ଜାତୀୟ ରେକର୍ଡଧାରିଣୀ ଅଛନ୍ତି। ୨୦୨୧ରେ ସେ ୬୪.୨୩ ମିଟର ଫିଙ୍ଗି ଏହି ରେକର୍ଡ କରିଥିଲେ। କିନ୍ତୁ ତୃତୀୟ ଏସୀୟ ପଦକ ଜିତିବାରେ ବିଫଳ ହୋଇଥିଲେ।

# ସିଙ୍ଗାପୁର ଓପନ୍ ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ



ସିଙ୍ଗାପୁର: ଯୁଗଳ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପିଭି ସିନ୍ଧୁ ଏବଂ ଏଚ୍‌ଏସ୍ ପ୍ରଣୟ ସିଙ୍ଗାପୁର ଓପନ୍ ସୁପର-୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ସିନ୍ଧୁ ନିଜ ପ୍ରଥମ ମୁକାବିଲାରେ କାନାଡାର ୱେନ୍ ୟୁ ଝାଙ୍ଗଙ୍କୁ ମାତ୍ର ୩୧ ମିନିଟ୍ ସମୟ ନେଇ ୨୧-୧୪, ୨୧-୯ରେ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡ୍‌ରେ କିନ୍ତୁ ତାଙ୍କ ପାଇଁ କଠିନ ପରୀକ୍ଷା ଅପେକ୍ଷା କରି ରହିଛି। କାରଣ ଏହି ରାଉଣ୍ଡ୍‌ରେ ସେ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ସଂପ୍ରତି ବିଶ୍ୱ ମାନ୍ୟତାର ପଞ୍ଚମ ସ୍ଥାନରେ ଥିବା ଚିନରେ ଚେନ୍ ୟୁ ଫେଇଙ୍କୁ ଭେଟିବେ।

ଅନ୍ୟପକ୍ଷରେ ବିଶ୍ୱମାନ୍ୟତାର ୩୪ତମ ସ୍ଥାନରେ ଥିବା ପ୍ରଣୟଙ୍କୁ ନିଜ ମ୍ୟାଚ୍ ଜିତିବା ଲାଗି ବଡ଼ ସଂଘର୍ଷ କରିବାକୁ ପଡ଼ିଥିଲା। ତେବେ ସେ ନିଜଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଡେନମାର୍କର ରାସମସ୍ ଗେମ୍‌କେଙ୍କୁ ୧୯-୨୧, ୨୧-୧୬, ୨୧-୧୪ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡ୍‌କୁ ଯାଇଥିଲେ। ଅନ୍ୟଭାରତୀୟଙ୍କ ମଧ୍ୟରେ ମାଳବିକା ବନ୍‌ସୋଦ, ଅନମୋଲ ଖରାବ, ପ୍ରିୟାଂଶୁ ରାଜାୱତ ଓ କିରଣ ଜର୍ଜ ନିଜନିଜ ମ୍ୟାଚ୍ ହାରି ନୈରାଶ୍ୟଜନକ ଭାବେ ପ୍ରଥମ ରାଉଣ୍ଡ୍‌ରୁ ବିଦାୟ ନେଇଥିଲେ।

# ଟି-୨୦ ବିଶ୍ୱକପ୍‌ରେ ଦଳକୁ ଫେରିବାକୁ ଲୋକେଶ ରାହୁଲଙ୍କ ଲକ୍ଷ୍ୟ




ନୂଆଦିଲ୍ଲୀ, (ପିପିଏସ୍): ୨୦୨୬ରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳକୁ ଫେରିବାକୁ ସିନିୟର ବ୍ୟାଟର ଲୋକେଶ ରାହୁଲ ଲକ୍ଷ୍ୟ ରଖିଛନ୍ତି। ଏହି ଫର୍ମାଟରୁ ଦୂରେଇ ରହିବା ଯୋଗୁ ତାଙ୍କୁ ହ୍ୱାଇଟ-ବଲ ଗେମ୍ ଉପରେ କାମ କରିବାକୁ ସମୟ ମିଳିଥିଲା ବୋଲି ସେ ପ୍ରକାଶ କରିଛନ୍ତି।

ରାହୁଲ ୩ ବର୍ଷ ତଳେ ଭାରତ ପାଇଁ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ଅନ୍ତିମ ଥର ଇଂଲଣ୍ଡ ବିପକ୍ଷ ୨୦୨୨ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ଖେଳିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଆସନ୍ତା ବର୍ଷ ଶ୍ରୀଲଙ୍କା ସହିତ ମିଳିତ ଭାବେ ଟି୨୦ ବିଶ୍ୱକପ୍ ଆୟୋଜନ କରିବ। ରାହୁଲ ଚଳିତବର୍ଷ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୧୩ ମ୍ୟାଚ୍‌ରେ ୧୪୯.୭୨ ଷ୍ଟ୍ରାଇକରେଟ୍‌ରେ ୫୩୯ ରନ କରିଥିଲେ। ଗତ ୬ ସିଜନରେ ପଞ୍ଚମ ଥର ପାଇଁ ରାହୁଲ ୫୦୦ରୁ ଅଧିକ ରନ କରିଥିଲେ।

ଭାରତୀୟ ଟି୨୦ ଦଳକୁ ଫେରିବାକୁ ଚାହୁଁଛି। ମୋ ମନରେ ଟି୨୦ ବିଶ୍ୱକପ୍ ଅଛି। କିନ୍ତୁ ବର୍ତ୍ତମାନ ମୁଁ ଯେଉଁଭଳି ଖେଳୁଛି, ତାହାର ଆନନ୍ଦ ନେବାକୁ ଚାହୁଁଛି। ଅବଶ୍ୟ ମୋତେ ମୋ ହ୍ୱାଇଟ-ବଲ ଗେମ୍ ଉପରେ ଚିନ୍ତା ଓ କାମ କରିବାକୁ କିଛି ସମୟ ମିଳିଥିଲା। ମୁଁ ମୋ ପ୍ରଦର୍ଶନରେ ଏବଂ ବର୍ତ୍ତମାନ ମୁଁ ଯେଉଁଠି ଅଛି, ସେଥିରେ ଖୁସି ଅଛି।

# ପାଣିରେ ପଡ଼ିଲା ଦିଲ୍ଲୀ କ୍ୟାପିଟାଲ୍ସର ୧୦ କୋଟି




ନୂଆଦିଲ୍ଲୀ: ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ, ଦିଲ୍ଲୀ କ୍ୟାପିଟାଲ୍ସ ସିଜିନ ୧୮ରେ ଏକ ଭଲ ଆରମ୍ଭ କରିଥିଲା। ଦଳ ପ୍ରଥମ ଚାରୋଟି ମ୍ୟାଚ୍ ଲଗାତାର ଜିତିଥିଲା, ଯାହା ପରେ ଲାଗୁଥିଲା ଯେ ଦିଲ୍ଲୀ ପ୍ଲେଅଫରେ ସ୍ଥାନ ପାଇବାରେ ପ୍ରଥମ ଦଳ ହୋଇପାରିବ। କିନ୍ତୁ ଏହା ପରେ ଦଳ ପଏଣ୍ଟ ଟେବୁଲରେ ଉପରରୁ ତଳକୁ ଖସି ଚାଲିଥିଲା, ତା'ପରେ ଆଇପିଏଲ ସ୍ଥଗିତ ହେବା ପରେ, ମିଚେଲ ଷ୍ଟାର୍କଙ୍କ ସ୍ୱଦେଶ ଫେରିବା ଦିଲ୍ଲୀ ପାଇଁ ଏକ ବଡ଼ ଝଟକା ସାଜିଥିଲା। ତେବେ ଶନିବାର ଦିଲ୍ଲୀ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ସିଜିନର ଶେଷ ମ୍ୟାଚ୍ ୬ ୱିକେଟରେ ଜିତିଛି।

ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ ୨୦୨୫ ପାଇଁ ଦ୍ରୁତ ବୋଲର ଟି ନଟରାଜନଙ୍କୁ ୧୦ କୋଟି ୭୫ ଲକ୍ଷ ଟଙ୍କାରେ କିଣିଥିଲା, ଦଳ ନିଶ୍ଚିତ ଭାବରେ ଏତେ ବିପୁଳ ପରିମାଣରେ ଖର୍ଚ୍ଚ କରିଥିଲା କାରଣ ସେମାନେ ନଟରାଜନଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ବୋଲର ବୋଲି ଆଶା କରୁଥିଲେ । ଜଣେ ବୋଲର ଟି-୨୦ରେ ସର୍ବାଧିକ ୪ ଓଭର ବୋଲିଂ କରିପାରିବେ କିନ୍ତୁ ଦିଲ୍ଲୀ ଯେଉଁ ବୋଲରଙ୍କୁ ଏତେ ବିପୁଳ ପରିମାଣରେ କିଣିଥିଲା ସେ ସମଗ୍ର ସିଜିନରେ ୪ ଓଭର ମଧ୍ୟ ବୋଲିଂ କରି ନଥିଲେ।


ଦିଲ୍ଲୀ କ୍ୟାପିଟାଲ୍ସ ଟି-୨୦ ନଟରାଜନଙ୍କ ସହିତ ମିଚେଲ ଷ୍ଟାର୍କଙ୍କୁ ମଧ କିଣିଥିଲା, ପ୍ରଶଂସକମାନେ ଭାବିଥିଲେ ଯେ ସେମାନେ ଦୁହେଁ ଦଳର ମୁଖ୍ୟ ଦ୍ରୁତ ବୋଲର ହେବେ। ଷ୍ଟାର୍କ ମଧ ଚମତ୍କାର ବୋଲିଂ କରିଥିଲେ, କିନ୍ତୁ ଆଇପିଏଲ ସ୍ଥଗିତ ରହିବା ଯୋଗୁଁ ତାଙ୍କୁ ଘରକୁ ଫେରିବାକୁ ପଡିଲା ଏବଂ ସେ ଆଉ ଫେରି ନଥିଲେ। ନଟରାଜନଙ୍କ ବିଷୟରେ କହିବାକୁ ଗଲେ, ସେ ସମଗ୍ର ସିଜିନରେ କେବଳ ୩ ଓଭର ବୋଲିଂ କରିଥିଲେ। ସେ କେବଳ ୨ଟି ମ୍ୟାଚ୍ ଖେଳିଥିଲେ ଏବଂ ୩ ଓଭର ବୋଲିଂ କରିଥିଲେ। ୧୮ ମଇରେ ଖେଳାଯାଇଥିବା ମ୍ୟାଚ୍‌ରେ ଟି ନଟରାଜନ୍ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୩ ଓଭର ବୋଲିଂ କରିଥିଲେ, ଯେଉଁଥିରେ ସେ ୧୬ରୁ ଅଧିକ ଇକୋନୋମିରେ ୪୯ ରନ୍ ଦେଇଥିଲେ। ସେ ବହୁତ ମହଙ୍ଗା ପ୍ରମାଣିତ ହୋଇଥିଲେ, ଦିଲ୍ଲୀ କ୍ୟାପିଟାଲ୍ସ ଏହି ମ୍ୟାଚ୍‌କୁ ୧୦ ୱିକେଟ୍‌ରେ ହାରିଥିଲା। ସାଇ ସୁଦର୍ଶନ ଅପରାଜିତ ୧୦୮ ରନ ଏବଂ ଶୁଭମନ ଗିଲ ଅପରାଜିତ ୯୩ ରନ କରିଥିଲେ।

ଉଲ୍ଲେଖ ଥାଉ କି ଦିଲ୍ଲୀ କ୍ୟାପିଟାଲ୍ସ ୧୪ଟି ମ୍ୟାଚ୍‌ରୁ ୭ଟିରେ ଜିତିଛି ଏବଂ ୬ଟି ମ୍ୟାଚ୍ ହାରିଛି, ଗୋଟିଏ ମ୍ୟାଚ୍ ଫଳାଫଳ ଆସିପାରି ନ ଥିଲା। ୧୫ ପଏଣ୍ଟ ସହିତ, ଦିଲ୍ଲୀ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ତା'ର ଯାତ୍ରା ଶେଷ କରିଛି।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୫ ମଇ - ୩୧ ମଇ ୨୦୨୫ ସିନ୍ଧୁନଦୀ ଜଳ ସନ୍ଧି ରଦ୍ଦ





ହାତରେ ମାରିବ, ଭାତରେ ବି ମାରିବ ଭାରତ। କଲବଲ ହୋଇ, ଛଟଛଟ ହୋଇ ଜୀବନ ଜିଇଁବେ ପାକିସ୍ତାନବାସୀ। ଉପରେ ପାକିସ୍ତାନ ନାଁ ଦେଇ ଆତଙ୍କୀସ୍ତାନ ଭାବେ ଦେଶ ଛିଡ଼ା କରିଥିବା ଏ ପଡ଼ୋଶୀକୁ ଖୁବ୍‌ଶୀଘ୍ର ଭାରତ ଚଖାଇବ ପାନେ। ଉଭୟ ଭାରତ ଓ ପାକିସ୍ତାନ ଦେଇ ବହୁଥିବା ୬ଟି ନଦୀର ଜଳ ଭାଗବଣ୍ଟା ପାଇଁ ୧୯୬୦ରେ ସିନ୍ଧୁ ଜଳଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

**ଜାତୀୟ:** ଏବେ ବାଂଲାଦେଶୀ
**ଅନ୍ତର୍ଜାତୀୟ:** ପାକିସ୍ତାନ କ'ଣ ବିଶ୍ୱସ୍ତ ?
**ବିଶେଷ ପ୍ରସଙ୍ଗ:** ସିନ୍ଦୂର ଅଭିଯାନ
**ନାରୀ:** ବାରମ୍ବାର କେଶରେ ମେହେନ୍ଦି ବ୍ୟବହାର କରୁଛନ୍ତି କି ?
**କ୍ଷୁଦ୍ରଗଳ୍ପ:** ମନୁଭାଇଙ୍କ ବାପା
**ଚଳଚ୍ଚିତ୍ର:** ଧନୀ ଶାହରୁଖ୍, ଚଳଚ୍ଚିତ୍ର: ହସ୍ପିଟାଲ୍ ବେଡ୍‌ରେ ଗାଇଲେ ଗୀତ
**ଖେଳ:** ନୀରଜଙ୍କ ପ୍ରମୋଶନ୍, ଚମକିଲେ ଓଡ଼ିଆ ଝିଅ।
**ମୀନାବଜାର:** ପକ୍ଷୀ ଶିକାରା, ଚର୍ଚ୍ଚାରେ: ୨୭ ଜଣରେ ଦେଶ, ବ୍ୟଙ୍ଗ: ତାଳିସେବା, ପର୍ଯ୍ୟଟନ: ମା' ବାଳକୁମାରୀ, ଧର୍ମ: ପେଚା କେମିତି ହେଲା ମାତା ଲକ୍ଷ୍ମୀଙ୍କ ବାହନ ?, କବିତା: ଦିବ୍ୟପୁଷ୍ପ, ଜାଣନ୍ତି କି ? : ଶିବକନ୍ୟା ନର୍ମଦା, ସ୍ୱାସ୍ଥ୍ୟ: ଓଜନ କମାଇବାକୁ ଆପଣାନ୍ତୁ ଏହି ଟିପ୍ସ, ବାସ୍ତୁ: ଘରେ ଲଗାନ୍ତୁ ଏହି ଦିବ୍ୟ ଗଛ, ସତନ୍ତ୍ର ପ୍ରସଙ୍ଗ: କେବେ ସରିବ ଦାସତ୍ୱର ଅନ୍ତ ?, ଆଞ୍ଚଳିକ: ରାଜ୍ୟରେ ଆସିବ ନୂଆ ଇଭି ନୀତି ଏହା ବ୍ୟତୀତ ଆହୁରି ଅନେକ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଅରେଞ୍ଜ କ୍ୟାପ୍ ରେସ୍‌ରେ କୋହଲି







ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ର ଶେଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଆରସିବି ଲକ୍ଷ୍ନୌକୁ ପରାସ୍ତ କରି ପଏଣ୍ଟ ଟେବୁଲରେ ସେମାନଙ୍କର ଦ୍ୱିତୀୟ ସ୍ଥାନ ନିଶ୍ଚିତ କରିଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲି ଏବଂ ଆରସିବି ଅନେକ ରେକର୍ଡ କରିଥିଲେ। ବିରାଟ ଆରସିବି ପାଇଁ ୯ ହଜାର ରନ୍ ମଧ ପୂରଣ କରିଥିଲେ, ସେ ଗୋଟିଏ ଦଳ ପାଇଁ ସର୍ବାଧିକ ରନ୍ ସ୍କୋରର୍ ମଧ ହୋଇଥିଲେ।

ଏହି ଇନିଂସ ପରେ, କୋହଲି ଅରେଞ୍ଜ କ୍ୟାପ୍ ଦୌଡ଼ରେ ଶ୍ରେଷ୍ଠ ୫ ଖେଳାଳିଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ପର୍ପଲ କ୍ୟାପ୍ ପାଇଁ ଲଢ଼େଇ ମଧ ରୋମାଞ୍ଚକର ହୋଇଗଲାଣି। ଆସନ୍ତୁ ଜାଣିବା ବର୍ତ୍ତମାନ ଅରେଞ୍ଜ ଏବଂ ପର୍ପଲ କ୍ୟାପ୍ କାହା ପାଖରେ ଅଛି ଏହି ପୁରସ୍କାର ପାଇଁ ଲଢ଼େଇରେ ସାମିଲ ଥିବା ଶ୍ରେଷ୍ଠ ୫ ଖେଳାଳି କିଏ ଏବଂ ସେମାନଙ୍କର ରେକର୍ଡ କିପରି ରହିଛି। ଅରେଞ୍ଜ କ୍ୟାପ୍ ବର୍ତ୍ତମାନ ଗୁଜରାଟ ଟାଇଟାନ୍ସ ବ୍ୟାଟସମ୍ୟାନ୍ ସାଇ ସୁଦର୍ଶନଙ୍କ ପାଖରେ ଅଛି। ସେ ୧୪ ମ୍ୟାଚ୍ ରେ ୬୭୯ ରନ୍ କରିଛନ୍ତି, ଯେଉଁଥିରେ ସେ ୫ ଅର୍ଦ୍ଧଶତକ ଏବଂ ୧ ଶତକ କରିଛନ୍ତି। ଆଇପିଏଲ ୨୦୨୫ରେ, ସେ ଏପର୍ଯ୍ୟନ୍ତ ୭୮ ଚୌକା ଏବଂ ୨୦ ଛକା ମାରିଛନ୍ତି।

ସାଇ ସୁଦର୍ଶନ (ଗୁଜରାଟ ଟାଇଟାନ୍ସ)- ୧୪ ମ୍ୟାଚ୍‌ରେ ୬୭୯ ରନ କରିଥିବାବେଳେ ଶୁଭମନ ଗିଲ୍ (ଗୁଜରାଟ ଟାଇଟାନ୍ସ)- ୧୪ ମ୍ୟାଚ୍‌ରେ ୬୪୯ ରନ୍, ସୂର୍ଯ୍ୟକୁମାର ଯାଦବ (ମୁମ୍ବାଇ ଇଣ୍ଡିଆନ୍ସ)- ୧୪ ମ୍ୟାଚ୍?ରେ ୬୪୦ ରନ୍, ମିଚେଲ୍? ମାର୍ଶ (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ)- ୧୩ ମ୍ୟାଚ୍?ରେ ୬୨୭ ରନ୍, ବିରାଟ କୋହଲି (ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର)- ୧୩ ମ୍ୟାଚ୍‌ରେ ୬୦୨ ରନ୍ କରିଛନ୍ତି।

ସେହିପରି ପର୍ପଲ କ୍ୟାପ୍ ବର୍ତ୍ତମାନ ଚେନ୍ନାଇ ସୁପର କିଙ୍ଗ୍ସ ବୋଲର ନୁର ଅହମ୍ମଦଙ୍କ ପାଖରେ ଅଛି। ସେ ୧୪ ମ୍ୟାଚ୍‌ରେ ୨୪ ୱିକେଟ୍ ନେଇଛନ୍ତି। ତଥାପି, ତାଙ୍କ ଦଳ ସିଏସ୍‌କେ ପ୍ଲେଅଫ୍ ଦୌଡ଼ରୁ ବାହାରିଯାଇଛି । ତେଣୁ ଏହି କ୍ୟାପ୍ ତାଙ୍କଠାରୁ ଶୀଘ୍ର ଚାଲିଯାଇପାରେ। ଏପର୍ଯ୍ୟନ୍ତ ସର୍ବାଧିକ ୱିକେଟ୍ ନେଇଥିବା ଶ୍ରେଷ୍ଠ ୫ ବୋଲରଙ୍କ ତାଲିକାରେ, ନୁରଙ୍କ ବ୍ୟତୀତ ସମସ୍ତଙ୍କ ଦଳ ପ୍ଲେଅଫ୍‌ରେ ପହଞ୍ଚିଛି। ନୁର ଅହମ୍ମଦ (ଚେନ୍ନାଇ ସୁପର କିଙ୍ଗ୍ସ)- ୧୪ ମ୍ୟାଚ୍‌ରେ ୨୪ ୱିକେଟ୍ ନେଇଥିବାବେଳେ ପ୍ରସିଦ୍ଧ କୃଷ୍ଣା (ଗୁଜରାଟ ଟାଇଟାନ୍ସ)- ୧୪ ମ୍ୟାଚ୍‌ରେ ୨୩ ୱିକେଟ, ଟ୍ରେଣ୍ଟ ବୋଲ୍ଟ (ମୁମ୍ବାଇ ଇଣ୍ଡିଆନ୍ସ)- ୧୪ ମ୍ୟାଚ୍‌ରେ ୧୯ ୱିକେଟ, ଜୋଶ୍ ହାଜେଲଉଡ୍ (ଆରସିବି)- ୧୦ ମ୍ୟାଚ୍‌ରେ ୧୮ ୱିକେଟ, ଅର୍ଶଦୀପ ସିଂହ (ପଞ୍ଜାବ କିଙ୍ଗସ)- ୧୪ ମ୍ୟାଚ୍‌ରେ ୧୮ ୱିକେଟ ନେଇଛନ୍ତି।

# ରୋହିତ ଓ କୋହଲିଙ୍କ ପରେ କ୍ରିକେଟରୁ ଅବସର ନେବେ ୫ ଭାରତୀୟ ଖେଳାଳି !




ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ବର୍ତ୍ତମାନ ଏକ ପାଳବଦଳର ସମୟ ମଧ ଦେଇ ଗତି କରୁଛି। ଦୀର୍ଘ ବର୍ଷ ଧରି ଭାରତୀୟ ଦଳକୁ ନେତୃତ୍ୱ ଦେଇଥିବା ଦୁଇ ଦିଗ୍ଗଜ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ରୋହିତ ୨୦୨୫ ମସିହା ମେ ୭ ତାରିଖରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ବେଳେ ବିରାଟ ମଧ ମେ ୧୨ରେ ତାଙ୍କ ଟେଷ୍ଟ କ୍ୟାରିୟରକୁ ଅଲବିଦା କହିଛନ୍ତି। ଏହି ଦୁଇ ଷ୍ଟାର ଖେଳାଳିଙ୍କ ଅବସର ପରେ ଭାରତୀୟ କ୍ରିକେଟ ଦଳରେ ଏକ ବ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହା ମଧ୍ୟରେ ଆଲୋଚନା ଜୋର ଧରିଛି ଯେ ଆଉ କେଉଁ ଖେଳାଳିମାନେ ୨୦୨୫ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇପାରନ୍ତି। ସୂଚନା ଅନୁସାରେ, ଆଉ କେତେଜଣ ବରିଷ୍ଠ ଖେଳାଳି ନିକଟ ଭବିଷ୍ୟତରେ ଅବସର ନେବାର ସମ୍ଭାବନା ରହିଛି।

**କେଉଁ ଖେଳାଳିମାନେ ଅବସର ନେଇପାରନ୍ତି:**

୧. ରବୀନ୍ଦ୍ର ଜାଡେଜା: ଭାରତୀୟ ଦଳର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ ତାଙ୍କ କ୍ୟାରିୟରର ଶେଷ ପର୍ଯ୍ୟାୟରେ ଅଛନ୍ତି। ୨୦୨୪ରେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଜାଡେଜା ଚମ୍ପିଆନ୍ସ ଟ୍ରଫି ୨୦୨୫ରେ ଭାରତକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ପୂର୍ବତନ କ୍ରିକେଟର ଆକାଶ ଚୋପ୍ରାଙ୍କ ମତରେ, ଚମ୍ପିଆନ୍ସ ଟ୍ରଫି ଜାଡେଜାଙ୍କ ଶେଷ ଆଇସିସି ଇଭେଣ୍ଟ ହୋଇପାରେ। ତାଙ୍କ ବୟସ ଓ ଦଳରେ ନୂଆ ଖେଳାଳିଙ୍କୁ ସୁଯୋଗ ଦେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାଡେଜା ଟେଷ୍ଟ କିମ୍ବା ଏକଦିବସୀୟ କ୍ରିକେଟରୁ ଅବସର ନେଇପାରନ୍ତି।

୨. ମହମ୍ମଦ ଶାମି: ଭାରତୀୟ ଦଳର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମୀ ମଧ ଅବସରର ସମ୍ଭାବନା ମଧ୍ୟରେ ଅଛନ୍ତି। ଶାମୀ ନିକଟରେ ଚମ୍ପିଆନ୍ସ ଟ୍ରଫିରେ ଦମଦାର ପ୍ରଦର୍ଶନ କରିଥିଲେ, ଯେଉଁଠାରେ ସେ ୪ଟି ମ୍ୟାଚରେ ୮ଟି ୱିକେଟ ନେଇଥିଲେ। ତଥାପି, ତାଙ୍କ ବୟସ ଓ ଶାରୀରିକ ସ୍ଥିତିକୁ ଦୃଷ୍ଟିରେ ରଖି ସେ ନିକଟ ଭବିଷ୍ୟତରେ ଅବସର ନେବା ବିଷୟରେ ଚିନ୍ତା କରିପାରନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583